# ଧରିତ୍ରୀ DHARITRI

ଭୁବନେଶ୍ୱର, ମଙ୍ଗଳବାର, ଜାନୁଆରୀ ୨୦/୨୦୨୬ (୧୪ ପୃଷ୍ଠା) | Bhubaneswar, Tuesday, January 20/2026 | Page 14 | ₹ 7.00 | DHENKANAL
୫୨ଶ ଭାଗ ୫୮ ସଂଖ୍ୟା | www.orissakhabar.com/www.dharitri.com | Printed at Angul, Bhubaneswar, Sambalpur & Rayagada | VOLUME 52 ISSUE 58 | ମୂଲ୍ୟ ₹୭/-





Celebrating
60
Years of
Anokha Swad
DIAMOND JUBILEE
KP GROUP
KAMLA PASAND
Celebrating
60
YEARS
अनोखा स्वाद
No Tobacco, No Nicotine
• Not recommended for minors
• Chewing of pan masala is injurious to health

ଧରିତ୍ରୀ 52 Years

# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଜାନୁଆରୀ ୨୦/୨୦୨୬ | Bhubaneswar, Tuesday, January 20/2026 | ପୃଷ୍ଠା-୧



GOVERNMENT OF INDIA
CBC 35101/13/0066/2526
**୧୨୫ ଦିନ**
ରୋଜଗାରର ଗ୍ୟାରେଣ୍ଟି

ବିକଶିତ ଭାରତ - ରୋଜଗାରର ଗ୍ୟାରେଣ୍ଟି ଏବଂ ଆଜୀବିକା ମିଶନ (ଗ୍ରାମୀଣ): ଭିବି - ଜି ରାମ ଜି
(ବିକଶିତ ଭାରତ - ଜି ରାମ ଜି) ଅଧିନିୟମ, ୨୦୨୫
ଏବେ ଗାଁର ଲୋକମାନେ ନିଜେ ତିଆରି କରିବେ
ବିକଶିତ ଗ୍ରାମପଞ୍ଚାୟତର ଯୋଜନା

ବିକଶିତ ଗ୍ରାମପଞ୍ଚାୟତରୁ ବିକଶିତ ଭାରତ ଅଭିମୁଖେ


# ବଡ଼ବିଲରେ ବଡ଼ ବ୍ୟାଙ୍କ ଡକାୟତି

## ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରରୁ ଲୁଟିନେଲେ ୭.୫ କୋଟିର ସୁନା ଅଳଙ୍କାର

**ବ୍ୟାଙ୍କରେ ସୁନା ଅଳଙ୍କାର ଦେଇ ଲୋକମାନେ ଋଣ ନେଉଛନ୍ତି। ଏପରି କି ଅନେକେ ବ୍ୟାଙ୍କକୁ ସୁରକ୍ଷିତ ସ୍ଥାନ ମନେକରି ନିଜର ସୁନାଅଳଙ୍କାରକୁ ବ୍ୟାଙ୍କ ଲକରରେ ରଖୁଛନ୍ତି। ହେଲେ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ଅବହେଳା ଏବଂ ସୁରକ୍ଷା ଅଭାବରୁ ବିଭିନ୍ନ ସମୟରେ ବ୍ୟାଙ୍କ ଲୁଟ୍ ହେଉଛି। ସୋମବାର କେନ୍ଦୁଝର ଜିଲା ବଡ଼ବିଲସ୍ଥିତ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରରେ ସଶସ୍ତ୍ର ଡକାୟତି ହୋଇଛି। ୫ରୁ ୬ ମୁଖାପିନ୍ଧା ଦୁର୍ବୃତ୍ତ ବନ୍ଧୁକ ମୁନରେ ୭.୫୦ କୋଟି ଟଙ୍କାର ସୁନା ଅଳଙ୍କାର ଏବଂ ୪.୩୪ ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ବଡ଼ବିଲରୁ ରାଜ୍ୟର ସବୁଠୁ ବଡ଼ ବ୍ୟାଙ୍କ ଡକାୟତି ବୋଲି କୁହାଯାଉଛି। ବ୍ୟାଙ୍କରେ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ଏବଂ ଏସ୍‌ଓପି ପାଳନ କରାଯାଇ ନ ଥିବାରୁ ଦୁର୍ବୃତ୍ତମାନେ ଡକାୟତି କରି ଫେରାର ହେବାରେ ସଫଳ ହୋଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଦୁର୍ବୃତ୍ତଙ୍କୁ ଧରିବାକୁ ଏବେ ସୀମା ସିଲ୍ କରି ବିଭିନ୍ନ ସ୍ଥାନରେ ଛାନ୍‌ଭିନ୍ ଚାଲିଥିବା ଏସ୍‌ପି କହିଛନ୍ତି।**

ବଡ଼ବିଲ,୧୯।୧(ଜୟନ୍ତୀ ରଣା)

କେନ୍ଦୁଝର ଜିଲା ବଡ଼ବିଲ ସବ୍‌ଡିଭିଜନାଲ ପୋଲିସ ଅଫିସର (ଏସ୍‌ଡିପିଓ)ଙ୍କ କାର୍ଯ୍ୟାଳୟଠାରୁ ମାତ୍ର ୨ ଶହ ମିଟର ଦୂରରେ ଥିବା ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର ବଡ଼ବିଲ ଶାଖାରେ ସୋମବାର ସଶସ୍ତ୍ର ଡକାୟତି ହୋଇଛି। ୫ ରୁ ୬ ଦୁର୍ବୃତ୍ତ ବ୍ୟାଙ୍କ ଭିତରେ ପଶି ବନ୍ଧୁକ ମୁନରେ ଷ୍ଟ୍ରଙ୍ଗରୁମ୍‌ରୁ ପ୍ରାୟ ୭.୫୦ କୋଟିର ସ୍ୱର୍ଣ୍ଣ ଅଳଙ୍କାର ଏବଂ ନଗଦ ପ୍ରାୟ ୪.୩୪ ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ଘଟଣାସ୍ଥଳରେ କେନ୍ଦୁଝର ଏସ୍‌ପିଙ୍କ ସମେତ ପୋଲିସ ଅଧିକାରୀ ପହଞ୍ଚି ତନାଘନା ଆରମ୍ଭ କରିଛନ୍ତି। ରାଜ୍ୟ ସୀମାନ୍ତକୁ ସିଲ୍ କରି ଖାନ୍‌ତଲାସି ଜାରି ରହିଥିବା ବଡ଼ବିଲ ଥାନା ଅଧିକାରୀ ଅଶୋକ ନାୟକ କହିଛନ୍ତି। ବ୍ୟାଙ୍କ ଏସ୍‌ଓପି ପାଳନ କରି ନ ଥିବା ଓ ସୁରକ୍ଷାକର୍ମୀ ନ ଥିବାରୁ ପୋଲିସ କର୍ତ୍ତୃପକ୍ଷଙ୍କୁ ତାଗିଦ କରିଛି।

ସୂଚନା ଅନୁଯାୟୀ, ବଡ଼ବିଲ-କଳିଙ୍ଗନଗର ରାସ୍ତାରେ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର ବଡ଼ବିଲ ଶାଖା ରହିଛି। ସୋମବାର ଅପରାହ୍ନରେ ୫ରୁ ୬ ବନ୍ଧୁକଧାରୀ ଦୁର୍ବୃତ୍ତ ମୁଖା, ହେଲମେଟ୍ ପିନ୍ଧି ବ୍ୟାଙ୍କ ଭିତରକୁ ପ୍ରବେଶ ☞ପୃଷ୍ଠା-୨



## ରୁଷିଆରେ ପ୍ରବଳ ତୁଷାରପାତ: ୧୩୦ ବର୍ଷର ରେକର୍ଡ ଭାଙ୍ଗିଲା

ରୁଷିଆର ଦୂର ପ୍ରାଚ୍ୟରେ ଅବସ୍ଥିତ କାମଚାଟକା ଉପଦ୍ୱୀପରେ ପ୍ରବଳ ତୁଷାରପାତ ଯୋଗୁ ସେଠାକାର ଅନେକ ସହର ବରଫ ତଳେ ଏକପ୍ରକାର ପୋତି ହୋଇଯାଇଛି। ଏଭଳି ତୁଷାରପାତ ଗତ ପ୍ରାୟ ୧୩୦ ବର୍ଷର ରେକର୍ଡ ଭାଙ୍ଗିଥିବା କେତେକ ରିପୋର୍ଟ ଦର୍ଶାଉଛି। ସେଠାକାର ରାଜଧାନୀ ପେଟ୍ରୋପାଭଲୋଭସ୍କ-କାମଚାଟସ୍କିରେ ୧୦ରୁ ୪୦ ଫୁଟ ଯାଏ ବରଫ ଜମିଯାଇଛି। ଫଳରେ ୪ ମହଲା କୋଠା ପର୍ଯ୍ୟନ୍ତ ବରଫ ମାଡ଼ି ଯାଇଛି। ଏହା ସମ୍ପୂର୍ଣ୍ଣ ଯୋଗାଯୋଗ ବ୍ୟବସ୍ଥାକୁ ଅଚଳ କରିଦେଇଥିବାବେଳେ କୋଠା ଛାତରୁ ବଡ଼ ବଡ଼ ବରଫ ଖସି କେତେଜଣ ଲୋକଙ୍କ ମୃତ୍ୟୁ ଘଟିଛି।

## ୨ ହାଇସ୍ପିଡ୍ ଟ୍ରେନ୍ ମଧ୍ୟରେ ଧକ୍କା: ୩୯ ମୃତ

ଆଡାମୁଜ୍(ସ୍ପେନ୍),୧୯।୧

ସ୍ପେନ୍‌ର ଦକ୍ଷିଣ ଭାଗରେ ଏକ ହାଇସ୍ପିଡ୍ ଟ୍ରେନ୍ ରବିବାର ରାତିରେ ଲାଇନଚ୍ୟୁତ ହୋଇ ବିପରୀତ ଦିଗରୁ ଆସୁଥିବା ଅନ୍ୟ ଏକ ଟ୍ରେନ୍‌କୁ ଧକ୍କା ଦେବାରୁ ଅନ୍ୟୂନ ୩୯ ଜଣଙ୍କ ମୃତ୍ୟୁ ଘଟିବା ସହ ୧୫୯ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୪୮ ଜଣ ହସ୍ପିଟାଲରେ ଚିକିତ୍ସିତ ହେଉଥିବାବେଳେ ୧୨ ଜଣଙ୍କୁ ଇଣ୍ଟେନ୍‌ସିଭ୍ କେୟାର ୟୁନିଟ୍ (ଆଇସିୟୁ)ରେ ରଖାଯାଇଛି। ୨୦୧୩ ପରେ ଦେଶରେ ଏହା ସବୁଠୁ ମର୍ମନ୍ତୁଦ ରେଳ ଦୁର୍ଘଟଣା। କେତେଜଣ ଆହତ ଯାତ୍ରୀଙ୍କ ଅବସ୍ଥା ଗୁରୁତର ଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ☞ପୃଷ୍ଠା-୨

## ନୀତିନ ନବୀନ ଭାଜପା ଅଧ୍ୟକ୍ଷ ନିର୍ବାଚିତ

ନୂଆଦିଲ୍ଲୀ,୧୯।୧



ଭାଜପା ନେତା ନୀତିନ ନବୀନ ସୋମବାର ନିର୍ଦ୍ୱନ୍ଦ୍ୱରେ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ନିର୍ବାଚିତ ହୋଇଛନ୍ତି। ମଙ୍ଗଳବାର ସେ ଆନୁଷ୍ଠାନିକ ଭାବେ ଦାୟିତ୍ୱ ଗ୍ରହଣ କରିବେ। ମଙ୍ଗଳବାର ପୂର୍ବାହ୍ନ ୧୧ଟା ୩୦ ମିନିଟ୍‌ରେ ଦଳ ମୁଖ୍ୟାଳୟଠାରେ ପଦବୀ ହସ୍ତାନ୍ତର ଉତ୍ସବ ଅନୁଷ୍ଠିତ ହେବ। ଏଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଏବଂ ଦଳର ଅନ୍ୟ ବରିଷ୍ଠ ନେତାମାନେ ଯୋଗଦେବେ। ଭାଜପାର ୩୬ ସାଂଗଠନିକ ରାଜ୍ୟରୁ ୩୦ଟିରେ ସଭାପତି ନିର୍ବାଚନ ଶେଷ ହେବା ପରେ ରାଷ୍ଟ୍ରୀୟ ଅଧ୍ୟକ୍ଷ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଥିଲା ବୋଲି ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ** | କୁଲି, ମୂଲିଆଙ୍କ ଦେଶ

# ୯୧କୁ ଖସିଲା ଟଙ୍କା

ମୁମ୍ବାଇ,୧୯।୧(ପି.ଟି.)

ଆମେରିକୀୟ ଡଲାର ତୁଳନାରେ ଟଙ୍କା ମୂଲ୍ୟ ସୋମବାର ୯୧ ଅତିକ୍ରମ କରିବା ପରେ ପୂର୍ବଦିନ ତୁଳନାରେ ୧୪ ପଇସା ହ୍ରାସ ପାଇ ୯୦.୯୨ରେ ସ୍ଥିର ରହିଛି। ଡଲାର ତୁଳନାରେ ଟଙ୍କା ୯୧ ମାର୍କ ଟପିବା ମାସକ ମଧ୍ୟରେ ଏହା ଦ୍ୱିତୀୟ ଘଟଣା। ବିଶ୍ୱ ବାଣିଜ୍ୟକୁ ନେଇ ଅନିଶ୍ଚିତତା ଯୋଗୁ ବିଦେଶୀ ପୁଞ୍ଜି ପ୍ରତ୍ୟାହାର ବଢ଼ିଚାଲିଥିବାବେଳେ ଟଙ୍କା ନିମ୍ନଗାମୀ ହେବାରେ ଲାଗିଛି। ଆମେରିକୀୟ ମୁଦ୍ରା ଦୁର୍ବଳ ଏବଂ ଅଶୋଧିତ ତୈଳ ଦର ହ୍ରାସ ସତ୍ତ୍ୱେ ଘରୋଇ ଷ୍ଟକ ବଜାରରେ ବିକ୍ରି ଚାପ ଯୋଗୁ ଭାରତୀୟ ମୁଦ୍ରା ନିମ୍ନଗାମୀ ହେଉଥିବା ଫରେକ୍ସ ବିଶେଷଜ୍ଞମାନେ କହିଛନ୍ତି। ଆମେରିକାର ଗ୍ରୀନ୍‌ଲାଣ୍ଡ ଅକ୍ତିଆର ଯୋଜନାକୁ ବିରୋଧ କରୁଥିବା ୟୁରୋପୀୟ ଦେଶଗୁଡ଼ିକ ଉପରେ ୧୦ ପ୍ରତିଶତ ଟାରିଫ୍ ଲଗାଇବେ ବୋଲି ରାଷ୍ଟ୍ରପତି ☞ପୃଷ୍ଠା-୨


SIKSHA 'O' ANUSANDHAN
(DEEMED TO BE UNIVERSITY)

Empowering students for a brighter future

LAW PROGRAMMES
- B.A. LL.B. (H) - Integrated
- BBA LL.B. (H) - Integrated
- LL.M. - 1 Year

APPROVAL & RECOGNITIONS
- Approved by UGC and BCI
- Re-accredited by NAAC with A++ Grade
- Granted with Category-1 Graded Autonomy by UGC

NIRF INDIA RANKINGS 2025
- 15th Best in University Category
- 10th Best in Law Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through CLAT 2026, Please visit: www.soa.ac.in



evos ALCHEMY Presents
OTV Odisha TV Foresight
Changing Times. Changing Minds
Co-Powered by SNM GROUP | Supported by MGM MINERALS LTD. | Co-Supported by ODM EDUCATIONAL GROUP, JINDAL STEEL

16th OTV Annual Convention
LIVE




ସିଧା ପ୍ରସାରଣ
ଆଜି ସକାଳ ୧୦ଟା ରେ
www.odishatv.in/foresight | Follow Us

Associate sponsors: SAI International School, SAI International Residential School, Paradeep Phosphates, CGU Odisha
Participants: SREE METALIKS, MCL Mahanadi Coalfields Limited, JSW BPSL Better Everyday, नालको NALCO, vedanta transforming for good

# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ମନନ ନାଟ୍ୟ ସଂସ୍ଥା ପକ୍ଷରୁ ଫାଉଣ୍ଡେଶନ୍ ଡେ ପାଳନ ଅବସରରେ ଡ୍ରାମା ଫେଷ୍ଟିଭାଲ୍, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ତ୍ରିବେଣୀ ମହୋତ୍ସବ, ସ୍ଥାନ: ତ୍ରିବେଣୀ ପଡ଼ିଆ, ଅନ୍ତର୍ବେଦୀ ପୀଠ ନିକଟ, ବନମାଳୀପୁର, ସମୟ: ସନ୍ଧ୍ୟା ୭ଟା।

**କଟକ**
- ଉତ୍କଳ ରଜକ କଲ୍ୟାଣ ସମାଜ ପକ୍ଷରୁ ପୋଙ୍ଗଲ ପୂଜା ଓ ପ୍ରତିଷ୍ଠା ଦିବସ, ସ୍ଥାନ: କମ୍ୟୁନିଟି ସେଣ୍ଟର, ବିଦ୍ୟାଧରପୁର, ସମୟ: ପୂର୍ବାହ୍ନ ୧୦ଟା।
- ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଏକାଦଶ ଦିବସ, ସ୍ଥାନ: ରେଭେନ୍ସା ବିଶ୍ୱବିଦ୍ୟାଳୟର ମୁଖ୍ୟ କ୍ୟାମ୍ପସ ଖେଳପଡ଼ିଆ, ସମୟ: ମଧ୍ୟାହ୍ନ ୧୨ଟା।
- ସିଂଘଲ ପରିବାର ପକ୍ଷରୁ ଶ୍ରୀମଦ ଭାଗବତ କଥା ଜ୍ଞାନଯଜ୍ଞର ଷଷ୍ଠ ଦିବସ, ସ୍ଥାନ: ଜେବିଏସ ଗାର୍ଡେନ, ତୁଳସୀ ପୁର, ସମୟ: ଅପରାହ୍ନ ୩ଟା।
- ରାଜ୍ୟ ଶିଶୁ ସୁରକ୍ଷା ଆୟୋଗ ଅଧ୍ୟକ୍ଷାଙ୍କ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୪ଟା।
- କବୟିତ୍ରୀ କବିତା ମିଶ୍ରଙ୍କ ମଧ୍ୟରେଖା କବିତା ପୁସ୍ତକର ଉନ୍ମୋଚନ ଉତ୍ସବ, ସ୍ଥାନ: କାଳୀ ଭବନ, ଖାନନଗର, ସମୟ: ଅପରାହ୍ନ ୫ଟା।
- କଳିଙ୍ଗ ଭାରତୀ ଉତ୍କଳ ଛାତ୍ର ସାହିତ୍ୟ ସମାଜ ପକ୍ଷରୁ ଗୁରୁ ବିଚ୍ଛନ୍ଦ ଚରଣ ପଟ୍ଟନାୟକଙ୍କ ଜୟନ୍ତୀରେ ସାରସ୍ୱତ ମହୋତ୍ସବର ତୃତୀୟ ଦିବସ, ସ୍ଥାନ: ଭଞ୍ଜ ମଣ୍ଡପ, ମିଶନ ରୋଡ୍, ସମୟ: ସନ୍ଧ୍ୟା ୬ଟା।

**ଖୋର୍ଦ୍ଧା**
- ଜଟଣୀ ପୌରପରିଷଦ ସ୍ତରୀୟ ସାମୂହିକ ବନ୍ଦେ ମାତରମ୍ ଗାନ ଏବଂ ପୁରସ୍କାର ବିତରଣ କାର୍ଯ୍ୟକ୍ରମ, ସ୍ଥାନ: ଟାଉନ ହଲ୍, ଜଟଣୀ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବାପା ମା' ସେବାଶ୍ରମ ଟ୍ରଷ୍ଟର ପଞ୍ଚମ ବାର୍ଷିକ ଉତ୍ସବ, ସ୍ଥାନ: ସେବାଶ୍ରମ ପରିସର, ଡିରିମିଲ, ରାଣୀପୁର, ଜଟଣୀ, ସମୟ: ଅପରାହ୍ନ ୧ଟା।

**ବ୍ରହ୍ମପୁର**
- ମେଗା ରକ୍ତଦାନ ଶିବିର, ସ୍ଥାନ: ତୁଳସୀ ନଗର,ସମୟ: ସକାଳ ୮ଟା।

**ଗଞ୍ଜାମ**
- ବେଠିଆବୋରଦା ସ୍କୁଲର ବାର୍ଷିକୋତ୍ସବ, ସ୍ଥାନ: ବୁଗୁଡ଼ା ବ୍ଲକ୍, ବେଠିଆବୋରଦା ସ୍କୁଲ, ସମୟ: ପୂର୍ବାହ୍ନ ୧୦ ଟା।
- ନିଷ୍ଟ ବିଶ୍ୱବିଦ୍ୟାଳୟର ୨୯ ପ୍ରତିଷ୍ଠା ଦିବସ, ସ୍ଥାନ: ବିଶ୍ୱବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ ଟା।

**ଢେଙ୍କାନାଳ**
- ନିଯୁକ୍ତି ମେଳା ୨୦୨୫-୨୦୨୬, ସ୍ଥାନ: ଭୁବନ ବାଜି ରାଉତ ସ୍ମୃତି ମହାବିଦ୍ୟାଳୟ, ସମୟ: ସକାଳ ୯ଟା।
- ଢେଙ୍କାନାଳ ମହୋତ୍ସବ ଉଦ୍‌ଘାଟନ, ସ୍ଥାନ: ଢେଙ୍କାନାଳ ମହିଷାପାଟ ପଲ୍ଲିଶ୍ରୀ ମେଳାପଡ଼ିଆ, ସମୟ: ସନ୍ଧ୍ୟା ୬ଟା।
- ଜିଲାସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ ଉଦ୍‌ଘାଟନ, ସ୍ଥାନ: ଢେଙ୍କାନାଳ ବାରାଦା ମାତୃଭବନ, ସମୟ: ପୂର୍ବାହ୍ନ ୧୧ଟା।
- ଭାଜପା ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଢେଙ୍କାନାଳ ଜିଲା ଭାଜପା କାର୍ଯ୍ୟାଳୟ, ସମୟ-ପୂର୍ବାହ୍ନ ୧୧ଟା।

**ଜଗତ୍‌ସିଂହପୁର**
- କୋଷ୍ଟଗାର୍ଡର ୫୦ ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ ଛାତ୍ରୀଛାତ୍ରଙ୍କୁ ନେଇ ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ: କେନ୍ଦ୍ରୀୟ ବିଦ୍ୟାଳୟ, ମଧୁବନ, ପାରାଦୀପ, ସମୟ: ସକାଳ ୯ଟା।
- ପାରାଦୀପ ପୌରପରିଷଦ ପକ୍ଷରୁ ବନ୍ଦେ ମାତରମ ୧୫୦ତମ ପୂର୍ତ୍ତି ଉପଲକ୍ଷେ ସାଧାରଣ ସଭା ଓ କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମ, ସ୍ଥାନ: ଜୟଦେବ ଭବନ, ବଡ଼ପଡ଼ିଆ,ପାରାଦୀପ, ସମୟ: ପୂର୍ବାହ୍ନ ୧୧ଟା।

**କେନ୍ଦ୍ରାପଡ଼ା**
- ତ୍ରିବେଣୀ ମେଳା ରୁଦ୍ର ଶାନ୍ତି ଯଜ୍ଞ, ସ୍ଥାନ: ଆଟେଶ୍ୱର ଶୈବ ପୀଠ,ଜଗନ୍ନାଥପୁର, ଡେରାବିଶ, ସମୟ: ସକାଳ ୭ଟା।
- ସାର୍ବଜନିନ ଗଙ୍ଗା ପୂଜା, ମକର ମେଳା ଓ କ୍ରିକେଟ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ପାଞ୍ଚଗୋଛିଆ, ବେଣାକନ୍ଦା, ସୁନିତୀ, ମହାକାଳପଡା, ସମୟ: ସକାଳ ୯ଟା।
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଢ଼ୋଲ, ଜମରା, କେନ୍ଦ୍ରାପଡା, ସମୟ: ସନ୍ଧ୍ୟା ୬ଟା।
- ମକର ମହୋତ୍ସବ, ସ୍ଥାନ: ବିଲେଇସୁଣୀ ମକର ପଡିଆ, ପଳସୁଧା, ଗରଦପୁର, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀ କୃପାସିନ୍ଧୁ ଦାସ ବାବାଜୀ ମହାରାଜ (ଅଖା ବାବା)ଙ୍କ ସ୍ମରଣୋତ୍ସବ, ସ୍ଥାନ: ଶ୍ରୀ ନାମବ୍ରହ୍ମ ସେବାଶ୍ରମ, ଜେନାପାଟଣା, ପୁରୁଷୋତ୍ତମପୁର, ଦୁତିଆଳ, କେନ୍ଦ୍ରାପଡା, ସମୟ: ସନ୍ଧ୍ୟା ୬ଟା।

**ନୟାଗଡ଼**
- ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ପାଇଁ ରଥକାଠ ପୂଜାର୍ଚ୍ଚନା, ସ୍ଥାନ: ଦଶପଲ୍ଲା ମହାବୀର ମନ୍ଦିର, ସମୟ: ସକାଳ ୭ଟା।
- ଖଣ୍ଡପଡା ବିଧାୟକଙ୍କ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ:ଭାପୁର ପୂର୍ତ୍ତ ବିଭାଗ ଡାକ ବଙ୍ଗଳା, ସମୟ:ପୂର୍ବାହ୍ନ ୧୦ଟା।
- ବନ୍ଦେ ମାତରମ୍‌ର ୧୫୦ତମ ବାର୍ଷିକୀ ଅବସରରେ ବ୍ଲକସ୍ତରୀୟ ଉତ୍ସବ, ସ୍ଥାନ: ନୟାଗଡ଼ ବ୍ଲକ ଇଟାମାଟି ଇନ୍‌ଡୋର ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା।
- ଓଡଗାଁ ଏନ୍‌ଏସି ପକ୍ଷରୁ ବନ୍ଦେ ମାତରମ୍‌ର ୧୫୦ତମ ବାର୍ଷିକୀ ଅବସରରେ ଉତ୍ସବ, ସ୍ଥାନ: ଓଡଗାଁ ସରକାରୀ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।
- ରବୀନ୍ଦ୍ର ମେମୋରିଆଲ କ୍ରିକେଟ ଟୁର୍ଣ୍ଣମେଣ୍ଟର ୫ମ ଦିବସ ମ୍ୟାଚ ଗୋପୀନାଥପୁର ବନାମ କର୍ଣ୍ଣିଲୋ ଲାଇଫଟାଇମ କ୍ରିକେଟ କ୍ଲବ, ସ୍ଥାନ: କର୍ଣ୍ଣିଲୋ ନୀଳମାଧବ ମହାବିଦ୍ୟାଳୟ ଖେଳପଡିଆ, ସମୟ: ପୂର୍ବାହ୍ନ ୧୧ଟା।
- ସଚିନ ଓ ଲିପୁନ୍ ୨୮ତମ ସ୍ମାରକୀ କ୍ରିକେଟର ନବମ ଦିବସର ୩ୟ ସେମି ଫାଇନାଲ ମ୍ୟାଚରେ ଶାଳଝରିଆ ବନାମ ଢ଼ୋଲମରା କ୍ରିକେଟ କ୍ଲବ, ସ୍ଥାନ: ଖଣ୍ଡପଡା ବ୍ଲକ ସିଦ୍ଧାମୂଳାସ୍ଥ ଗୋକୁଳାନନ୍ଦ ଏମ୍‌ଇ ସ୍କୁଲ ପଡିଆ, ସମୟ: ମଧ୍ୟାହ୍ନ ୧୨ଟା।
- ସର୍ବଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ୨ୟ ଦିବସ ମ୍ୟାଚରେ ଭୁବନେଶ୍ୱରର ୟୁନାଇଟେଡ ୟୁଥ୍ କ୍ଲବ ଗଣ୍ଡରପୁର ବନାମ ଏସ୍‌ଜେସି ଫୁଟବଲ କାଲିକଟ କେରଳ, ସ୍ଥାନ:ନୟାଗଡ଼ ଖେଳ ପଡିଆ, ସମୟ: ଅପରାହ୍ନ ୩ଟା।

**ରାୟଗଡ଼ା**
- ରାଷ୍ଟ୍ରୀୟ ସଙ୍ଗୀତ ବନ୍ଦେ ମାତରମ୍ ୧୫୦ ବର୍ଷ ପାଳନ, ସ୍ଥାନ: ଗୁଡାରି ନିଗାମନ ସାହି କଲ୍ୟାଣ ମଣ୍ଡପ, ସମୟ: ସକାଳ ୯ଟା।
- ବ୍ଲକ କଂଗ୍ରେସର ମିଶ୍ରଣ ପର୍ବ, ସ୍ଥାନ: ଇଚିପିପୁଟ, କଲ୍ୟାଣସିଂହପୁର, ସମୟ: ପୂର୍ବାହ୍ନ ୧୦ ଟା।
- ରାଷ୍ଟ୍ର ଗୀତ ବନ୍ଦେ ମାତରମ୍ ୧୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ସାମୂହିକ ରାଷ୍ଟ୍ରଗୀତ ଗାନ ସ୍ଥାନ: ଗୁଣପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

**ନବରଙ୍ଗପୁର**
- ସାମୁହିକ ବନ୍ଦେ ମାତରମ୍ ଗାନ, ସ୍ଥାନ: ଉମରକୋଟ ମିନି ଷ୍ଟାଡିୟମ, ସମୟ: ସକାଳ ୯ଟା।
- ଜିଲାସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ, ସ୍ଥାନ: ନବରଙ୍ଗପୁର ଆର୍‌ସିଡି ହାଇସ୍କୁଲ ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।
- ଏକ୍ସ ବୋର୍ଡ଼ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶତବାର୍ଷିକ ଉତ୍ସବ, ସ୍ଥାନ: କୋଷାଗୁମୁଡ଼ାସ୍ଥିତ ବିଦ୍ୟାଳୟ ପରିସର, ସମୟ: ଅପରାହ୍ନ ୨ଟା।

**କୋରାପୁଟ**
- କୋଟପାଡ଼ ମହାବିଦ୍ୟାଳୟ ବାର୍ଷିକ ଉତ୍ସବ, ସ୍ଥାନ: କଲେଜ ପରିସର, କୋଟପାଡ଼, ସମୟ: ପୂର୍ବାହ୍ନ ୧୧ଟା।

**ମାଲକାନଗିରି**
- ବିଜ୍ଞାନ ମେଳା, ସ୍ଥାନ: ଲକ୍ଷ୍ମଣ ନାୟକ ଇଂଲିଶ ମିଡିୟମ ସ୍କୁଲ, କାଲିମେଲା, ସମୟ: ପୂର୍ବାହ୍ନ ୧୦ଟା।
- ପିଏମ୍‌ଶ୍ରୀ ଉତ୍ସବ, ସ୍ଥାନ: ଏସ୍‌ଏସ୍‌ଡି ବାଳିକା ଉଚ୍ଚ ବିଦ୍ୟାଳୟ, କାଲିମେଲା, ସମୟ: ପୂର୍ବାହ୍ନ ୧୧ଟା।

**ସମ୍ବଲପୁର**
- ସମ୍ବଲପୁରୀ ଧନୁଯାତ୍ରାର ନନ୍ଦ ଉତ୍ସବ କାର୍ଯ୍ୟକ୍ରମ, ସ୍ଥାନ : ଚାଉଁରପୁର ଗ୍ରାମ, ସମୟ : ସକାଳ ୯ଟା।
- ସମ୍ବଲପୁରୀ ଧନୁଯାତ୍ରା ମହୋତ୍ସବ କମିଟି ପକ୍ଷରୁ କଂସ ମହାରାଜଙ୍କ ନଗର ପରିକ୍ରମା, ସ୍ଥାନ : କ୍ଷେତରାଜପୁର ଅଞ୍ଚଳ, ସମୟ : ଅପରାହ୍ନ ୩ଟା।
- ସମ୍ବଲପୁରୀ ଧନୁଯାତ୍ରାର କଂସ ଦରବାରରେ ବିବିଧ କାର୍ଯ୍ୟକ୍ରମ, ସ୍ଥାନ : ଗଙ୍ଗାଧର ମୁକ୍ତ ମଣ୍ଡପ, ସମୟ : ସମୟ: ସନ୍ଧ୍ୟା ୬ଟା।

**ବଲାଙ୍ଗୀର**
- ବଲାଙ୍ଗୀର ଲୋକ ଉତ୍ସବର ଦ୍ୱିତୀୟ ଦିନ, ଜିଲାସ୍ତରୀୟ ଲୋକଗୀତ ପ୍ରତିଯୋଗିତା, ସ୍ଥାନ: ପୁରୁଣା ମଞ୍ଚ, କୋଶଳ କଳା ମଣ୍ଡଳ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା।
- ବଲାଙ୍ଗୀର ଲୋକସଂସ୍କୃତିରେ ଲୋକନୃତ୍ୟ ନଚନିଆଁ ସମ୍ମାନ କାର୍ଯ୍ୟକ୍ରମ, ସ୍ଥାନ: ଟାଉନ ବାଳିକା ହାଇସ୍କୁଲ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା।
- ଲୋଇସିଂହା ବ୍ଲକସ୍ତରୀୟ ବନ୍ଦେମାତରମ୍ କାର୍ଯ୍ୟକ୍ରମ, ସ୍ଥାନ: ବ୍ଲକ୍ ପରିସର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବ୍ଲକସ୍ତରୀୟ ସାମୁହିକ ରାଷ୍ଟ୍ରୀୟ ଗୀତ ବନ୍ଦେ ମାତରମ ଗାନ, ସ୍ଥାନ: ତୁରେକେଲା ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ବିଶାଳ ହିନ୍ଦୁ ସମ୍ମିଳନୀ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଶ୍ରୀହରି ଭବନ, କଣ୍ଟାବାଞ୍ଜି, ସମୟ: ଅପରାହ୍ନ ୩ଟା।
- ଲୋକ ଉତ୍ସବ ସାଂସ୍କୃତିକ ସଭା, ସ୍ଥାନ: ନୂଆମଞ୍ଚ, କୋଶଳ କଳାମଣ୍ଡଳ, ବଲାଙ୍ଗୀର, ସମୟ: ସନ୍ଧ୍ୟା ୬ଟା।

**ସୁନ୍ଦରଗଡ଼**
- ମହାବୀର ସେବା ଟ୍ରଷ୍ଟ ପକ୍ଷରୁ ନୂତନ ହନୁମାନ ମନ୍ଦିରର ତିନି ଦିବସୀୟ ପ୍ରତିଷ୍ଠା ଉତ୍ସବ, ରତ୍ନ ମୁଦ ପୂଜା, ସ୍ଥାନ: ଅଟଳ ଛକ, ସମୟ: ସକାଳ ୯ଟା ୩୦।
- ଅଙ୍କୁରାରୋପଣ ଓ କଳସ ଅଧିବାସ, ଭଜନ ସନ୍ଧ୍ୟା, ସ୍ଥାନ: ଅଟଳ ଛକ, ସମୟ:ଅପରାହ୍ନ ୪ଟା୩୦।

**ବରଗଡ଼**
- ଧାନବିକ୍ରି ଅବ୍ୟବସ୍ଥା ନେଇ କଂଗ୍ରେସର ଚାଷୀ ସମାବେଶ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ପିଏମଶ୍ରୀ ଉତ୍ସବ, ସ୍ଥାନ: ରାଣାପ୍ରତାପ ହାଇସ୍କୁଲ ପଡ଼ିଆ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।

**କଳାହାଣ୍ଡି**
- ବନ୍ଦେ ମାତରମ୍ ସାମୂହିକ ଗାନ କାର୍ଯ୍ୟକ୍ରମ, ସ୍ଥାନ: ଭବାନୀପାଟଣା ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ, ସ୍ଥାନ: ଭବାନୀପାଟଣା ବ୍ରଜମୋହନ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ବନ୍ଦେ ମାତରମ କାର୍ଯ୍ୟକ୍ରମ, ସ୍ଥାନ: କେସିଙ୍ଗା ସହରସ୍ଥିତ ସରକାରୀ ବିଦ୍ୟାପୀଠ, ସମୟ: ପୂର୍ବାହ୍ନ ୧୧ଟା।

**ବୌଦ୍ଧ**
- ନବମ ଗଡ଼ଜାତ ଲୋକ ମହୋତ୍ସବର ତୃତୀୟ ଦିବସ, ସ୍ଥାନ: ସାଧୁଚରଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଖେଳ ପଡିଆ, ବୀରନରସିଂହପୁର, ହରଭଙ୍ଗା ବ୍ଲକ, ବୌଦ୍ଧ, ସମୟ: ସନ୍ଧ୍ୟା ୭ଟା।

**ଦେବଗଡ଼**
- ଜାତୀୟ ସଡ଼କ ସୁରକ୍ଷା ମାସ ପାଳନ, ସ୍ଥାନ: ଉପଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ସକାଳ ୮ଟା।
- ଉତ୍ସବ ପ୍ରଧାନପାଟ ୨୦୨୬ ତୃତୀୟ ସନ୍ଧ୍ୟା, ସ୍ଥାନ: ପ୍ରଧାନପାଟ ରୋଡ୍ ବଡବଗିଚା, ସମୟ: ଅପରାହ୍ନ ୫ଟା।
- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି ମା'ଙ୍କ ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।

**ସୁବର୍ଣ୍ଣପୁର**
- ପାତଳି ଶ୍ରୀକ୍ଷେତ୍ରରେ ନାମଯଜ୍ଞର ଦ୍ୱିତୀୟ ଦିବସ, ସ୍ଥାନ: ପାତାଳି ଶ୍ରୀକ୍ଷେତ୍ର, କୋଟସମଲାଇ, ଉଲୁଣ୍ଡା ବ୍ଲକ, ସମୟ: ସକାଳ ୭ଟା।
- ସର୍ବଭାରତୀୟ ଲାଲମନି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ମ୍ୟାଚ୍, ସ୍ଥାନ:ସୋନପୁର ଗାନ୍ଧୀ ଷ୍ଟାଡିୟମ, ସମୟ: ସକାଳ ୯ଟା।
- ନବାହ ପାରାୟଣ, ସ୍ଥାନ: ମେଟାକାନୀ ମନ୍ଦିର, ଘିଚାପାଲି ଛକ, ବୀରମହାରାଜପୁର ବ୍ଲକ, ସମୟ: ସକାଳ ୯ଟା।
- କଇରାଝୁଲି ୟୁପି ସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ସ୍କୁଲ ପରିସର, ଉଲୁଣ୍ଡା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା୩୦।
- ତରଭା ବ୍ଲକସ୍ତରୀୟ ଓ୍ୱାଟରସେଡ୍ ମହୋତ୍ସବ, ସ୍ଥାନ: କମସରା ଫୁଟବଲ ପଡିଆ, ସମୟ: ପୂର୍ବାହ୍ନ ୧୧ଟା।
- ସ୍ୱତନ୍ତ୍ର ପୂଜାର୍ଚ୍ଚନା, ସ୍ଥାନ: ଗୌଡ଼ଗାଡ ଶିବ ମନ୍ଦିର, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ବୀରମହାରାଜପୁର ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ହାଇସ୍କୁଲ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ବୀରମହାରାଜପୁର ବ୍ଲକସ୍ତରୀୟ ବନ୍ଦେ ମାତରଂ କାର୍ଯ୍ୟକ୍ରମ, ସ୍ଥାନ: ବ୍ଲକ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।
- କେନ୍ଦୁପାଲି ସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: କେନ୍ଦୁପାଲି ହାଇସ୍କୁଲ, ବୀରମହାରାଜପୁର, ସମୟ: ମଧ୍ୟାହ୍ନ ୧୨ଟା।
- ବୀରମହାରାଜପୁର ଲୋକମହୋତ୍ସବ ମାଳେଶ୍ରୀର ତୃତୀୟ ପ୍ରସ୍ତୁତି ବୈଠକ, ସ୍ଥାନ: ମୈତ୍ରୀ ସଦନ, ବୀରମହାରାଜପୁର, ସମୟ: ଅପରାହ୍ନ ୩ଟା।
- ସୁବର୍ଣ୍ଣପୁରର ଇଷ୍ଟଦେବୀ ସୁରେଶ୍ୱରୀଙ୍କ ସନ୍ଧ୍ୟା ଆଳତୀ ଓ ବିଶେଷ ପୂଜା, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।
- ତରଭା ମା' ପାଟ ମାହେଶ୍ୱରୀ ମନ୍ଦିରରେ ସନ୍ଧ୍ୟା ଆଳତୀ ଓ ପୂଜାର୍ଚ୍ଚନା, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।
- ଅଷ୍ଟ ପ୍ରହର ନାମଯଜ୍ଞ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଅମରପାଲି, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।

**ନୂଆପଡ଼ା**
- ଜିଲାସ୍ତରୀୟ କୃଷି ମହୋତ୍ସବ ଓ କୃଷି ଯନ୍ତ୍ରପାତି ମେଳା ଉଦ୍‌ଯାପନ, ସ୍ଥାନ: ପୋଲିସ ପଡିଆ ନୂଆପଡ଼ା, ସମୟ: ସନ୍ଧ୍ୟା ୬ଟା।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଓଦା ଗୋଡ଼େ ଭୁଞ୍ଜିବ**
**ଓଦା ଗୋଡ଼ଟିରେ ଶୋଇଲେ**
**ମହାଦୋଷ ଥାଏ ଏ ମହୀରେ।**

ହାତଗୋଡ଼ ଧୋଇକରି ଭୋଜନକରିବା ଦ୍ୱାରା ମଣିଷ ଦୀର୍ଘାୟୁ ହୋଇଥାଏ। ପରନ୍ତୁ ଓଦା ଗୋଡ଼ରେ ଶୋଇଲେ ମହାପାତକ ଲାଗୁଥିବାର ଜଣାଯାଇଥାଏ। ତେଣୁ ସର୍ବଦା ଓଦାଗୋଡ଼ ପୋଛି ଶୟନ କରିବା ଉଚିତ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଓଳି ତଳେ**
**ଠିଆ ନ ହେବ ସନ୍ଧ୍ୟାକାଳେ।**

ସାଧାରଣତଃ ସନ୍ଧ୍ୟା ସମୟରେ ବିଭିନ୍ନ ଜନ୍ତୁଙ୍କ ଆତଯାତ ହୋଇଥାଏ। ତେଣୁ ସୁରକ୍ଷା ଦୃଷ୍ଟିରୁ ସନ୍ଧ୍ୟା ସମୟରେ ଓଳି ତଳେ ଠିଆ ନ ହେବା ଲାଗି ଏଠାରେ ପରାମର୍ଶ ଦିଆଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

ପ୍ରଥମ ପୃଷ୍ଠାରୁ...

## ବଡ଼ବିଲରେ ବଡ଼...

କରିଥିଲେ। ଏହି ସମୟରେ ବ୍ୟାଙ୍କ ବିଏମ୍ (ବ୍ରାଞ୍ଚ ମ୍ୟାନେଜର) ପଙ୍କଜ ବର୍ଣ୍ଣୱାଲ ଏବଂ କ୍ୟାଶିୟର ଦାୟିତ୍ୱରେ ଥିବା ବ୍ୟାଙ୍କର ଏବିଏମ୍ ପ୍ରିୟମ ରଞ୍ଜନ ହୋତା କାର୍ଯ୍ୟରତ ଥିଲେ। ଭିତରେ ୪ରୁ ୫ ଜଣ ଗ୍ରାହକ ମଧ୍ୟ ଥିଲେ। ଦୁର୍ବୃତ୍ତ ବନ୍ଧୁକ ଦେଖାଇ ୨ ବ୍ୟାଙ୍କ ଅଧିକାରୀ ଓ ଗ୍ରାହକଙ୍କୁ ଭୟଭୀତ କରି ସମସ୍ତଙ୍କ ନିକଟରୁ ପ୍ରଥମେ ମୋବାଇଲ ନେଇଯାଇଥିଲେ। ଏହି ସମୟରେ ବ୍ୟାଙ୍କ ଭିତରକୁ ଏକ ସଂସ୍ଥାର ଆକାଉଣ୍ଟାଣ୍ଟ ସୁବାସ ଅଧିକାରୀ ପ୍ରବେଶ କରୁଥିବାବେଳେ ତାଙ୍କୁ ମଧ୍ୟ ଦୁର୍ବୃତ୍ତ କଲାର ଧରି ଟାଣି ନେଇ ମୋବାଇଲ ଛଡ଼ାଇ ନେଇଥିଲେ। ପରେ ସମସ୍ତଙ୍କୁ ଏକ ରୁମ୍‌ରେ ଭର୍ତ୍ତି କରି ବନ୍ଦ କରିଦେଇଥିଲେ। ବ୍ୟାଙ୍କର ୨ ଅଧିକାରୀଙ୍କୁ ନେଇ ଷ୍ଟ୍ରଙ୍ଗ୍ ରୁମ୍ ଖୋଲି ପ୍ରାୟ ୫ କିଲୋଗ୍ରାମ ସ୍ୱର୍ଣ୍ଣ ଅଳଙ୍କାର ଏବଂ ନଗଦ ପ୍ରାୟ ୪.୩୪ ଲକ୍ଷ ଟଙ୍କା ନେଇଯାଇଥିଲେ। ଲୁଟ୍ ହୋଇଥିବା ଅଳଙ୍କାରର ଆନୁମାନିକ ମୂଲ୍ୟ ପ୍ରାୟ ୭.୫୦ କୋଟି ଟଙ୍କା ହେବ ବୋଲି ପୋଲିସ କହିଛି। ଦୁର୍ବୃତ୍ତମାନେ ପ୍ରାୟ ୨୦ରୁ ୨୫ ମିନିଟ୍ ଧରି ବ୍ୟାଙ୍କ ଭିତରେ ରହି ଆତଙ୍କ ଖେଳାଇଥିବା ବେଳେ ଅପରାହ୍ନ ୨ଟା ୩୦ରେ ସେଠାରୁ ପଳାଇଥିଲେ। ଖବର ପାଇ କେନ୍ଦୁଝର ଏସ୍‌ପି ନୀତିନ କୁଶଲକର ଦାଗୁଡୁ, ବଡ଼ବିଲ ଏସ୍‌ଡିପିଓ ଦେବେନ୍ଦ୍ରନାଥ ପିଙ୍ଗୁଆ, ବଡ଼ବିଲ ଆଇଆଇସି ନାୟକ ଓ ଯୋଡ଼ା ଆଇଆଇସି ପ୍ରଶାନ୍ତ କୁମାର ସାମଲ ସଦଳବଳ ପହଞ୍ଚିଥିଲେ। ବ୍ୟାଙ୍କ ତଥା ଆଖପାଖ ଅଞ୍ଚଳରେ ଥିବା ସିସି କ୍ୟାମେରାଗୁଡ଼ିକୁ ଯାଞ୍ଚ କରିଥିଲେ। ଏଥିସହ ପୋଲିସ ବିଭିନ୍ନ ସ୍ଥାନରେ ଯାନବାହନଗୁଡ଼ିକର ଖାନ୍‌ତଲାସି ଜାରି ରଖିବା ସହ ରାଜ୍ୟ ସୀମାନ୍ତକୁ ସିଲ୍ କରି ତଦନ୍ତ କରୁଛି। ଡକାୟତି ସମୟରେ ବ୍ୟାଙ୍କର ସାଇରନ କାହିଁକି ବାଜିଲା ନାହିଁ, ବ୍ୟାଙ୍କର ତଳିଆ କର୍ମଚାରୀଙ୍କ ଅନୁପସ୍ଥିତି, କ୍ୟାଶିୟର ଛୁଟିରେ ଥିବାବେଳେ ଡକାୟତି ଘଟଣାକୁ ପୋଲିସ ତଦନ୍ତ ପରିସରକୁ ଆଣି ବ୍ୟାଙ୍କର କର୍ମଚାରୀଙ୍କୁ ପଚରାଉଚରା କରୁଛି। ବ୍ୟାଙ୍କରୁ ଡକାୟତି ଖବର ଚାରିଆଡ଼େ ପ୍ରଚାରିତ ହେବା ପରେ ସୁନା ଅଳଙ୍କାର ବନ୍ଧା ପକାଇ ଋଣ ନେଇଥିବା ଲୋକେ ବ୍ୟାଙ୍କ ସମ୍ମୁଖରେ ପହଞ୍ଚି କିଭଳି ସୁନା ଅଳଙ୍କାର ଫେରିପାଇବେ ସେ ନେଇ ଚିନ୍ତା ପ୍ରକଟ କରିଛନ୍ତି। ଖବର ଲେଖାହେବା ପର୍ଯ୍ୟନ୍ତ ପୋଲିସ ଦୁର୍ବୃତ୍ତଙ୍କ ଟେର୍ ପାଇବାରେ ବିଫଳ ହୋଇଛି।

ଥାନା ଅଧିକାରୀ ନାୟକ କହିଛନ୍ତି, ପୋଲିସ ଖବର ପାଇବା ମାତ୍ରେ ଘଟଣାସ୍ଥଳରେ ପହଞ୍ଚିଛି। ଗତ ଅକ୍ଟୋବରରେ ସମସ୍ତ ବ୍ୟାଙ୍କକୁ ନେଇ ଏକ କର୍ମଶାଳାର ଆୟୋଜନ କରାଯାଇଥିଲା। ସେଥିରେ ବ୍ୟାଙ୍କରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବାକୁ ବିଭିନ୍ନ ଏସ୍‌ଓପି(ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜ୍ୟୁର) ଲାଗୁ କରାଯାଇଥିଲା। ମାତ୍ର ଲୁଟ୍ ହୋଇଥିବା ବ୍ୟାଙ୍କ କର୍ତ୍ତୃପକ୍ଷ କୌଣସି ଗୋଟିଏ ହେଲେ ଗାଇଡ୍‌ଲାଇନ ପାଳନ କରିନାହାନ୍ତି। ଠିକ୍ ନଗଦ ଟଙ୍କା ଓ ସ୍ୱର୍ଣ୍ଣ ଅଳଙ୍କାରର ହିସାବ ଚାଲିଥିବାରୁ ବ୍ୟାଙ୍କର କର୍ତ୍ତୃପକ୍ଷ ଏତଲା ଦେଇ ନ ଥିବା ଥାନା ଅଧିକାରୀ କହିଛନ୍ତି। ସୂଚନାଥାଉକି, ବ୍ୟାଙ୍କରେ ମୋଟ କର୍ମଚାରୀ ସଂଖ୍ୟା ୪ ଥିବା ବେଳେ ତନ୍ମଧ୍ୟରୁ ଜଣେ ବିଏମ୍, ଜଣେ ଏବିଏମ୍, ଜଣେ କ୍ୟାଶିୟର ଓ ଜଣେ ତଳିଆ କର୍ମଚାରୀ। ସୋମବାର କ୍ୟାଶିୟର ଛୁଟିରେ ଥିବାବେଳେ ଏବିଏମ କ୍ୟାଶିୟର ଦାୟିତ୍ୱରେ ଥିଲେ। ବ୍ୟାଙ୍କରେ ସୁରକ୍ଷାକର୍ମୀ ଆଦୌ ନ ଥିବା ଯୋଗୁ ପୋଲିସ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ତାଗିଦ କରିଥିବା ଜଣାପଡ଼ିଛି। ଅନ୍ୟପକ୍ଷେ ଯୋଡ଼ା ସହରର ମୁଖ୍ୟ ବଜାରରେ ଥିବା ଓଡ଼ିଶା ଗ୍ରାମ୍ୟବ୍ୟାଙ୍କରୁ ଦୁର୍ବୃତ୍ତ ୨୦୨୫ ଜୁନ୍ ୧୨ରେ ଲୁଟ୍ କରିଥିଲେ। ଦୁର୍ବୃତ୍ତ ପ୍ରାୟ ୧୦ ଲକ୍ଷ ଟଙ୍କା ଓ କେତେକ ସୁନା ପ୍ୟାକେଟ ନେଇଯାଇଥିଲେ। ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ ହେଁ ଅଦ୍ୟାବଧି କୌଣସି ଅଭିଯୁକ୍ତ ଗିରଫ ହୋଇନାହାନ୍ତି।



## ୨ ହାଇସ୍ପିଡ୍ ଟ୍ରେନ୍...

୩୦୦ ଯାତ୍ରୀଙ୍କୁ ନେଇ ମାଲାଗାରୁ ରାଜଧାନୀ ମାଡ୍ରିଡ୍ ଯାଉଥିବା ଉକ୍ତ ଟ୍ରେନ୍ ରବିବାର ରାତି ୭ଟା ୪୫ ମିନିଟ୍ ସମୟରେ ଲାଇନଚ୍ୟୁତ ହୋଇଥିଲା। ଏହି ସମୟରେ ପାଖ ଲାଇନ୍‌ରେ ମାଡ୍ରିଡ୍‌ରୁ ହୁଏଲ୍‌ଭା ଯାଉଥିବା ଅନ୍ୟ ଏକ ଟ୍ରେନ୍‌କୁ ଏହା ଧକ୍କା ଦେଇଥିଲା। ଉକ୍ତ ଟ୍ରେନ୍‌ର ସମ୍ମୁଖ ଭାଗ ବଗିରେ ପ୍ରାୟ ୨୦୦ ଯାତ୍ରୀ ଥିବାବେଳେ ସେମାନେ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଥିବା ପରିବହନ ମନ୍ତ୍ରୀ ଓସ୍କାର ପୁଏଣ୍ଟେ କହିଛନ୍ତି। ଲାଇନଚ୍ୟୁତ ଟ୍ରେନ୍ ଦ୍ୱିତୀୟ ଟ୍ରେନ୍‌ର ପ୍ରଥମ ୨ଟି ବଗି ସହ ଧକ୍କା ହେବା ଫଳରେ ସେଗୁଡ଼ିକ ୪ ମିଟର ତଳକୁ ଖସିପଡ଼ିଥିଲେ। ଦୁର୍ଘଟଣାସ୍ଥଳକୁ ସିଙ୍ଗଲ୍ ଟ୍ରାକ୍ ରାସ୍ତା ଥିବାରୁ ଉଦ୍ଧାର କାର୍ଯ୍ୟରେ ସମସ୍ୟା ସୃଷ୍ଟି ହୋଇଥିଲା। ଆମ୍ବୁଲାନ୍ସ ଯିବା ଆସିବା କରିବାରେ ଅସୁବିଧା ହୋଇଥିଲା। ସ୍ପେନ୍ ପ୍ରଧାନମନ୍ତ୍ରୀ ପେଡ୍ରୋ ସାଞ୍ଚେଜ୍ ଏବଂ ପରିବହନ ମନ୍ତ୍ରୀ ପୁଏଣ୍ଟେ ଦୁର୍ଘଟଣାସ୍ଥଳକୁ ଯାଇଛନ୍ତି। ଦୁର୍ଘଟଣାଗ୍ରସ୍ତ ବଗିଗୁଡ଼ିକ ମୋଡ଼ିହୋଇ ପଡ଼ି ରହିଥିବା ଫଟୋ ଓ ଭିଡିଓରୁ ଦେଖିବାକୁ ମିଳିଛି। କେତେଜଣ ଟ୍ରେନ୍ ବଗିର ଭାଙ୍ଗିଯାଇଥିବା ଝରକାରେ ଚଢ଼ିଥିବାବେଳେ ଝରକା କାଚ ଭାଙ୍ଗିବାକୁ କେତେଜଣ ଜରୁରୀ ହାତୁଡ଼ି ବ୍ୟବହାର କରୁଥିବା ଦେଖାଯାଇଛି। ଦୁର୍ଘଟଣାବେଳେ ଭୂକମ୍ପ ଭଳି ଅନୁଭୂତ ହୋଇଥିଲା ବୋଲି ଜଣେ ସ୍ଥାନୀୟ ଖବରଦାତା କହିଛନ୍ତି।

## ନିତୀନ ନବୀନ...

ଦଳର ରିଟର୍ନିଂ ଅଫିସର ଡ. କେ. ଲକ୍ଷ୍ମଣ କହିଛନ୍ତି। ଏଥିପାଇଁ ଗତ ୧୬ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ତଦନୁଯାୟୀ ସୋମବାର ଅପରାହ୍ନ ୨ଟାରୁ ୪ଟା ମଧ୍ୟରେ ନାମାଙ୍କନପତ୍ର ଦାଖଲ ସମ୍ପୂର୍ଣ୍ଣ ହୋଇଥିଲା। ନବୀନଙ୍କ ସପକ୍ଷରେ ୩୭ ସେଟ୍ ନାମାଙ୍କନପତ୍ର ଦାଖଲ ହୋଇଥିବାବେଳେ ଯାଞ୍ଚ ପରେ ସବୁଗୁଡ଼ିକ ବୈଧ ରହିଥିଲା। ନାମାଙ୍କନପତ୍ର ପ୍ରତ୍ୟାହାର ସମୟସୀମା ଶେଷ ହେବା ପରେ କେବଳ ନବୀନ ଏକମାତ୍ର ପ୍ରାର୍ଥୀ ରହିଥିବାରୁ ତାଙ୍କୁ ଭାଜପାର ଜାତୀୟ ଅଧ୍ୟକ୍ଷ ପଦ ପାଇଁ ଲକ୍ଷ୍ମଣ ପ୍ରସ୍ତାବ ରଖିଥିଲେ।

## ୯୧କୁ ଖସିଲା...

ଡୋନାଲ୍ଡ ଟ୍ରମ୍ପ ଘୋଷଣା କରିଥିବାରୁ ନିବେଶକମାନେ ଚିନ୍ତିତ ହୋଇପଡ଼ିଛନ୍ତି। ଇଣ୍ଟରବ୍ୟାଙ୍କ ଫରେନ୍ ଏକ୍ସଚେଞ୍ଜରେ ଟଙ୍କା ମୂଲ୍ୟ ୯୦.୬୮ରୁ ଆରମ୍ଭ ହୋଇ ସର୍ବନିମ୍ନ ୯୧.୦୧ରେ ପହଞ୍ଚିଥିଲା ଅର୍ଥାତ ୧ ଡଲାର ୯୧ ଟଙ୍କା ୧ ପଇସା ହୋଇଥିଲା। ଶେଷରେ ଏହା ପୂର୍ବଦିନ ତୁଳନାରେ ୧୪ ପଇସା ହ୍ରାସ ପାଇ ୯୦.୯୨ରେ ସ୍ଥିର ରହିଛି। ଗତ ଡିସେମ୍ବର ୧୬ରେ ଡଲାର ତୁଳନାରେ ଟଙ୍କା ମୂଲ୍ୟ ସର୍ବାଧିକ ୯୧.୧୪କୁ ହ୍ରାସ ପାଇ ଦିବସର କାରବାର ଶେଷ ସୁଦ୍ଧା ୯୦.୯୩ ରହିଥିଲା। ଗତ ଶୁକ୍ରବାର ଟଙ୍କା ମୂଲ୍ୟ ୪୪ ପଇସା ହ୍ରାସ ପାଇ ୯୦.୭୮ ରହିଥିଲା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାତୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଅନୁକୂଳ ଗ୍ରହ ପ୍ରଭାବରୁ ସ୍ଥଗିତ କାର୍ଯ୍ୟାରମ୍ଭ, ଆର୍ଥିକ ଉନ୍ନତି, ସାମାଜିକ ସ୍ତରରେ ସମ୍ମାନିତ ହେବେ। ଯାନବାହନ, ପାରିବାରିକ ସମ୍ପର୍କ, ହୋଟେଲ ଶିଳ୍ପ ଏବଂ ଛୋଟ ଦୋକାନ କାରବାରରୁ ଲାଭବାନ୍ ହେବେ। ଅଶ୍ୱିନୀ ନକ୍ଷତ୍ରର ସନ୍ଦେହ ଏବଂ ଭୁଲ୍ ବୁଝାମଣା ହେତୁ ପାରିବାରିକ ଅଶାନ୍ତି ସୃଷ୍ଟି ହୋଇପାରେ।

**ବୃଷ**
କର୍ମକ୍ଷେତ୍ରର ବିବାଦୀୟ ସ୍ଥିତି ପ୍ରଶମିତ ହେବାରୁ ଆଶ୍ୱସ୍ତି ଅନୁଭବ କରିବେ। ରୋହିଣୀ ନକ୍ଷତ୍ର ସକାଶେ ବନ୍ଧୁଙ୍କ ମଧ୍ୟସ୍ଥତା ଫଳରେ ପାରିବାରିକ ସ୍ଥିତିରେ ଉନ୍ନତି ହେବ। କର୍ମକ୍ଷେତ୍ରରେ ସ୍ଥଗିତ କାମକୁ ପୁରା ଦମ୍‌ରେ କରିବାର ନିଷ୍ପତ୍ତି ନେବେ। ସାଧାରଣ କଥାକୁ କେନ୍ଦ୍ରକରି ବିରକ୍ତିଭାବ ସୃଷ୍ଟି ହେବ। ଆଜିର ଯାତ୍ରାରେ ଆଦର, ଗୌରବ ପାଇପାରନ୍ତି।

**ମିଥୁନ**
ଆଜି ମୃଗଶିରା ନକ୍ଷତ୍ରର ଅର୍ଥଲାଭର ପ୍ରଚେଷ୍ଟା ନିରର୍ଥକ ହେବନାହିଁ। ପଡ଼ୋଶୀଙ୍କ ସାହାଯ୍ୟରେ କାମ ହାସଲକରିବା ଫଳରେ ମାନସିକ ଦ୍ୱନ୍ଦ୍ୱର ଅବସାନ ଘଟିବ। ଆନୁଷଙ୍ଗିକ ସାହାଯ୍ୟ, ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିପାରନ୍ତି। କର୍ମକ୍ଷେତ୍ରରେ ଅନ୍ୟମନସ୍କ ହେତୁକ କୌଣସି ଭୁଲ୍ କାମକରି ଅନୁତପ୍ତ ହୋଇପାରନ୍ତି।

**କର୍କଟ**
କର୍ମକ୍ଷେତ୍ରରେ ଅନୁକୂଳ ପରିସ୍ଥିତି ସତ୍ତ୍ୱେ ସ୍ୱାସ୍ଥ୍ୟ ସମସ୍ୟା ମନକୁ ଭାରାକ୍ରାନ୍ତ କରିପାରେ। ପୁଷ୍ୟା ନକ୍ଷତ୍ର ପର କଥାରେ ପଡ଼ି ଭୁଲ୍ ମାର୍ଗର ଅନୁସରଣ ଦ୍ୱାରା ଅପଦସ୍ଥ ହେବେ। ସଭାସମିତିରେ ଅର୍ଥ ଓ ସମ୍ମାନ ବୃଦ୍ଧି ପାଇଁ ଚେଷ୍ଟିତ ହେବେ। ସମ୍ପର୍କୀୟଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହୋଇ କାମ ହାସଲ କରିବା ପାଇଁ ଚେଷ୍ଟା କରିପାରନ୍ତି।

**ସିଂହ**
ପାରିବାରିକ ସମସ୍ୟା ସମାଧାନକରି ଆଶ୍ୱସ୍ତି ଲଭିବେ। ଉତ୍ତରାଫାଲ୍‌ଗୁନୀ ନକ୍ଷତ୍ର ଅସମର୍ଥିତ ସୂତ୍ରରୁ ପ୍ରାପ୍ତ ଗୁଜବରେ ଆତଙ୍କିତ ହୁଅନ୍ତୁ ନାହିଁ। ବ୍ୟବସାୟରେ ମାନ୍ଦାବସ୍ଥା ଦେଖାଦେବ। ସ୍ୱାର୍ଥ ହାସଲର ଆଶା ନିରର୍ଥକ ମନେକରି ମିତ୍ର କେହି ଛଳନାକରି ଦୂରେଇଯାଇ ପାରନ୍ତି। ଆଜିର ଯାତ୍ରା, ବାଣିଜ୍ୟ, ବ୍ୟବସାୟ କ୍ଷେତ୍ର ସନ୍ତୋଷଜନକ ରହିବ।

**କନ୍ୟା**
କର୍ମକ୍ଷେତ୍ରରେ ବିଜାତୀୟ ବ୍ୟକ୍ତି ସମସ୍ୟା ସୃଷ୍ଟିକରିପାରନ୍ତି। ଶିଳ୍ପ, ବାଣିଜ୍ୟ, ସାହିତ୍ୟ ଗବେଷଣା, ସାମ୍ବାଦିକତା ତଥା ଏଜେନ୍ସିପରେ ଆଶାଜନକ ସୁଫଳ ମିଳିବ। କଠିନ ପରିଶ୍ରମଜନିତ ଆକସ୍ମିକ ଭାବରେ ସ୍ୱାସ୍ଥ୍ୟରେ ସମସ୍ୟା ଦେଖାଦେଇପାରେ। ହସ୍ତା ନକ୍ଷତ୍ର ଅର୍ଥ ସମ୍ପର୍କକୁ କେନ୍ଦ୍ରକରି ଭ୍ରାତୃବିବାଦର ସମ୍ମୁଖୀନ ହୋଇପାରନ୍ତି।

**ତୁଳା**
ନିଜର ବିଚାରବୁଦ୍ଧି ବିନିଯୋଗକରି ପରିସ୍ଥିତିକୁ ସଜାଡ଼ି ନେବେ। ଘରୋଇ ସମସ୍ୟା ସମାଧାନରେ ବନ୍ଧୁଙ୍କ ଅବଦାନ ଅବିସ୍ମରଣୀୟ ରହିବ। ଗୁରୁତ୍ୱପୂର୍ଣ୍ଣ କାମରେ ଆତ୍ମୀୟଙ୍କ ଉପରେ ଭରସାକରି ନିରାଶ ହେବେ। ବିଶାଖା ନକ୍ଷତ୍ର ସକାଶେ ସାହିତ୍ୟ, ସଙ୍ଗୀତ ତଥା ସଭାସମିତିରେ ସୁନାମ ମିଳିବ। ଆଲୋଚନାରେ ନିଜକୁ ସଙ୍କୁଚିତ ରଖିବେ।

**ବିଛା**
ପ୍ରତ୍ୟେକ କାମ ନିର୍ଦ୍ଦିଷ୍ଟ ସମୟରେ ନ ହେବାରୁ ଅବସାଦ ଲାଗି ରହିବ। ଆଜି ଅଧିକାଂଶ ସମୟ ବନ୍ଧୁଙ୍କ ମେଳରେ ରହିବାର ସୁଯୋଗ ପାଇବେ। ଦୀର୍ଘଦିନରୁ ଅଟକି ରହିଥିବା କାମ କିମ୍ବା ପାଇ ନ ଥିବା ଅର୍ଥପ୍ରାପ୍ତିରେ ଆନନ୍ଦ ଅନୁଭବ କରିପାରନ୍ତି। ଅନୁରାଧା ନକ୍ଷତ୍ର କର୍ମକ୍ଷେତ୍ରରେ ବୃଥାଶଙ୍କାକରି ସୁଯୋଗକୁ ହାତଛଡ଼ା କରିବା ସୂଚନା ରହିଛି।

**ଧନୁ**
ପ୍ରତ୍ୟେକ କ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତି ଉଭେଇ ଯିବା ଅନୁଭବ କରିବେ। ମତଭେଦ କାରଣରୁ ପାରିବାରିକ କ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ ବଢ଼ିପାରେ। ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରହିବା ଫଳରେ କାମ ସୁବିଧାରେ ସମ୍ପନ୍ନ ହେବ । ଉତ୍ତରାଷାଢ଼ା ନକ୍ଷତ୍ରର ମାଙ୍ଗଳିକ କାମ ସକାଶେ ଗୃହସଜ୍ଜା ପ୍ରତି ଆଗ୍ରହ ବଢ଼ିପାରେ।

**ମକର**
ଆଜିର ଯାତ୍ରା ପ୍ରୀତିପ୍ରଦ ରହିବ ଓ ପ୍ରିୟଜନଙ୍କ ସାନ୍ନିଧ୍ୟ ଲାଭକରି ଆନନ୍ଦ ଅନୁଭବ କରିବେ। ଶ୍ରବଣା ନକ୍ଷତ୍ର କର୍ମକ୍ଷେତ୍ରରେ ପରୋକ୍ଷ ସାହାଯ୍ୟ ଲାଭକରି କାମ ହାସଲ କରିବେ। ଅନ୍ୟମନସ୍କରୁ ଦ୍ରବ୍ୟ ନଷ୍ଟହେବା ଆଶଙ୍କା ଦେଖାଦେବ। ଦର୍ଶନୀୟ ସ୍ଥାନ ଭ୍ରମଣ, ଆମଦାନୀ କାରବାର, ବନ୍ଧୁସମ୍ପର୍କରେ କିଛିଟା ସମସ୍ୟା ଆସିପାରେ।

**କୁମ୍ଭ**
ଶତଭିଷା ନକ୍ଷତ୍ରର ସ୍ୱାସ୍ଥ୍ୟସମସ୍ୟା ନିୟନ୍ତ୍ରଣରେ ରହିବ। କେତେକ କ୍ଷେତ୍ରର ବିବାଦୀୟ ସ୍ଥିତି ସମ୍ପର୍କରେ ଜାଣିଥିଲେ ମଧ୍ୟ ଚୁପ୍ ରହିବେ। ବାଣିଜ୍ୟ, ବ୍ୟବସାୟ ତଥା ନିର୍ମାଣ କାମ ଧିମେଇଯିବାରୁ ସାମୟିକ ବ୍ୟସ୍ତତା ଅନୁଭବ କରିପାରନ୍ତି। ଆଜିର ଯାତ୍ରାରେ ବିଭିନ୍ନ ପ୍ରକାର ପ୍ରତିବନ୍ଧକର ସାମ୍ନା କରିବାକୁ ପଡ଼ିବାର ଆଶଙ୍କା ଉପୁଜିପାରେ।

**ମୀନ**
ରେବତୀ ନକ୍ଷତ୍ରର ମନ ଅନୁଯାୟୀ କାମ ହାସଲ କରିବାରେ ପୂର୍ବାହ୍ନଟି ପ୍ରୀତିପ୍ରଦ ରହିବ। ନିଜ ପରିସରରେ ରହୁଥିବା କୌଣସି ବିଜାତୀୟ ବ୍ୟକ୍ତି କାମରେ ଅସହଯୋଗ କରିବା ଆଶଙ୍କା ରହିଛି। ଅର୍ଥନୈତିକ କାରବାର, ଜମିଜମା ସମସ୍ୟା, ବ୍ୟବସାୟ ଓ ପରିବହନର ପ୍ରତିବନ୍ଧକ ଦୂରେଇବାରେ ସମର୍ଥ ହେବେ।

ଆଜି ଜାନୁଆରୀ ୨୦ ତାରିଖ, ମାଘ ଶୁକ୍ଳ ଦ୍ୱିତୀୟା ମଙ୍ଗଳବାର। ରାଶିନକ୍ଷତ୍ର- ଦିବା ଘ.୦୧।୦୬ ପର୍ଯ୍ୟନ୍ତ ଶ୍ରବଣା/ମକର, ତତ୍ପରେ ଧନିଷ୍ଠା ନକ୍ଷତ୍ର, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ତଥା ପୂର୍ଣ୍ଣିମାର ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୯।୧୨ ଗତେ ଘ.୧୦।୫୧ ମଧ୍ୟେ, ଘ.୦୧।୦୩ ଗତେ ଘ.୦୧।୨୦ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୨।୪୨ ଗତେ ଘ.୦୪।୦୫ ମଧ୍ୟେ ରାହୁକାଳ।

# ବିଧାନ ପରିଷଦ ସୁନିଶ୍ଚିତ

ଭୁବନେଶ୍ୱର, ୧୯।୧(ସୁନିତ୍ ମିଶ୍ର)

ରାଜ୍ୟରେ ବିଧାନ ପରିଷଦ ଗଠନ ହେବ, ଏହାଦ୍ୱାରା ଯୁବ ସମର୍ଥକଙ୍କୁ ସୁଯୋଗ ମିଳିବ, ଏହି କଥା କହି ୨୦୧୪ ଏବଂ ୨୦୧୯ ନିର୍ବାଚନ ସମୟରେ ଏକାଧିକ ଟିକେଟ ଆଶାୟୀଙ୍କୁ ବୁଝାଇବାରେ ବିଜେଡି ସଫଳ ହୋଇଥିଲା। ସେହି ଯୁବଗୋଷ୍ଠୀ ବିଳମ୍ବରେ ବୁଝିଲେ ଯେ ତାହା ଏକ ଥୋପ ଥିଲା। ୨୦୧୮ ଅଗଷ୍ଟ ୨୪ରେ ବିଜେଡି ସରକାର ବିଧାନ ପରିଷଦ ସମ୍ପର୍କିତ ପ୍ରସ୍ତାବ କ୍ୟାବିନେଟ୍‌ରେ ପାରିତ କରାଇ ଯୁବ ନେତାମାନଙ୍କ ଭିତରେ ଥଇଥାନ କରାଇବାର ବିଶ୍ୱାସ ଜନ୍ମାଇବାକୁ ଚେଷ୍ଟା କରିଥିଲେ। ସେତେବେଳେ ବିଜେଡି ସତରେ ଚାହିଁଥିଲେ ରାଜ୍ୟରେ ବିଧାନ ପରିଷଦ ଗଠନ ଲାଗି କେନ୍ଦ୍ରର ଅନୁମୋଦନ ମଧ୍ୟ ଆଣିପାରିଥାଆନ୍ତା, ସେଥିପାଇଁ ଅନେକ ସୁଯୋଗ ମଧ୍ୟ ଥିଲା। ହେଲେ ତାହା ନ କରିବା ଦ୍ୱାରା ଜଣାପଡ଼ିଲା ଯେ, ବିଜେଡିର ବିଧାନ ପରିଷଦ ଗଠନ ତାହା ମିଛ ଥିଲା।

ଏବେ ୭୧ ଏକର ଜମିରେ ନୂତନ ଲୋକସେବା ଭବନ ଏବଂ ନୂଆ ବିଧାନସଭା ନିର୍ମାଣ ହେବାକୁ ଥିବାବେଳେ ଗତ ୧୨ ତାରିଖରେ ଏହାର ଭିତ୍ତିପ୍ରସ୍ତର ପଡ଼ିଲା। ଯାହାସବୁ ନୂଆ ନିର୍ମାଣ ହେବ ତା'ର ବିସ୍ତୃତ ତଥ୍ୟ ଜାଣିବା ପାଇଁ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ପଚାରିବାରୁ ସେ କହିଛନ୍ତି, ବର୍ତ୍ତମାନ ଯେଉଁ ବିଧାନସଭା ରହିଛି ତାହା ଭଙ୍ଗାଯିବ ନାହିଁ, ବରଂ ତାହା ମ୍ୟୁଜିୟମ ଭାବେ ରହିବ। ଭବିଷ୍ୟତରେ ବିଧାନ ପରିଷଦ ଗଠନ ହେଲେ ସେହି ବିଲ୍ଡିଂ ବ୍ୟବହାର କରାଯିବ। ମନ୍ତ୍ରୀଙ୍କ ଏହି ମନ୍ତବ୍ୟ ପରେ ଏକପ୍ରକାର ବୁଝାପଡୁଛି ଯେ, ସରକାର ଦୂରଦୃଷ୍ଟି ରଖିକି ବିଧାନସଭାର ନୂଆ ବିଲ୍ଡିଂ ନିର୍ମାଣ କରୁଛନ୍ତି। ଅର୍ଥାତ୍ ଜଣେ ମନ୍ତ୍ରୀଙ୍କ ଦ୍ୱାରା ଇଙ୍ଗିତ ବିଧାନ ପରିଷଦ ଗଠନ ସମ୍ପର୍କିତ ପ୍ରସଙ୍ଗକୁ ଗୁରୁତ୍ୱର ସହ ନିଆଯିବା ଦରକାର। ଚର୍ଚ୍ଚା ଓ ଆଲୋଚନା ନ କରି ଜଣେ ଦାୟିତ୍ୱସମ୍ପନ୍ନ ମନ୍ତ୍ରୀ ବିଧାନ ପରିଷଦ ଗଠନ ନେଇ ଉଲ୍ଲେଖ କରି ନ ଥାନ୍ତେ। ଜାଣିବା ଶୁଣିବା ମହଲରେ ଅନେକଙ୍କ କହିବା କଥା, ଭାଜପା ଶାସନରେ ମନ୍ତ୍ରୀମାନେ କେନ୍ଦ୍ର ସରକାରଙ୍କ ସହ ବିଚାରବିମର୍ଶ କରିବା ପୂର୍ବରୁ ଏତେ ବଡ଼ ଘୋଷଣା କରିପାରିବେ ନାହିଁ। କାରଣ ମନ୍ତ୍ରୀଙ୍କ ମନ୍ତବ୍ୟ ପରଠାରୁ ବହୁ ଯୁବ ସମର୍ଥକ ଶାସକ ଦଳ ପ୍ରତି ଆକୃଷ୍ଟ ହେବା ସହିତ ବିଧାନ ପରିଷଦରେ ସ୍ଥାନ ପାଇବା ଆଶାରେ ଭାଜପା ଆଡ଼କୁ ଢଳିଲେଣି। ପୂର୍ତ୍ତ ମନ୍ତ୍ରୀଙ୍କ



ଏହି ବିବରଣୀ ଅଧିକ ବିଶ୍ୱସନୀୟ ହେଉଛି, କାରଣ ଏବେ ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ଥିବାରୁ ରାଜ୍ୟ ନେତାମାନଙ୍କ ପ୍ରତ୍ୟେକଟି ଇଚ୍ଛା ସମ୍ପୂର୍ଣ୍ଣ ଭାବେ ସାକାର ହେବାର ସୁଯୋଗ ରହିଛି। ତେଣୁ ମନ୍ତ୍ରୀଙ୍କ କହିବାନୁଯାୟୀ ଓଡ଼ିଶାରେ ବିଧାନ ପରିଷଦ ହେବା ସୁନିଶ୍ଚିତ।

ସୂଚନାଯୋଗ୍ୟ, ଦେଶରେ ଏବେ ୨୮ ରାଜ୍ୟ ଏବଂ ୮ଟି କେନ୍ଦ୍ରଶାସିତ ଅଞ୍ଚଳ ରହିଛି। ସେଗୁଡ଼ିକ ମଧ୍ୟରୁ ୧୯ ରାଜ୍ୟ ଏବଂ ୨ଟି କେନ୍ଦ୍ରଶାସିତ ଅଞ୍ଚଳରେ ଭାଜପା ନେତୃତ୍ୱାଧୀନ ସରକାର ରହିଛି। ବର୍ତ୍ତମାନ ଆନ୍ଧ୍ରପ୍ରଦେଶ, ବିହାର, କର୍ଣ୍ଣାଟକ, ମହାରାଷ୍ଟ୍ର, ତେଲଙ୍ଗାନା ଏବଂ ଉତ୍ତରପ୍ରଦେଶ ଭଳି ୬ଟି ରାଜ୍ୟରେ ବିଧାନ ପରିଷଦ ଅଛି। ଏହି ୬ ରାଜ୍ୟ ମଧ୍ୟରୁ ୪ଟି ସ୍ଥାନରେ ଏନ୍‌ଡିଏ ସରକାର ଥିବାବେଳେ କର୍ଣ୍ଣାଟକ ଏବଂ ତେଲଙ୍ଗାନାରେ କଂଗ୍ରେସ ଶାସନ ଚାଲିଛି। ଦେଶର ବାକି ୧୩ ରାଜ୍ୟ ଓ ୨ କେନ୍ଦ୍ରଶାସିତ ରାଜ୍ୟରେ ବିଧାନ ପରିଷଦ ଗଠନ ଦିଗରେ ଭାଜପା ସରକାର ସେଭଳି ଚିନ୍ତା କଲାଭଳି ମନେହେଉନାହିଁ। ବିଧାନ ପରିଷଦ ସଦସ୍ୟମାନଙ୍କ ଲାଗି ବିଭିନ୍ନ ରାଜ୍ୟରେ ଭିନ୍ନ ଭିନ୍ନ ପ୍ରକାର ଦରମା ବ୍ୟବସ୍ଥା ରହିଥାଏ। ଯେଉଁସବୁ ରାଜ୍ୟରେ ବିଧାନ ପରିଷଦ ସଦସ୍ୟ ରହିଛନ୍ତି, ସେମାନେ ଉକ୍ତ ରାଜ୍ୟଗୁଡ଼ିକର ବିଧାୟକମାନଙ୍କ ଭଳି ଦରମା ଏବଂ ଭତ୍ତା ପାଉଛନ୍ତି। ସେମାନଙ୍କ କାର୍ଯ୍ୟକାଳ ସରିବା ପରେ ପେନସନ୍ ସୁବିଧା ମଧ୍ୟ ମିଳିଥାଏ। ଅନେକ ରାଜ୍ୟ ବିଚାର କରୁଛନ୍ତି, ବିଧାନ ପରିଷଦ ଗଠନର କୌଣସି ଆବଶ୍ୟକତା ନାହିଁ। ବିଧାନ ପରିଷଦ ରହିଥିବା ୬ ରାଜ୍ୟରେ ସେଭଳି କିଛି ଅଧିକ ବିକାଶ ହୋଇଯାଇନାହିଁ ବୋଲି ଜାତୀୟସ୍ତରରେ ଅନେକ ସମୟରେ ଆଲୋଚନା ହୋଇଥାଏ। ବିଧାନ ପରିଷଦ ଦ୍ୱାରା ରାଜ୍ୟ ସରକାରଙ୍କ ଉପରେ ଅନେକ ଶହ କୋଟି ଟଙ୍କାର ଆର୍ଥିକ ବୋଝ ରହିବ। ଏଠାରେ ଉଲ୍ଲେଖ କରାଯାଇପାରେ, ନରେନ୍ଦ୍ର ମୋଦି ସରକାରଙ୍କ ପ୍ରଥମ ୨ଟି ପାଳି ସମୟରେ ରାଜ୍ୟ ସଭା ବାରମ୍ବାର ଏକ ଅସୁବିଧାର କାରଣ ସାଜିଥିଲା। ରାଜ୍ୟସ୍ତରରେ ବିଧାନ ପରିଷଦର ଯେଉଁଭଳି କାର୍ଯ୍ୟ ଥାଏ, ଦିଲ୍ଲୀରେ ରାଜ୍ୟ ସଭା ସହିତ ଏହାର ଅନେକ ସାମଞ୍ଜସ୍ୟ ରହିଛି। ତେବେ ସମ୍ବିଧାନ ଅନୁଯାୟୀ ରାଜ୍ୟ ସଭା ଏବଂ ରାଜ୍ୟରେ ବିଧାନ ପରିଷଦର ଅନେକ କର୍ତ୍ତବ୍ୟ ରହିଛି।

ଯଦି ଓଡ଼ିଶାରେ ବିଧାନ ପରିଷଦ ଗଠନ ହୁଏ, ତାହାହେଲେ ୨୦୧୮ ଅଗଷ୍ଟ ୨୪ରେ ବିଜେଡି ସରକାରଙ୍କ ଦ୍ୱାରା କ୍ୟାବିନେଟ୍ ମଞ୍ଜୁରୀ ପାଇଥିବା ବିଧାନ ପରିଷଦ ସମ୍ପର୍କିତ ପ୍ରସ୍ତାବର ତଥ୍ୟ ଅନୁଯାୟୀ, ବିଧାନସଭା ସଂଖ୍ୟାର ଏକ ତୃତୀୟାଂଶ ଆସନକୁ ନେଇ ବିଧାନ ପରିଷଦ ଗଠନ ହେବ। ଏବେ ରାଜ୍ୟରେ ୧୪୭ ଆସନ ବିଶିଷ୍ଟ ବିଧାନସଭା ରହିଥିବା ବେଳେ ଏହାର ଏକ ତୃତୀୟାଂଶ ଦେଖିଲେ ସେହି ସଂଖ୍ୟା ୪୯ ହେଉଛି। ଅର୍ଥାତ୍ ବର୍ତ୍ତମାନ ରାଜ୍ୟରେ ବିଧାନ ପରିଷଦ ଗଠନ ହେଲେ ସେଥିରେ ୪୯ ଜଣ ସଦସ୍ୟ ରହିବେ। ସେଥିମଧ୍ୟରୁ ୧୬ ଜଣଙ୍କୁ ରାଜ୍ୟର ବିଧାୟକ ଏବଂ ୧୬ ଜଣ ରାଜ୍ୟର ଜିଲା ପରିଷଦ ସଦସ୍ୟ ଓ ପଞ୍ଚାୟତର ସମିତି ସଭ୍ୟଙ୍କ ଦ୍ୱାରା ନିର୍ବାଚିତ ହେବେ। ୯ ଜଣଙ୍କୁ ରାଜ୍ୟପାଳ ମନୋନୀତ କରିବେ। ଏହାଛଡା ୪ ଜଣ ଶିକ୍ଷକ ଏବଂ ୪ ଜଣ ଗ୍ରାଜୁଏଟ୍ ବିଧାନ ପରିଷଦକୁ ନିର୍ବାଚିତ ହେବେ। ଆହୁରି ଗୋଟିଏ କଥା ମନେ ପକାଇଦେବାକୁ ଚାହୁଁ କି, କିଛିଦିନ ତଳେ ରାଜ୍ୟର ୩ ପ୍ରମୁଖ ରାଜନୈତିକ ଦଳ ଭାଜପା, ବିଜେଡି ଓ କଂଗ୍ରେସ ମିଳିତ ଭାବେ ନିଷ୍ପତ୍ତି କରି ବିଧାନସଭାରେ ବିଧାୟକ, ମନ୍ତ୍ରୀ, ବାଚସ୍ପତି, ଉପବାଚସ୍ପତିଙ୍କ ସମେତ ପୂର୍ବତନ ବିଧାୟକ ଓ ମନ୍ତ୍ରୀ ସମସ୍ତଙ୍କ ଦରମା ବୃଦ୍ଧି ସମ୍ପର୍କିତ ବିଲ୍‌କୁ ଗୃହରେ ପାରିତ କରାଇଦେଲେ। ଏହି ସମୟରେ ସବୁ ଦଳ ଖୁସିରେ ଏକାଠି ମଧ୍ୟ ହୋଇଗଲେ। ମାତ୍ର ଏହି ଦରମା ବୃଦ୍ଧି ପ୍ରସଙ୍ଗକୁ ସିପିଆଇ(ଏମ୍) ବିଧାୟକ ଲକ୍ଷ୍ମଣ ମୁଣ୍ଡା ପ୍ରଥମେ ବିରୋଧ କରିଥିଲେ। ପରବର୍ତ୍ତୀ ସମୟରେ ରାଜ୍ୟର ଲୋକମାନଙ୍କ ମଧ୍ୟରେ ଅହେତୁକ ଭାବେ ବିଧାୟକମାନଙ୍କ ଭତ୍ତା ବୃଦ୍ଧିକୁ ନେଇ ପ୍ରତିକ୍ରିୟା ପ୍ରକାଶ ପାଇଲା। ଶେଷରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭାଜପା ରାଜ୍ୟ କାର୍ଯ୍ୟାଳୟରେ ଥିବାବେଳେ ତାଙ୍କ ଦଳର ବିଧାୟକ ଓ ମନ୍ତ୍ରୀମାନେ ଦରମା ବୃଦ୍ଧି ନିଷ୍ପତ୍ତିକୁ ପ୍ରତ୍ୟାହାର କରିବା ଲାଗି ଦାବିପତ୍ର ପ୍ରଦାନ କଲେ। ବିଜେଡି ଏବଂ କଂଗ୍ରେସ ପକ୍ଷରୁ ମଧ୍ୟ ଏହି ନିଷ୍ପତ୍ତି ପ୍ରତ୍ୟାହାର ଲାଗି କୁହାଗଲା। ତେଣୁ ବିଧାନ ପରିଷଦ ଗଠନ ହେଲେ ବିଧାନସଭା ଭଳି ଅତିରିକ୍ତ ଖର୍ଚ୍ଚର ଏକ ବୋଝ ରାଜ୍ୟକୁ ସହିବାକୁ ପଡ଼ିପାରେ।

# ବେଆଇନ ଭାବେ ଭୂତଳ ଜଳ ଶୋଷୁଛି ଜେଏସ୍‌ଡବ୍ଲ୍ୟୁ କମ୍ପାନୀ

କୁଜଙ୍ଗ, ୧୯।୧(ମନୋଜ ପ୍ରଧାନ)



ଜେଏସ୍‌ଡବ୍ଲ୍ୟୁ କମ୍ପାନୀ ପକ୍ଷରୁ ବୋରୱେଲ ଖନନ କରାଯାଉଛି।

- ମଧୁର ପାନୀୟ ଜଳ ପାଇବାରୁ ବଞ୍ଚିତ ହେବା ଆଶଙ୍କାରେ ଢିଙ୍କିଆ ଚାରିଦେଶବାସୀ
- ୩୦୦ରୁ ଊର୍ଦ୍ଧ୍ୱ ବୋରୱେଲ ଖନନ କରାଯାଇ କାରଖାନା ନିର୍ମାଣରେ ବ୍ୟବହାର କରାଯାଉଛି
- କେନ୍ଦ୍ରୀୟ ଭୂତଳ ଜଳ ବୋର୍ଡ, ଜିଲା ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ

ଭୂତଳ ଜଳର ସଂରକ୍ଷଣ ପାଇଁ ସରକାରୀସ୍ତରରେ ବ୍ୟାପକ ପଦକ୍ଷେପ ନିଆଯାଉଥିବାବେଳେ ଏହାକୁ ଉତ୍ତୋଳନ ପାଇଁ କଟକଣା ଜାରି କରାଯାଇଛି। ଏଭଳିସ୍ଥଳେ ଜଗତ୍‌ସିଂହପୁର ଜିଲା ଏରସମା ବ୍ଲକ ଅନ୍ତର୍ଗତ ଢିଙ୍କିଆ ଚାରିଦେଶ(ଢିଙ୍କିଆ, ଗଡ଼କୁଜଙ୍ଗ, ନୂଆଗାଁ ପଞ୍ଚାୟତ)ରେ ନିର୍ମାଣାଧୀନ ଥିବା ଜେଏସ୍‌ଡବ୍ଲ୍ୟୁ ଇସ୍ପାତ ପ୍ରକଳ୍ପରେ ବେଆଇନ ଭାବେ ଭୂତଳ ଜଳର ବହୁଳ ବ୍ୟବହାର କରାଯାଉଥିବା ଅଭିଯୋଗ ହେଉଛି। ଏହାର କୁପରିଣାମ ସ୍ଥାନୀୟ ବାସିନ୍ଦାଙ୍କୁ ଆଗାମୀ ଦିନରେ ଭୋଗିବାକୁ ପଡ଼ିବ ବୋଲି ଆଶଙ୍କା କରଯାଉଛି। ଏନେଇ ତ୍ୱରିତ ପଦକ୍ଷେପ ନିଆ ନ ଗଲେ ଆଗାମୀ କିଛି ବର୍ଷ ମଧ୍ୟରେ ଅଞ୍ଚଳବାସୀଙ୍କୁ ମଧୁର ଜଳ ମିଳିବ ନାହିଁ ବୋଲି କ୍ଷୋଭ ପ୍ରକାଶ ପାଇଛି।

ଢିଙ୍କିଆ ଚାରିଦେଶରେ ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପ ନିର୍ମାଣ ନିମନ୍ତେ ପ୍ରାଥମିକ ପର୍ଯ୍ୟାୟରେ କେନ୍ଦ୍ରୀୟ ଭୂତଳ ଜଳ ବୋର୍ଡ ୩ଟି ବୋରୱେଲ ଖୋଳିବାକୁ ଅନୁମତି ଦେଇଛି। ମାତ୍ର ଜେଏସ୍‌ଡବ୍ଲ୍ୟୁ କମ୍ପାନୀ ପକ୍ଷରୁ ବେଆଇନ ଭାବେ ୩୦୦ରୁ ଊର୍ଦ୍ଧ୍ୱ ବୋରୱେଲ ଖନନ କରାଯାଇ ଭୂତଳ ଜଳକୁ କାରଖାନା ନିର୍ମାଣରେ ବ୍ୟବହାର କରାଯାଉଛି। ଏ ସମ୍ପର୍କରେ କେନ୍ଦ୍ରୀୟ ଭୂତଳ ଜଳ ବୋର୍ଡରେ ଅଭିଯୋଗ ହେଲାପରେ କମ୍ପାନୀ କର୍ତ୍ତୃପକ୍ଷ ସମ୍ପୃକ୍ତ ବୋରୱେଲଗୁଡ଼ିକର ଉପର ପାଇପ୍‌ଗୁଡ଼ିକୁ ଖୋଲି ଦେଇଥିଲେ। ଏବେ କିନ୍ତୁ ଲେବର କଲୋନୀ ଓ ବ୍ୟାଚିଙ୍ଗ ପ୍ଲାଣ୍ଟକୁ ଜଳ ଯୋଗାଣ ନିମନ୍ତେ ସେଠାରେ ପୁନର୍ବାର ବୋରୱେଲ ଖନନ କରାଯାଉଥିବା ଅଭିଯୋଗ ହୋଇଛି। ପୂର୍ବରୁ ୧ ହଜାର ଫୁଟରୁ ଊର୍ଦ୍ଧ୍ୱ ଗଭୀରର ଅନେକ ବୋରୱେଲ ଖୋଳାଯାଇ କାର୍ଯ୍ୟକ୍ଷମ ହୋଇଛି। ଏଭଳିସ୍ଥିତିରେ ଢିଙ୍କିଆ ଚାରିଦେଶ ଅଞ୍ଚଳରେ ଥିବା ଅଗଭୀର ଟ୍ୟୁବ୍‌ୱେଲ୍‌ରୁ ଆଗାମୀ ଦିନରେ ଲୁଣାପାଣି ନିର୍ଗତ ହେବାର ଆଶଙ୍କା କରାଗଲାଣି। ଏହାଦ୍ୱାରା ପାନୀୟ ଓ ବ୍ୟବହାର ଉପଯୋଗୀ ଜଳ ସଙ୍କଟ ମଧ୍ୟକୁ ଢିଙ୍କିଆ ଚାରିଦେଶ ଠେଲି ହୋଇଯିବ। ଏହାସତ୍ତ୍ୱେ କେନ୍ଦ୍ରୀୟ ଭୂତଳ ଜଳ ବୋର୍ଡ ଓ ଜିଲା ପ୍ରଶାସନ ପକ୍ଷରୁ ଏନେଇ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ ବୋଲି ଦୀନଦୟାଲ ପାରାଦୀପ ଇଣ୍ଡଷ୍ଟ୍ରିଆଲ ୱାର୍କର୍ସ ୟୁନିୟନ ସଭାପତି କ୍ଷୀରୋଦ ଚନ୍ଦ୍ର ପରିଡ଼ା ଏବଂ ଜିନ୍ଦଲ ପ୍ରଭାବିତ ଢିଙ୍କିଆ ଚାରିଦେଶ ଉନ୍ନୟନ ସମିତି ଆବାହକ ବିଜୟ କେତନ ସାହୁ ପ୍ରେସ ବିଜ୍ଞପ୍ତିରେ ଜରିଆରେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସେମାନେ ସେଥିରେ ଉଲ୍ଲେଖ କରିଛନ୍ତି ଯେ, ଶିଳ୍ପାୟନ ନାଁରେ ମଣିଷ ଜୀବନକୁ ମରଣ ମୁହଁକୁ ଠେଲି ଦିଆ ନ ଯାଉ। କମ୍ପାନୀ ପକ୍ଷରୁ ମହାନଦୀର ଯୋବ୍ରା ଆନିକଟରୁ ପାଇପ୍ ଯୋଗେ ପାଣି ଆଣି ନିର୍ମାଣ ଓ ଅନ୍ୟାନ୍ୟ କାର୍ଯ୍ୟରେ ଲଗାଇବା ପାଇଁ ଚୁକ୍ତି ହୋଇଥିଲା। ମାତ୍ର ଏ ପର୍ଯ୍ୟନ୍ତ ସେଥିପାଇଁ ବ୍ୟବସ୍ଥା ହୋଇନାହିଁ। ଏହାର ତଦନ୍ତ କରାଗଲେ ସମସ୍ତ ସତ୍ୟାସତ୍ୟ ପଦାକୁ ଆସିବ ବୋଲି ପରିଡ଼ା ଓ ସାହୁ ଦାବି କରିଛନ୍ତି। ଏ ସମ୍ପର୍କରେ ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପର ଲୋକ ସମ୍ପର୍କ ଓ ସୂଚନା ଅଧିକାରୀ ମିତ୍ରଭାନୁ ଚୌଧୁରୀଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ମୋବାଇଲ୍ ଫୋନ ଉଠାଇ ନ ଥିଲେ।

## ପାରଦ ଉପରମୁହାଁ, ୨୪ ପର୍ଯ୍ୟନ୍ତ କୁହୁଡ଼ି

ଭୁବନେଶ୍ୱର, ୧୯।୧ (ବନ୍ଦନା ସେଠୀ): ରାଜ୍ୟରେ ଏବେ ଋତୁ ବଦଳୁଛି। ରାତିରେ ଶୀତ କମିଥିବାବେଳେ ଦିନରେ ଖରାତାତି ବଢୁଛି। ତେବେ ଭୋର୍ ସମୟରେ ଶୀତ ଲହରି ଜାରି ରହିଥିଲେ ମଧ୍ୟ ଦିନସାରା ବସନ୍ତ ଋତୁର ପବନ ନିଆରା ଅନୁଭବ ଦେଉଛି। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନାନୁସାରେ, ପାରଦ ଏବେ ଉପରମୁହାଁ ହୋଇଛି। ତାପମାତ୍ରା ବୃଦ୍ଧି ପାଇବା ସହ ଶୀତ କମିଛି। ସେହିପରି ଆଗାମୀ ୫ଦିନ ଅର୍ଥାତ୍ ୨୪ ତାରିଖ ପର୍ଯ୍ୟନ୍ତ ରାଜ୍ୟର କିଛି ଅଞ୍ଚଳରେ ହାଲୁକାରୁ ମଧ୍ୟମ ଧରଣର କୁହୁଡି ଦେଖାଦେବା ନେଇ ଆକଳନ କରାଯାଇଛି।

# କଳଙ୍କ, କନ୍ଦଳରୁ କେବେ ମୁକୁଳିବ କଂଗ୍ରେସ

ଭୁବନେଶ୍ୱର,୧୯।୧
(ରବିନାରାୟଣ ଜେନା)

ରାଜ୍ୟରେ ଗୋଟିଏ ପରେ ଗୋଟିଏ ସାଧାରଣ ନିର୍ବାଚନ, ରାଜ୍ୟ ସଭା ନିର୍ବାଚନ, ଉପନିର୍ବାଚନ ଓ ଅନ୍ୟାନ୍ୟ ନିର୍ବାଚନ ଯାଉଛି ଏବଂ ଆସୁଛି। ହେଲେ ଦୀର୍ଘ ୨୬ବର୍ଷ ଧରି ଜାତୀୟ କଂଗ୍ରେସ କେବଳ ସଂଘର୍ଷ କରି ଚାଲିଛି, ମାତ୍ର ସଫଳତାର ସ୍ୱାଦ ପାଇପାରୁ ନାହିଁ। କଂଗ୍ରେସ ଶାସନରେ ୧୯୮୪ରେ ହୋଇଥିବା ଛବିରାଣୀ ହତ୍ୟାକାଣ୍ଡ ଓ ପରେ ୧୯୯୯ ଜାନୁଆରୀ ୯ରେ ହୋଇଥିବା ଅଞ୍ଜନା ମିଶ୍ର ଗଣବଳାତ୍କାରର କଳଙ୍କ ପାଇଁ ଦଳ ଆଗକୁ ବଢ଼ି ପାରୁନାହିଁ। କଂଗ୍ରେସ ଶାସନର ସେହି କଳଙ୍କିତ ଇତିହାସ ପାଇଁ ଦଳର ନେତା ଓ କର୍ମୀଙ୍କ ମନୋବଳ ଦିନକୁ ଦିନ କ୍ଷୀଣ ହୋଇଯାଉଛି। ହେଲେ କଂଗ୍ରେସକୁ ଭଲ ପାଉଥିବା ଲୋକେ ଏବେ ବି ରାଜ୍ୟରେ କିଭଳି ଦଳ କ୍ଷମତାକୁ ଫେରିବ ସେନେଇ ସ୍ୱପ୍ନ ଦେଖୁଛନ୍ତି। ଏହି ପରିପ୍ରେକ୍ଷୀରେ କଂଗ୍ରେସ ନିଜର ନୀତି ଓ ଆଦର୍ଶକୁ ନେଇ ଆଗକୁ ଯିବା ପରିବର୍ତ୍ତେ ସେଇ କଳଙ୍କିତ ଇତିହାସକୁ ମୁଣ୍ଡାଇ ବର୍ଷସାରା ବୁଲିବାକୁ ବାହାରିଛି। ଏହା ସମସ୍ତ କଂଗ୍ରେସପ୍ରେମୀଙ୍କୁ ହତୋତ୍ସାହ କରୁଛି।

ସେହିପରି ଦଳ ଭିତରେ ସବୁବେଳେ ଶୃଙ୍ଖଳାର ପାଠପଢ଼ା ଯାଉଛି। ହେଲେ ଦଳର ଛାମୁଆ ନେତାମାନେ ସମୟେ ସମୟେ ଏମିତି କନ୍ଦଳ କାଢ଼ି ଦେଉଛନ୍ତି ଯେ, ପରବର୍ତ୍ତୀ ସମୟରେ ଦଳ ଉପରକୁ ଉଠିବା ପାଇଁ ରାହା ପାଉନାହିଁ; ଯେଉଁଥିପାଇଁ ନିକଟରେ ପୂର୍ବତନ ବିଧାୟକ ମହମ୍ମଦ




ମୋକିମଙ୍କୁ ବିଦା କରିବା ପର୍ଯ୍ୟନ୍ତ କଥା ଯାଇଛି। ମୋକିମଙ୍କ ବହିଷ୍କାର ରାଜ୍ୟ କଂଗ୍ରେସରେ ସୁଧାର ଆଣିବ ନା ଦଳକୁ ରସାତଳକୁ ନେଇଯିବ, ତାହା ସମୟ କହିବ। ହେଲେ ଭକ୍ତଙ୍କ କଠୋର ଆଭିମୁଖ୍ୟକୁ ନେଇ ଦଳରେ ଏବେ ବି ଗୁଞ୍ଜରଣ ଲାଗି ରହିଛି।

ଇତିମଧ୍ୟରେ ରାଜ୍ୟ କଂଗ୍ରେସର ମଙ୍ଗ ବହୁ ବରିଷ୍ଠ ନେତାମାନେ ଧରିଛନ୍ତି, ହେଲେ ଯଥା ପୂର୍ବଂ ତଥା ପରମ୍ ନ୍ୟାୟରେ କଂଗ୍ରେସର ଗତି ମନ୍ଥର ରହିଛି। ଓଡ଼ିଶାରେ କଂଗ୍ରେସ କିଭଳି କ୍ଷମତାକୁ ଫେରିବ ତାକୁ ନେଇ ଏଆଇସିସି ପକ୍ଷରୁ ୨୦୨୫ ଫେବୃଆରୀରେ ସଂଗ୍ରାମୀ ନେତା ଭକ୍ତ ଚରଣ ଦାସଙ୍କୁ ପିସିସି ସଭାପତି ଆସନରେ ବସାଗଲା। ଏଠାରେ ମନେପକାଇ ଦିଆଯାଇପାରେ ଯେ, ପୂର୍ବରୁ କେଉଁଭଳି ଭାବେ କଂଗ୍ରେସର ହାଇକମାଣ୍ଡ ଓଡ଼ିଶାକୁ ଏକ ଏକ୍ସପେରିମେଣ୍ଟ ଭାବେ ବ୍ୟବହାର କରୁଥିଲେ। ଦିଲ୍ଲୀରୁ ନିଯୁକ୍ତି ପାଇ ଭୁବନେଶ୍ୱର ମାଟି ଛୁଇଁବା ମାତ୍ରେ ନୂଆ ରାଜ୍ୟ କଂଗ୍ରେସ କମିଟି ସଭାପତିଙ୍କୁ ବିରୋଧ ଆରମ୍ଭ କରି ଦିଆଯାଉଥିଲା। ଗୋଟିଏ ପରିବାରର ବ୍ୟବସାୟିକ ସ୍ୱାର୍ଥକୁ ସୁହାଉ ନ ଥିବା ବ୍ୟକ୍ତି କଂଗ୍ରେସର ସଭାପତି ଭାବେ ତିଷ୍ଠିବାର ଅସଫଳ ହେଉଥିଲେ। ଦଳକୁ ବାରମ୍ବାର ବିକ୍ରି କରି ଯେଉଁ ପରିବାର ଲାଭ ଉଠାଉଥିଲା, ତାହାକୁ ଆଜି ଭକ୍ତଙ୍କ ଦ୍ୱାରା ଦମନ କରାଯାଇଛି। ଏହି ପରିସ୍ଥିତିରେ ଭକ୍ତ ଦଳକୁ ଶୃଙ୍ଖଳିତ କରିବା ସହିତ ଆଗକୁ କିଭଳି ବଢ଼ିବ ସେଥିନେଇ ବିଭିନ୍ନ ପ୍ରକାର ରଣକୌଶଳ ପ୍ରୟୋଗ କରି ଚାଲିଛନ୍ତି। ହେଲେ ନିକଟରେ ନୂଆପଡ଼ାରେ ହୋଇଥିବା ଉପନିର୍ବାଚନରେ ଦଳକୁ ସେତେଟା ସଫଳତା ମିଳିପାରିଲା ନାହିଁ। ଯଦିଓ ସଂଖ୍ୟା ଦୃଷ୍ଟିରୁ ନୂଆପଡ଼ାରେ କଂଗ୍ରେସ ଦ୍ୱିତୀୟ ସ୍ଥାନରେ ରହିଲା, ତଥାପି ପୂର୍ବ ନିର୍ବାଚନରେ ଯେତିକି ପରିମାଣର ଭୋଟ ମିଳିଥିଲା ତାହା ବଜାୟ ରଖିପାରିଲା ନାହିଁ। ଏହି ଉପନିର୍ବାଚନ ଭକ୍ତଙ୍କ ପାଇଁ ଅଗ୍ନି ପରୀକ୍ଷା ରହିଥିଲେ ହେଁ ସେ ସଫଳ ହୋଇପାରି ନ ଥିଲେ।

ଏହି ପରିପ୍ରେକ୍ଷୀରେ ରାଜ୍ୟ ସଭାରେ ଓଡ଼ିଶାର ୪ଟି ଆସନ ଖାଲି ହେବାକୁ ଯାଉଛି। ଏ ସମସ୍ତ ଆସନ ଏବେ ବିଜେଡି ଖାତାରେ ରହିଥିବାବେଳେ ଅଙ୍କ ଦୃଷ୍ଟିରୁ ଏସବୁ ଆଉ ପୁନର୍ବାର ବିଜେଡି ଖାତାକୁ ଫେରିବ ନାହିଁ। ରାଜନୀତି ପାଣିପାଗ କହୁଛି ଯେ, ସେଥିରୁ ଭାଜପା ୨ଟି ଏବଂ ବିଜେଡି ଗୋଟିଏ ଆସନ ପାଇବେ। ଅବଶିଷ୍ଟ ଆସନଟି ପାଇଁ ବିଜେଡି-ଭାଜପା ମଧ୍ୟରେ ଅଙ୍କକଷା ଜୋରଦାର ଚାଲିଛି। ନିକଟରେ ବିଜେଡିରୁ ଦୁଇ ବିଧାୟକ ସଦସ୍ୟ ନିଲମ୍ବନ ହେବା ପରେ ଦଳରେ ହଟଚମଟ ଲାଗି ରହିଛି।

ଭାଜପା ଏବଂ ବିଜେଡି ରାଜ୍ୟ ସଭା ଦୌଡ଼ରେ ରହିଥିବାବେଳେ ଏସବୁ ଦୌଡ଼ରେ କଂଗ୍ରେସ ନାହିଁ। ସଂଖ୍ୟା ଦୃଷ୍ଟିରୁ ବହୁ ପଛରେ ରହିଥିବାରୁ କେତେକ ସଦସ୍ୟ କେବଳ କିଣାବିକା ପାଇଁ ସଜବାଜ ହେଉଥିବା ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି। ଏହା କଂଗ୍ରେସର ଛବିକୁ ପୁଣିଥରେ ମଳିନ ଯେ ନ କରିବ ତାକୁ ନେଇ ଏବେଠାରୁ ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି।

ଆଗକୁ ୨୦୨୭ରେ ରହିଛି ପଞ୍ଚାୟତ ନିର୍ବାଚନ। ଯଦି କଂଗ୍ରେସ ଏବେଠାରୁ ଘର ନ ସଜାଡ଼େ ତେବେ ଏହା ପୁନର୍ବାର ଦଳ ପାଇଁ ଘାତକ ସାବ୍ୟସ୍ତ ହେବ। ଯେଉଁ ପାପକୁ ଧୋଇବା ପାଇଁ ଭକ୍ତଙ୍କୁ ଦାୟିତ୍ୱ ଦିଆଯାଇଛି ଯଦି ସେ ପୁଣି ଥରେ ସେଥିରେ ଘାଣ୍ଟି ହେବେ ଏବଂ କଂଗ୍ରେସର କଳଙ୍କିତ ଅଧ୍ୟାୟକୁ ସାଙ୍ଗରେ ଧରି ବୁଲିବେ ତେବେ ଦଳର କ୍ଷମତା ଆଶା ମଉଳିଯିବ ବୋଲି ବିଶିଷ୍ଟ ରାଜନେତାମାନେ ବିବେଚନା କରୁଛନ୍ତି।

# ଭଦ୍ରକ ଡାକ୍ତରଖାନା ବାଥ୍‌ରୁମ୍‌ରୁ ମିଳିଲା ମୃତଦେହ

ଭଦ୍ରକ,୧୯।୧
(ସନାତନ ରାଉତ)

## ପୁଣି ଅଲୋଡ଼ା ଶିଶୁକନ୍ୟା

ପୁଣି ଅଲୋଡ଼ା ହେଲା ନବଜାତ ଶିଶୁକନ୍ୟା। ଡାକ୍ତରଖାନା ବାଥ୍‌ରୁମ୍‌ରୁ ମିଳିଛି ଏକ ନବଜାତ ଶିଶୁକନ୍ୟାର ମୃତଦେହ। ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଡାକ୍ତରଖାନାର ମହିଳା ୱାର୍ଡ ବାଥ୍‌ରୁମ୍‌ରେ ନବଜାତ ଶିଶୁକନ୍ୟା ପଡ଼ିଥିବା ଜଣେ ରୋଗୀଙ୍କ ସମ୍ପର୍କୀୟ ଦେଖିବା ପରେ ଘଟଣା ସାମ୍ନାକୁ ଆସିଛି। କେହି ଜଣେ ସଦ୍ୟ ପ୍ରସବା ଏହି ନବଜାତ ଶିଶୁକନ୍ୟାକୁ ବାଥ୍‌ରୁମ୍‌ରେ ପକାଇ ଚିକିତ୍ସାଳୟରୁ ପଳାଇ ଯାଇଥିବା ଏବଂ ପରେ ଶିଶୁକନ୍ୟାର ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି। ତେବେ ଡାକ୍ତରଖାନା କର୍ମଚାରୀ କିମ୍ବା ଏପରିକି ସେହି ୱାର୍ଡରେ କାର୍ଯ୍ୟରତ ସ୍ୱାସ୍ଥ୍ୟ କର୍ମଚାରୀ, ଷ୍ଟାଫ୍‌ନର୍ସ ଓ ସୁରକ୍ଷା କର୍ମୀ ଘଟଣା ବିଷୟରେ କିପରି ଜାଣିପାରିଲେ ନାହିଁ ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କିଏ ଓ କେଉଁ ପରିସ୍ଥିତିରେ ଏପରି ପିଲା ଜନ୍ମ କରି ଛାଡ଼ି ଚାଲି ଯାଇଛନ୍ତି, ତାହାକୁ ନେଇ ମେଡିକାଲ କର୍ତ୍ତୃପକ୍ଷ ଖୋଳତାଡ଼ ଆରମ୍ଭ କରିଛନ୍ତି। ତେବେ ନୂତନ ଭାବେ ଯୋଗଦେଇଥିବା ନୂତନ ଭାବେ ଯୋଗ ଦେଇଥିବା ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସହ ଯୋଗାଯୋଗ ହୋଇପାରି ନାହିଁ।




- ବ୍ୟାଙ୍କର କୌଣସି ଅଥରାଇଜ୍ଡ ଅଧିକାରୀଙ୍କ ସହିତ ରିଅଲ୍-ଟାଇମ ଭିଡିଓ ଇଣ୍ଟେରାକସନ୍ (ଭିଡିଓ କେୱାଇସି) ମାଧ୍ୟମରେ ଏକ ବ୍ୟାଙ୍କ ଖାତା ଖୋଲନ୍ତୁ କିମ୍ବା କେୱାଇସି ଅପଡେଟ୍ କରନ୍ତୁ
- ବ୍ୟାଙ୍କ, ଭିଡିଓ କେୱାଇସି ବ୍ୟବହାର କରି ଗ୍ରାହକଙ୍କର ପରିଚୟ ଯାଞ୍ଚ କରିବ
- ଆବଶ୍ୟକୀୟ ଜରୁରୀ ଡକ୍ୟୁମେଣ୍ଟ: CKYC ଆଇଡେଣ୍ଟିଫାୟର **କିମ୍ବା** ଆଧାର **କିମ୍ବା** ଡିଜିଲକର୍‌ରେ ଏବଂ PAN ରେ ଥିବା ପରିଚୟ ଡକ୍ୟୁମେଣ୍ଟ
- ଆପଣଙ୍କ ବ୍ୟାଙ୍କର ସମୟ ଅନୁସାରେ ଭିଡିଓ କେୱାଇସି ଉପଲବ୍ଧ

ଅଧିକ ସୂଚନା ପାଇଁ,
ଭିଜିଟ୍ କରନ୍ତୁ **https://rbikehtahai.rbi.org.in/VKYC**
ଅଫିସିଆଲ୍ ହ୍ୱାଟ୍ସଆପ୍ ନମ୍ବର
99990 41935 / 99309 91935

ଜନହିତରେ ଜାରି
ଭାରତୀୟ ରିଜର୍ଭ ବ୍ୟାଙ୍କ
RESERVE BANK OF INDIA
www.rbi.org.in

# କୁଲି, ମୂଲିଆଙ୍କ ଦେଶ

ପାଖାପାଖି ୧୫୦ କୋଟି ଲୋକସଂଖ୍ୟା ବିଶିଷ୍ଟ ଭାରତରେ ଯୁବଶକ୍ତିର କେତେ ବେରୋଜଗାର ଅଛନ୍ତି ତାହାର ବାସ୍ତବ ସଂଖ୍ୟା ଜାଣିବା ଅସମ୍ଭବ। ଏଇଥିପାଇଁ ଅସମ୍ଭବ କୁହାଯାଉଛି ଯେ, କାରଣ ଏବକାର ପରିସ୍ଥିତିରେ କୌଣସି ସରକାରୀ କଳ ଦ୍ୱାରା ସଂଗୃହୀତ ତଥ୍ୟ ଉପରେ ଭରସା କରାଯାଇପାରିବ ନାହିଁ। ତେବେ ଅନ୍ତର୍ଜାତୀୟ ଶ୍ରମ ସଙ୍ଗଠନ (ଆଇଏଲ୍‌ଓ) ଏବଂ ଇନ୍‌ଷ୍ଟିଚ୍ୟୁଟ ଅଫ୍ ହ୍ୟୁମାନ ଡେଭଲପ୍‌ମେଣ୍ଟ (ଆଇଏଚ୍‌ଡି) ୨୦୨୪ରେ ଏକ ରିପୋର୍ଟ ପ୍ରକାଶ କରିଥିଲେ, ଯେଉଁଥିରେ ଦର୍ଶାଯାଇଥିଲା ଯେ ନିଯୁକ୍ତିବିହୀନ ଭାରତୀୟଙ୍କ ମଧ୍ୟରେ ରହିଛନ୍ତି ୮୩ ପ୍ରତିଶତ ଯୁବବର୍ଗ। ଅର୍ଥାତ୍ ଭାରତରେ ଯୁବ ବେକାର ବ୍ୟକ୍ତିଙ୍କ ସଂଖ୍ୟା ବଢ଼ିଚାଲିଛି। ଏବେ ଚକିତ କଲାଭଳି ଏକ ରିପୋର୍ଟ 'ୱାର୍କଇଣ୍ଡିଆ' ପକ୍ଷରୁ ପ୍ରକାଶ ପାଇଛି। ଭାରତରେ ବିଭିନ୍ନ କ୍ଷେତ୍ରରେ ନିଯୁକ୍ତି ଆଶାୟୀ ଓ ନିଯୁକ୍ତିଦାତାଙ୍କ ମଧ୍ୟରେ ଘଟସୂତ୍ର ସ୍ଥାପନ କରିବା ଦିଗରେ କାର୍ଯ୍ୟ କରୁଥିବା ଏହି ଅନ୍‌ଲାଇନ୍ ଜବ୍ ପୋର୍ଟାଲ କହିଛି ଯେ, ଦେଶରେ ବହୁ ଚାକିରି ଦଶମ ଶ୍ରେଣୀ ତଳକୁ ପଢ଼ିଥିବା ବର୍ଗକୁ ପସନ୍ଦ କରୁଛି। ଏହାର ଅର୍ଥ ବୁଝାଯିବା କଥା ନୁହେଁ ଯେ, ଦଶମ ପରେ ଅର୍ଜନ କରାଯାଇଥିବା ଡିଗ୍ରୀର ମାନେ କିଛି ନାହିଁ। କିନ୍ତୁ ଦେଶର ଶ୍ରମ ବଜାର କିଭଳି ଦିଗରେ ଗତି କରୁଛି ତାହାକୁ ଲକ୍ଷ୍ୟ କରିବା କଥା। କମ୍ ଶିକ୍ଷାଗତ ଯୋଗ୍ୟତାସମ୍ପନ୍ନ ବ୍ୟକ୍ତି କିଭଳି ନିଯୁକ୍ତି ବଜାରରେ ଆଦର ପାଉଛନ୍ତି ତାହାର ସଂଖ୍ୟାତ୍ମକ ରିପୋର୍ଟ ୱାର୍କଇଣ୍ଡିଆ ପ୍ରକାଶ କରିଛି। ୨୦୨୫ରେ ପ୍ରାୟ ୯.୯ ଲକ୍ଷ ନିଯୁକ୍ତିଦାତା ଓ ୧୦ କୋଟିରୁ ଅଧିକ କର୍ମଚାରୀଙ୍କ ନିଯୁକ୍ତି ତଥ୍ୟ ଉପରେ ଆଧାରିତ ରିପୋର୍ଟରେ କୁହାଯାଇଛି ଯେ, ଚାକିରି ପାଇଥିବା ବ୍ୟକ୍ତିଙ୍କ ମଧ୍ୟରେ ଦଶମ ଶ୍ରେଣୀ ତଳେ ରହିଥିବା ବର୍ଗଙ୍କ ସବୁଠାରୁ ଅଧିକ ଚାହିଦା ଥିବା ଯୋଗ୍ୟତା ପାଲଟିଯାଇଛି। ଅନ୍ୟପକ୍ଷରେ କର୍ମଚାରୀ ଓ ମାନବ ସମ୍ବଳ ଦିଗରେ କାର୍ଯ୍ୟରତ 'ଟିମ୍‌ଲିଜ୍'ର ଏକ ରିପୋର୍ଟରେ କୁହାଯାଇଛି ଯେ, ଦେଶରେ ୭୫ ପ୍ରତିଶତ ଉଚ୍ଚଶିକ୍ଷା ପ୍ରତିଷ୍ଠାନ ଏବେବି ଶିଳ୍ପ ଆବଶ୍ୟକତା ସହ ଅସଙ୍ଗତ ରହିଛନ୍ତି। ଚାକିରି ଓ ଶିକ୍ଷା ବର୍ତ୍ତମାନ ଭିନ୍ନ ପଥରେ ଯାଉଛନ୍ତି, ଯାହା ପୂର୍ବରୁ ହାତେହାତେ ଚାଲୁଥିଲା।

> କାର୍ଯ୍ୟଦକ୍ଷତାର ଘୋର ଅଭାବ ଯୋଗୁ ଭାରତର ଯୁବପିଢ଼ି ନିଯୁକ୍ତିଯୋଗ୍ୟ ହୋଇପାରୁ ନାହାନ୍ତି। ଦଶମ ଶ୍ରେଣୀରୁ ନିମ୍ନ ଥିବା ବ୍ୟକ୍ତିଙ୍କୁ ନିଯୁକ୍ତି ମିଳୁଥିବାର ଅର୍ଥ ହେଉଛି କୁଲି, ମୂଲିଆ ଓ କ୍ଲିନର ଚାକିରି। ଖୁବ୍‌ଶୀଘ୍ର ଏହି ଦେଶ ଅଳ୍ପ କେତେକ ପୁଞ୍ଜିପତିଙ୍କ ଦ୍ୱାରା ଶାସିତ ହେବ, ଯେଉଁଥିରେ ସାଧାରଣ ଯୁବତୀଯୁବକ କେବଳ ସେହି ଛୋଟକାଟିଆ କାମରେ ନିଯୁକ୍ତ ହେଉଥିବେ।

ଉପରଲିଖିତ ରିପୋର୍ଟ ଦେଖିଲେ ଭାରତରେ ନିଯୁକ୍ତିର ବିଷମ ଦିଗସବୁ ପଦାକୁ ଆସୁଛି। ଏଥିପାଇଁ ଦେଶର ଶିକ୍ଷା ଓ ନିଯୁକ୍ତିଭିତ୍ତିକ ନୀତି ବା ଯୋଜନାକୁ ଇଙ୍ଗିତ କରାଯାଇପାରେ। ଭାରତ ବିକଶିତ ରାଷ୍ଟ୍ର ହେବା ପାଇଁ ସ୍ୱପ୍ନ ଦେଖିବା ସ୍ୱାଗତଯୋଗ୍ୟ। ୫ ଟ୍ରିଲିୟନ ଅର୍ଥନୀତି ପାଇଁ ଆକାଂକ୍ଷା ରଖିବା ଉତ୍ସାହଜନକ। କିନ୍ତୁ ପ୍ରଶ୍ନ ଉଠୁଛି ଯେ, ଏଥିପାଇଁ ଦେଶର ଯୁବଶକ୍ତିକୁ କେତେ ପରିମାଣରେ ପ୍ରସ୍ତୁତ କରାଯାଉଛି। ଗତ ଦଶନ୍ଧି ହେବ ନିଯୁକ୍ତି କ୍ଷେତ୍ରକୁ ବ୍ୟାପକ କରାଯାଉଥିବା ଜୋରଦାର କୁହାଯାଉଛି। ବାସ୍ତବରେ ଦେଖିଲେ କମ୍ ପାଠ ପଢ଼ି କୁଶଳୀ ହେଉଥିବା ବର୍ଗଙ୍କୁ ବିଶେଷ ଅଗ୍ରାଧିକାର ଦିଆଯାଉଛି। କାରଣ ଭାରତରେ ଶିକ୍ଷାଲାଭ କରିଥିବା ଯୁବକ ଯଦି ନିଜକୁ ଉଚ୍ଚଶିକ୍ଷିତ ମନେକରନ୍ତି, ତେବେ ସେମାନେ ନିଜ ହାତରେ କୌଣସି କାର୍ଯ୍ୟ କରିବାକୁ ପସନ୍ଦ କରନ୍ତି ନାହିଁ। ସମସ୍ତଙ୍କୁ ଟେବୁଲରେ ବସା ଚାକିରି ଆବଶ୍ୟକ, ଯେଉଁଥିରେ ମାସ ଶେଷରେ ଦରମା ସୁନିଶ୍ଚିତ ଥିବ। ଯଦି ଦରମା ସହିତ ଉପୁରି ମିଳିପାରିଲା ତେବେ ତାହା ଆକର୍ଷଣୀୟ ଚାକିରି, ଯାହାକୁ ହାସଲ କରିବା ପାଇଁ ଆଶାୟୀ ସମ୍ପତ୍ତି ବିକ୍ରିକରି ଘୁସ୍ ଦେବାପାଇଁ ପ୍ରସ୍ତୁତ ହୋଇଯାଆନ୍ତି। କାର୍ଯ୍ୟରେ ସମୟ ଏବଂ ଗୁଣବତ୍ତାକୁ ଆଖିରେ ରଖିବାର ଚରିତ୍ର ଆମେ ଭାରତୀୟମାନେ ଶିଖିବାକୁ ନାରାଜ। ସମୟ ଥିଲା ଭାରତରୁ ଅନେକ ପୂର୍ଣ୍ଣାଙ୍ଗ ଉତ୍ପାଦ ବିଦେଶକୁ ରପ୍ତାନି ହେଉଥିଲା। ଗତ ଦଶନ୍ଧିର ରେକର୍ଡ ଦେଖିଲେ ମନେହେଉଛି ଏହି ଦେଶରୁ କେବଳ କଞ୍ଚାମାଲ ବିଦେଶକୁ ରପ୍ତାନି ହେଉଛି। ଭାରତୀୟ ଯୁବକ ବାସ୍ତବରେ କାର୍ଯ୍ୟ ନୁହେଁ, ଚାକିରି ଖୋଜିଥାନ୍ତି। ଏହି ଦୁଇଟି ଶବ୍ଦ ମଧ୍ୟରେ ଅନେକ ଅନ୍ତର ରହିଛି। କାର୍ଯ୍ୟଦକ୍ଷତାର ଘୋର ଅଭାବ ଯୋଗୁ ଭାରତର ଯୁବପିଢ଼ି ନିଯୁକ୍ତିଯୋଗ୍ୟ ହୋଇପାରୁ ନାହାନ୍ତି। ଦଶମ ଶ୍ରେଣୀରୁ ନିମ୍ନ ଥିବା ବ୍ୟକ୍ତିଙ୍କୁ ନିଯୁକ୍ତି ମିଳୁଥିବାର ଅର୍ଥ ହେଉଛି କୁଲି, ମୂଲିଆ ଓ କ୍ଲିନର ଚାକିରି। ଖୁବ୍‌ଶୀଘ୍ର ଏହି ଦେଶ ଅଳ୍ପ କେତେକ ପୁଞ୍ଜିପତିଙ୍କ ଦ୍ୱାରା ଶାସିତ ହେବ, ଯେଉଁଥିରେ ସାଧାରଣ ଯୁବତୀଯୁବକ କେବଳ ସେହି ଛୋଟକାଟିଆ କାମରେ ନିଯୁକ୍ତ ହେଉଥିବେ।

# ଜଳବାୟୁ ବିପଦ ସୂଚକାଙ୍କ ଚେତାବନୀ



ପ୍ରକାଶ ତ୍ରିପାଠୀ

ସମ୍ପ୍ରତି ଦିଲ୍ଲୀର ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ବିପଦପୂର୍ଣ୍ଣ ସ୍ତରରେ ପହଞ୍ଚିଛି। ଏହାଦ୍ୱାରା ଅନେକ ଅଞ୍ଚଳରେ ଜନସାଧାରଣ ନିଃଶ୍ୱାସ ନେବାରେ କଷ୍ଟ ଅନୁଭବ କରୁଛନ୍ତି। ଏହାର ମୁଖ୍ୟ କାରଣ ଭାବେ ଯାନବାହନ ଓ ଶିଳ୍ପ ଆଦିରୁ ଧୂଆଁ ନିଷ୍କାସନ, ନିର୍ମାଣ କାର୍ଯ୍ୟ, ଅଳିଆ ଏବଂ ନଡ଼ା ପୋଡ଼ିବାଜନିତ ପ୍ରଦୂଷଣ କୁହାଯାଉଛି। ଏହି ପ୍ରଦୂଷଣର ପ୍ରଭାବ କେବଳ ଦିଲ୍ଲୀ ପର୍ଯ୍ୟନ୍ତ ସୀମିତ ନୁହେଁ; ବିହାର, ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡ ଏବଂ ଚଣ୍ଡିଗଡ଼ ଭଳି ପାହାଡ଼ିଆ ଏବଂ ଅନ୍ୟାନ୍ୟ ରାଜ୍ୟରେ ବାୟୁ ଗୁଣବତ୍ତାକୁ ମଧ୍ୟ ଖରାପ କରୁଛି। ଠିକ୍ ଏହି ସମୟରେ ଜଳବାୟୁ ବିପଦ ସୂଚକାଙ୍କ ୨୦୨୬ର ଏକ ସଦ୍ୟ ରିପୋର୍ଟ ପ୍ରକାଶ ପାଇଛି, ଯାହା କି ଭାରତର ଜଳବାୟୁ ପ୍ରତି ଚରମ ଚେତାବନୀ ଦେଇଛି। ଏହି ରିପୋର୍ଟ ଅନୁଯାୟୀ ୧୯୯୫-୨୦୨୪ ସମୟ ମଧ୍ୟରେ ଜଳବାୟୁ ପରିବର୍ତ୍ତନ ସମ୍ପର୍କିତ ଚରମ ପାଣିପାଗ ଘଟଣା (ବନ୍ୟା, ସାମୁଦ୍ରିକ ଝଡ଼, ଅଂଶୁଘାତ, ମରୁଡ଼ି ଇତ୍ୟାଦି) ପାଇଁ ସବୁଠାରୁ ଅଧିକ ସମ୍ବେଦନଶୀଳ ଶୀର୍ଷ ଦଶଟି ଦେଶ ମଧ୍ୟରେ ଭାରତ ସ୍ଥାନ ପାଇଛି। ଏହି ତିରିଶ ବର୍ଷର ସମୟ ମଧ୍ୟରେ, ଭାରତ ପ୍ରାୟ ୪୩୦ଟି ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି, ଯେଉଁଥିରେ ପ୍ରାୟ ଅଶୀ ହଜାର ଲୋକଙ୍କ ମୃତ୍ୟୁ ହେବା ସହ ଶହେ କୋଟିରୁ ଅଧିକ ଲୋକ ପ୍ରଭାବିତ ହୋଇଛନ୍ତି। ଏହି ସମୟରେ ଆନୁମାନିକ ଆର୍ଥିକ କ୍ଷତି ଥିଲା ପ୍ରାୟ ୧୭୦ ବିଲିୟନ। ଏହି ରିପୋର୍ଟ ଆହୁରି ସ୍ପଷ୍ଟ କରିଛି ଯେ ଭାରତ 'ନିରନ୍ତର ବିପଦ' ବର୍ଗରେ ରହି ଆସିଛି ଓ ଦେଶରେ ଜଳବାୟୁ ବିପର୍ଯ୍ୟୟ ଏତେ ନିୟମିତ ଘଟୁଛି ଯେ ଗୋଟିଏ ବିପର୍ଯ୍ୟୟର ପ୍ରଭାବରୁ ସମ୍ପୂର୍ଣ୍ଣ ମୁକୁଳିବା ପୂର୍ବରୁ ଆଉ ଗୋଟିଏ ବିପର୍ଯ୍ୟୟ ଘଟି ଯାଉଛି। ଯଦି ଜଳବାୟୁ-ସ୍ମାର୍ଟ ନୀତି, ବିପର୍ଯ୍ୟୟ ପରିଚାଳନା, ସବୁଜ ଭିତ୍ତିଭୂମି, ଜଳ ସଂରକ୍ଷଣ, ଉପକୂଳ ସୁରକ୍ଷା ଏବଂ ଗ୍ରାମୀଣ ବିକାଶ ଉପରେ ତୁରନ୍ତ ଏବଂ ସକ୍ରିୟ ପଦକ୍ଷେପ ନିଆ ନ ଯାଏ, ତେବେ ଆଗାମୀ ଦଶନ୍ଧିଗୁଡ଼ିକରେ ଭାରତର ଦୁର୍ବଳତା ଆହୁରି ବୃଦ୍ଧି ପାଇପାରେ। ପ୍ରକାଶଯୋଗ୍ୟ ଯେ ଜଳବାୟୁ ବିପଦ ସୂଚକାଙ୍କ ହେଉଛି ଜର୍ମାନୱାଚ ନାମକ ଏକ ଅନ୍ତର୍ଜାତୀୟ ପରିବେଶଭିତ୍ତିକ ସ୍ୱାଧୀନ ସଂଗଠନର ଏକ ବାର୍ଷିକ ପ୍ରକାଶନ। ଏହି ସଂଗଠନ ୨୦୦୬ ମସିହାରୁ ଚରମ ପାଣିପାଗ ଘଟଣାଗୁଡ଼ିକର ମାନବ ଏବଂ ଆର୍ଥିକ କ୍ଷତିକୁ ସର୍ବେକ୍ଷଣ କରିଆସୁଛି।

ବ୍ରାଜିଲର ବେଲେମରେ ଅନୁଷ୍ଠିତ ଜଳବାୟୁ ବିପଦ ସୂଚକାଙ୍କ ସମ୍ମିଳନୀରେ ପ୍ରକାଶିତ ରିପୋର୍ଟ ପୁଣିଥରେ ବିଶ୍ୱ ସମ୍ମୁଖରେ ସେହି କଠୋର ସତ୍ୟକୁ ଉପସ୍ଥାପନ କରିଛି, ଯାହା ଆମେ ବର୍ଷ ବର୍ଷ ଧରି ଅନୁଭବ କରିଆସୁଛୁ। କିନ୍ତୁ ଏହାର ସମାଧାନ ଖୋଜିବାର ଗତି ଏପର୍ଯ୍ୟନ୍ତ ନଗଣ୍ୟ। ଏହି ରିପୋର୍ଟରେ ଭାରତର ଏକ ଭୟଙ୍କର ଜଳବାୟୁ ଚିତ୍ର ଯେପରି ଦର୍ଶାଯାଇଛି, ତାହାକୁ ଅଣଦେଖା କଲେ ତାହା ଜାତୀୟ ସୁରକ୍ଷା, ଅର୍ଥନୀତି, ଖାଦ୍ୟ ସୁରକ୍ଷା ଏବଂ ମାନବ ଜୀବନ ପାଇଁ ବିପଦପୂର୍ଣ୍ଣ ହେବ। ଯେତେବେଳେ ଭାରତ ବିଶ୍ୱ ପ୍ଲାଟଫର୍ମରେ ବିକାଶକୁ ତ୍ୱରାନ୍ୱିତ କରିବା, ନିଯୁକ୍ତି ସୃଷ୍ଟି କରିବା ଏବଂ ଭିତ୍ତିଭୂମିରେ ପ୍ରଚୁର ନିବେଶ କରିବା ବିଷୟରେ କଥାବାର୍ତ୍ତା କରୁଛି, ସେତେବେଳେ ଜଳବାୟୁ ସଙ୍କଟ ଆମ ବିକାଶରେ ନୂଆ ନୂଆ ପ୍ରତିବନ୍ଧକ ସୃଷ୍ଟି କରୁଛି। ଭାରତର ଭୌଗୋଳିକ ବିବିଧତା ଏଥିପାଇଁ ସୁଯୋଗ ଏବଂ ଚ୍ୟାଲେଞ୍ଜ ସୃଷ୍ଟି କରୁଛି। ସାମୁଦ୍ରିକ ବାତ୍ୟା/ଘୂର୍ଣ୍ଣିବାତ୍ୟାର ବୃଦ୍ଧି ପାଉଥିବା ତୀବ୍ରତା, କିଛି ଅଞ୍ଚଳରେ ନିରନ୍ତର ମରୁଡ଼ି ଏବଂ ଅନେକ ରାଜ୍ୟରେ ବିନାଶକାରୀ ବନ୍ୟା – ଏହି ତିନୋଟି ମିଳିତ ଭାବରେ ଭାରତ ପାଇଁ ଏକ ଚ୍ୟାଲେଞ୍ଜ ସୃଷ୍ଟି କରିଛି, ଯାହା ଖାଦ୍ୟ ଶୃଙ୍ଖଳ, ଜଳ ସୁରକ୍ଷା ଏବଂ ଜୀବିକା ପାଇଁ ଗମ୍ଭୀର ବିପଦ ଆଣିଛି। ଗତ ବର୍ଷର ପ୍ରବଳ ବର୍ଷା ଏବଂ ବନ୍ୟା ପ୍ରାୟ ଆଠ ନିୟୁତ ଲୋକଙ୍କୁ ପ୍ରଭାବିତ କରିଥିଲା। ଏହି ସଂଖ୍ୟା ସୂଚାଇ ଦିଏ ଯେ ପ୍ରତ୍ୟେକ ଜଳବାୟୁ ପ୍ରଭାବ ବର୍ତ୍ତମାନ ଲକ୍ଷ ଲକ୍ଷ ଲୋକଙ୍କ ଜୀବନକୁ ସିଧାସଳଖ ପ୍ରଭାବିତ କରୁଛି।



୧୪୦ କୋଟିରୁ ଊର୍ଦ୍ଧ୍ୱ ଲୋକଙ୍କୁ ଖାଦ୍ୟ ଯୋଗାଇବା ନିଶ୍ଚିତ ଏକ ଗୁରୁତ୍ୱପୂର୍ଣ୍ଣ ଆହ୍ୱାନ। ଜଳବାୟୁ ପରିବର୍ତ୍ତନ କୃଷି ଚକ୍ରକୁ ପରିବର୍ତ୍ତନ କରିଛି। କୃଷି ତଥା ଆନୁଷଙ୍ଗିକ କୃଷିକୁ ଅନିଶ୍ଚିତ ପରିସ୍ଥିତିକୁ ଠେଲି ଦେଇଛି। ଋତୁଚକ୍ର ପରିବର୍ତ୍ତନ, ପରିବର୍ତ୍ତନଶୀଳ ତାପମାତ୍ରା, ଅସମୟରେ ବର୍ଷା ଏବଂ ଦୀର୍ଘ ମରୁଡ଼ି ଅନେକ ଫସଲର ଉତ୍ପାଦନକୁ ଗଭୀର ଭାବରେ ପ୍ରଭାବିତ କରିଛି। ତେଣୁ, ଆଜି କେବଳ କୃଷି ପ୍ରଯୁକ୍ତିବିଦ୍ୟା ନୁହେଁ ବରଂ ଚାଷୀ ସ୍ତରରେ ବ୍ୟାପକ ସଚେତନତା, ଫସଲ ବିବିଧତା, ଜଳ ସଂରକ୍ଷଣ ଏବଂ ତାପମାତ୍ରା-ପ୍ରତିରୋଧୀ ବିହନ ଉପରେ ଗବେଷଣା ମଧ୍ୟ ସମାନ ଭାବରେ ଜରୁରୀ। ଭାରତ ଅନ୍ତର୍ଜାତୀୟ ପ୍ଲାଟଫର୍ମରେ ଏହାର ଜଳବାୟୁ ପ୍ରତିବଦ୍ଧତାକୁ ଗମ୍ଭୀରତାର ସହିତ ଅନୁସରଣ କରିଛି। ନବୀକରଣୀୟ ଶକ୍ତି, ବିଶେଷକରି ସୌର ଶକ୍ତି କ୍ଷେତ୍ରରେ ଭାରତର ଅଗ୍ରଗତି ଉଲ୍ଲେଖନୀୟ। କିନ୍ତୁ କେବଳ ଲକ୍ଷ୍ୟ ସ୍ଥିର କରିବା ଯଥେଷ୍ଟ ନୁହେଁ, ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ତୃଣମୂଳ ସ୍ତରରେ ଏହାର ପ୍ରକୃତ ପ୍ରଭାବ କେତେ ତାହା ନିରୂପଣ ହେବା ଆବଶ୍ୟକ। ତାପମାତ୍ରା ବୃଦ୍ଧି ପାଇଁ ପଦକ୍ଷେପ ହେଉ କିମ୍ବା କାର୍ବନ ନିର୍ଗମନ ହ୍ରାସ କରିବା ପାଇଁ ଯୋଜନା ହେଉ, ସେମାନଙ୍କର ଫଳାଫଳ କେବଳ କାଗଜପତ୍ରରେ ନୁହେଁ ବରଂ ଗ୍ରାମ ଏବଂ ସହରଗୁଡ଼ିକର ପ୍ରକୃତ ପରିସ୍ଥିତିରେ ଦୃଶ୍ୟମାନ ହେବା ଉଚିତ। ଏହାକୁ ହାସଲ କରିବା ପାଇଁ, ଗ୍ରାମ ପଞ୍ଚାୟତଠାରୁ ଆରମ୍ଭ କରି ପୌର ସଂସ୍ଥା ପର୍ଯ୍ୟନ୍ତ ସମସ୍ତଙ୍କୁ ସମାଧାନ ପ୍ରକ୍ରିୟାରେ ସାମିଲ କରିବା ଅତ୍ୟନ୍ତ ଜରୁରୀ। ବିକାଶ ଏବଂ ପରିବେଶ ସୁରକ୍ଷାକୁ ଅସଙ୍ଗତ ବୋଲି ବିଚାର କରିବା ଏକ ଦୀର୍ଘକାଳୀନ ଭୁଲ୍। ପରିବେଶଗତ ଦୃଷ୍ଟିରୁ ଆଜି ସମସ୍ତ ବିକାଶ ମଡେଲ ସମ୍ବେଦନଶୀଳ ହେବା ଆବଶ୍ୟକ। ଯଦି ବିକାଶ ଜଙ୍ଗଲ କଟାର ମୂଲ୍ୟରେ ଆସେ, ତେବେ ଏହାର ଲାଭ କ୍ଷଣସ୍ଥାୟୀ ଏବଂ କ୍ଷତି ଅଧିକ। ଏହା ମଧ୍ୟ ଏକ ସତ୍ୟ ଯେ ବିଶ୍ୱ କାର୍ବନ ନିର୍ଗମନରେ ଯେଉଁ ଦେଶମାନଙ୍କର ଅବଦାନ ନଗଣ୍ୟ, ସେମାନେ ଜଳବାୟୁ ସଙ୍କଟର ଅଧିକ ସମ୍ମୁଖୀନ ହେଉଛନ୍ତି। ବିକାଶଶୀଳ ଦେଶମାନଙ୍କ ପାଖରେ ଜଳବାୟୁ ବିପର୍ଯ୍ୟୟର ମୁକାବିଲା ପାଇଁ ସୀମିତ ସମ୍ବଳ ଏବଂ ସୀମିତ କ୍ଷମତା ଅଛି। ତେଣୁ, ବିକଶିତ ରାଷ୍ଟ୍ରଗୁଡ଼ିକର ଦାୟିତ୍ୱ କେବଳ ଆର୍ଥିକ ସହାୟତାରେ ନୁହେଁ, ବରଂ ସେମାନଙ୍କର କାର୍ବନ ନିର୍ଗମନରେ ଯଥେଷ୍ଟ ଏବଂ ତୁରନ୍ତ ହ୍ରାସ କରିବାରେ ମଧ୍ୟ ରହିଛି। ଭାରତ ପାଇଁ, ଜଳବାୟୁ ପରିବର୍ତ୍ତନ ଆଉ ଏକ ଦୂର ବିପଦ ନୁହେଁ; ଏହା ପ୍ରତିବର୍ଷ, ପ୍ରତ୍ୟେକ ଋତୁରେ ଆମ ଦ୍ୱାରକୁ କରାଘାତ କରୁଛି।

ଏହା କେବଳ ସରକାରୀ ନୀତି, ଶିଳ୍ପ କିମ୍ବା ଅନ୍ତର୍ଜାତୀୟ ଚୁକ୍ତିନାମାର ବିଷୟ ନୁହେଁ, ବରଂ ସମଗ୍ର ସମାଜର ଦାୟିତ୍ୱ। ଯଦି ଏହାର ମୁକାବିଲାର ପ୍ରୟାସକୁ ଯୁଦ୍ଧକାଳୀନ ସ୍ତରରେ କରା ନ ଯାଏ, ତେବେ ଏହି ସଙ୍କଟ ଆଗାମୀ ଦଶନ୍ଧିରେ କେବଳ ମାନବ ସଙ୍କଟକୁ ବୃଦ୍ଧି କରିବ ନାହିଁ ବରଂ ଭାରତର ବିକାଶ ଯାତ୍ରାକୁ ଗୁରୁତର ଭାବରେ ବାଧା ଦେବ। ସାମଗ୍ରିକ ଭାବରେ, ଏହା କୁହାଯାଇପାରେ ଯେ ଜଳବାୟୁ ସଙ୍କଟ ଏକ ବିଶ୍ୱ ସଙ୍କଟ ଏବଂ ଭାରତକୁ ଏହା ପ୍ରତି ବିଶେଷ ଧ୍ୟାନ ଦେବାକୁ ପଡ଼ିବ। ଏହା ଏପରି ଏକ ସମସ୍ୟା ଯାହା ଆମ ସ୍ୱାସ୍ଥ୍ୟଠାରୁ ଆରମ୍ଭ କରି ଖାଦ୍ୟ ପର୍ଯ୍ୟନ୍ତ ସବୁକିଛିକୁ ପ୍ରଭାବିତ କରୁଛି। ତେଣୁ, ଏହାର ଭୟଙ୍କର ପରିସ୍ଥିତିକୁ ବୁଝିବା ଆବଶ୍ୟକ। ଯଦି ଆମେ ସମୟ ମଧ୍ୟରେ ଜାଗ୍ରତ ନ ହେବା, ତେବେ ଏହି ସମସ୍ୟା ଆହୁରି ବଢ଼ିଯିବ। ଏହି ଅର୍ଥରେ, ଜଳବାୟୁ ବିପଦ ସୂଚକାଙ୍କ-୨୦୨୬ କେବଳ ଏକ ପରିସଂଖ୍ୟାନ ନୁହେଁ, ଏହା ଏକ ଚେତାବନୀ। ଏହା ଦର୍ଶାଏ ଯେ ଜଳବାୟୁ ସଙ୍କଟ ଆଉ ଭବିଷ୍ୟତର କଥା ନୁହେଁ, ବରଂ ବର୍ତ୍ତମାନର ଚରମ ବାସ୍ତବତା।

ମୋ:୯୪୩୭୨୩୨୪୬୩

# ବୁଦ୍ଧି ବିସ୍ଫୋଟ



ଡ଼. ନରେନ୍ଦ୍ର ସେଠୀ

ବିଜ୍ଞାନ ଦୃଷ୍ଟିରେ ୨୦୨୬କୁ ଏକ ଗୁରୁତ୍ୱପୂର୍ଣ୍ଣ ଦୃଷ୍ଟିକୋଣରେ ଦଣ୍ଡାୟମାନ ଥିବାର ଦେଖିବାକୁ ମିଳିଛି। ଏଆଇ ନାମରେ କୃତ୍ରିମ ବୁଦ୍ଧିମତ୍ତା ସମଗ୍ର ବିଶ୍ୱକୁ ବଦଳାଇ ଦେବାର ସାମର୍ଥ୍ୟ ନେଇ ବିଶ୍ୱର ମାନବ ସମ୍ବଳ ଉପରେ କୋପ ଦୃଷ୍ଟି ନିକ୍ଷେପ କରିଛି। ଏଆଇ ଯେତିକି ଦ୍ରୁତ ବେଗରେ ଆମ ଜୀବନ ଶୈଳୀକୁ ପ୍ରଭାବିତ କରୁଛି ଏହା ଦ୍ୱାରା ଏକଥା ସତ୍ୟ ଯେ ଆଗାମୀ ସମୟ ସମ୍ପୂର୍ଣ୍ଣ ରୋବୋ ଦ୍ୱାରା ପରିଚାଳିତ ହେବାକୁ ଯାଉଛି। ବିଶେଷ କରି ହ୍ୟୁମାନୋଏଡ ରୋବୋଗୁଡିକୁ ନେଇ ବିଜ୍ଞାନ ଅଧିକ ଉତ୍ସାହିତ ଅଛି। ଏହି ହ୍ୟୁମାନୋଏଡ ରୋବୋ କଳକାରଖାନାରୁ ବାହାରି ଆମମାନଙ୍କ ଘର ଓଳେଇବା, ରୋଷେଇ କରିବା, ଜଗୁଆଳି ରହିବା, ଲୁଗାସଫା କରିବା ଇତ୍ୟାଦି ନିତ୍ୟ କାମ କରିବାକୁ ଯାଉଛି ଓ ଏଥିପାଇଁ ଅନେକ ବିଶ୍ୱସ୍ତରୀୟ କମ୍ପାନୀ ଆଗେଇ ଆସିଲେଣି। ଯଦି ଏହା ହୁଏ ତା'ହେଲେ ଅଷ୍ଟାଦଶ ଶତାବ୍ଦୀର ଶିଳ୍ପ ବିପ୍ଳବ ପରେ ଏହା ବିଜ୍ଞାନର ଏକ ବଡ଼ ବିପ୍ଳବ କହିଲେ ଭୁଲ୍ ହେବନାହିଁ। ଏହାକୁ ନେଇ ସବୁଠୁ ବଡ଼ ବିପଦ ମାନବ ସମାଜର ସୁରକ୍ଷା ଉପରେ, ଯାହା 'ଏଆଇ-୨୦୨୭' ନାମକ ରିପୋର୍ଟରେ ସମଗ୍ର ବିଜ୍ଞାନ ଜଗତରେ ଏକ କୋକୁଆ ଭୟ ସୃଷ୍ଟି କରିଛି। ଡାନିଏଲ କୋକୁଟାଯିଲୋ ନାମକ ଜଣେ କମ୍ପ୍ୟୁଟର ବୈଜ୍ଞାନିକ ଏଆଇ -୨ ନାମରେ ଏକ ଗବେଷଣା ରିପୋର୍ଟ ପ୍ରକାଶ କରି ଦାବି କରଛନ୍ତି ଯେ ଆସନ୍ତା କିଛି ବର୍ଷ ଭିତରେ ସମଗ୍ର ମାନବ ସଭ୍ୟତା ଏଆଇ ଯୋଗୁଁ ଲୋପ ପାଇଯିବ। ଏହି ଭବିଷ୍ୟବାଣୀ ପରୀ କାହାଣୀ ପରି ଲାଗୁଥିଲେ ମଧ୍ୟ ଯେଉଁ ଦ୍ରୁତ ଗତିରେ ଏଆଇ ମଣିଷର ଗାଣିତିକ କ୍ଷମତାକୁ ପଛରେ ପକାଇ ମାଡି ଚାଲିଛି, ତାହା ସତ ହୋଇପାରେ। ବିଜ୍ଞାନର ଚମତ୍କାର ଯେଉଁ ଏଆଇକୁ ଜନ୍ମ ଦେଇଛି ତାହା ଦିନକୁ ଦିନ ଅତି ବୁଦ୍ଧିମାନ ଓ ଶକ୍ତିଶାଳୀ ହେବାକୁ ଲାଗିଛି ଯେ ଭବିଷ୍ୟତରେ ମଣିଷ ଏହାର ପ୍ରଥମ ଶିକାର ହୋଇପାରେ। ମଣିଷର ମସ୍ତିଷ୍କ ନିଜର ବିକାଶ ପାଇଁ ଖାଦ୍ୟ ଆବଶ୍ୟକ କରୁଥିବା ବେଳେ ଏହି ଯାନ୍ତ୍ରିକ ବୁଦ୍ଧିମତ୍ତା ନିଜର ବିଚକ୍ଷଣ ବୁଦ୍ଧିକୁ ପ୍ରଖର କରିବା ପାଇଁ ସର୍ବଦା ତଥ୍ୟ ପାଇଁ ଆତୁର ଥାଏ। ତେଣୁ ମଣିଷ ନିଜର ଆତ୍ମ ଚେତନା ବିକାଶ ପାଇଁ ବେଶ୍ ଦୀର୍ଘ ସମୟ ନେଉଥିବା ବେଳେ କୃତ୍ରିମ ବୁଦ୍ଧିମତ୍ତା ସମ୍ପନ୍ନ ଏହି ଯାନ୍ତ୍ରିକ ହ୍ୟୁମାନୋଏଡ ରୋବୋଗୁଡିକ ନିମିଷକେ ଚେତନାପ୍ରାପ୍ତ କରିନେବେ। ଏଆଇର ବିବେକ ଶୂନ୍ୟ ପ୍ରଖର ବୁଦ୍ଧି ଜାଣି ପାରେନା 'ମୁଁ କିଏ ଓ ସେ ମାନବର ଚେତନା ଯୁକ୍ତ ବୁଦ୍ଧିକୁ ନକଲ କରି ଘୋର ବିପର୍ଯ୍ୟୟ ସୃଷ୍ଟି କରିପାରେ। ତେଣୁ ବିଜ୍ଞାନ ଏକ ଏପରି ଚମତ୍କାର ପ୍ରସ୍ତୁତ କରି ସାରିଛି ଯିଏ ମଣିଷକୁ ନକଲ କରି ଧୋକା ଦେବା ସଂଗେ ସଂଗେ ପ୍ରତିରୋଧ ମଧ୍ୟ କରିପାରେ।




ବିଜ୍ଞାନର ଏହି ଜୟଯାତ୍ରା ଯୋଗୁ ୨୦୨୭ ବେଳକୁ ଅନେକ ଦେଶରେ ଏଆଇକୁ ବିରୋଧ କରି ବ୍ୟାପକ ଜନ ଆନ୍ଦୋଳନ ହେବାର କୁହାଯାଉଛି। ବୋଧେ ସେଇଥିପାଇଁ କିଛି ବର୍ଷ ପୂର୍ବରୁ ଏକବିଂଶ ଶତାବ୍ଦୀର ସବୁଠୁ ବିଚକ୍ଷଣ ବୈଜ୍ଞାନିକ ଷ୍ଟିଫେନ ହକିନ୍ସ ଭବିଷ୍ୟବାଣୀ କରିଥିଲେ ଯେ ପୃଥିବୀ ଦିନେ ରୋବୋମାନେ ଅକ୍ତିଆର କରି ମଣିଷକୁ ଦାସ କରିନେବେ। ମାନବ ଅସ୍ତିତ୍ୱର ସମ୍ଭାବ୍ୟ ବିନାଶର କାରଣ ମଧ୍ୟରେ ରୋବୋମାନଙ୍କର ଆଧିପତ୍ୟ ସ୍ଥାପନ କରିବା ମଧ୍ୟ ଏକ ସମ୍ଭାବ୍ୟ କାରଣ ହୋଇପାରେ। ରୋବୋକୁ ବିକଶିତ କରିବାର ପ୍ରଚେଷ୍ଟା ଯଦି ଜାରି ରୁହେ ତା'ହେଲେ ଏହା ଭସ୍ମାସୁର ହୋଇ ମଣିଷକୁ ନାଲିଆଖି ଦେଖେଇ ପାରେ। ତେବେ ଏହି ରୋବୋମାନେ ବରଦାନ ସାବ୍ୟସ୍ତ ହୋଇ ମଣିଷର ଅନେକ କାର୍ଯ୍ୟ କରିପାରୁଛନ୍ତି ଓ ସୂଚନା ବିଜ୍ଞାନ କ୍ଷେତ୍ରରେ ମଣିଷ ପାଇଁ ନୂତନ ନିଯୁକ୍ତି ସୁଯୋଗ ତିଆରି ହୋଇଛି। ଟିକେ ଅଧିକ ବୁଦ୍ଧି ଥିବାରୁ ମଣିଷ ସିମ୍ପାଞ୍ଜିମାନଙ୍କୁ ଛାଡି ଆଜି ଏ ସୋପାନରେ ପହଞ୍ଚିଛି। ଏପର୍ଯ୍ୟନ୍ତ ମଣିଷ ତା'ର ବୁଦ୍ଧିମତ୍ତାକୁ ଆହୁରି ବଢ଼େଇବାକୁ ପ୍ରୟାସ ଜାରିରଖିଛି। ଯାହା ଫଳରେ ଅତି ବୁଦ୍ଧିମାନ ରୋବୋ ତିଆରି କରି ଅନେକ ଅସାଧ୍ୟ କାମକୁ ନିମିଷକେ କରିପାରୁଛି। ଏହି ପରିପ୍ରେକ୍ଷୀରେ ମହାନ୍ ବୈଜ୍ଞାନିକ ଷ୍ଟିଫେନ୍ ହକିନସଙ୍କ ଆକଳନ ଅନୁସାରେ ଭବିଷ୍ୟତରେ ମଣିଷ ଓ ମଣିଷ ତିଆରି ରୋବୋ ମଧ୍ୟରେ ସଂଘର୍ଷ ହେବ ଓ ରୋବାମାନେ ପୃଥିବୀ ଉପରେ ଆଧିପତ୍ୟ ଜମେଇବାର ସମ୍ଭାବନା ଅଛି। ଏହା ଆଶ୍ଚର୍ଯ୍ୟ ଲାଗୁଥିଲେ ମଧ୍ୟ ଅସମ୍ଭବ ନୁହେଁ। ଏହି ସମସ୍ୟାକୁ ବୁଦ୍ଧି ବିସ୍ଫୋଟ କୁହାଯାଉଛି, ଯାହାଫଳରେ ନିଜେ ରୋବୋ ଓ କମ୍ପ୍ୟୁଟରଗୁଡିକ ନିଜ ପାଇଁ ଅତି ପ୍ରଖର ପ୍ରୋଗ୍ରାମ ତିଆରି କରିନେବେ ଏବଂ ମଣିଷକୁ ନିଜର ଦାସ କରିନେବେ। ଯଦିଓ ଏହା ଉପରେ ମାନବ ସମାଜ ଏତେ ଗୁରୁତ୍ୱ ଦେଇନି, ଏହା ଦିନେ ମଣିଷ ଅସ୍ତିତ୍ୱକୁ ସଙ୍କଟରେ ପକାଇ ପାରେ।

ମହାଦେବଙ୍କଠାରୁ ବରପ୍ରାପ୍ତ ହେବା ପରେ ଭସ୍ମାସୁର ପରୀକ୍ଷା କରିବା ପାଇଁ ଶିବଙ୍କୁ ଗୋଡ଼ାଇଥିବାର ଉଦାହରଣ ଆମେ ପୌରାଣିକ କଥାରେ ଶୁଣିଛେ। ଦିନେ ଏହି ଯନ୍ତ୍ର ମାନବ ଅଣ୍ଟି ଛୁରି ତଣ୍ଟି କାଟିବା ଆଳରେ ମଣିଷର ବିନାଶର କାରଣ ନ ହେଉ। ବିଜ୍ଞାନ କେତେଦୂର ଓ କେଉଁ ସୀମା ପର୍ଯ୍ୟନ୍ତ ଯିବା ଉଚିତ ତାହାର କିଛି ମାପଦଣ୍ଡ ନାହିଁ। ଜ୍ଞାନ ପିପାସୁ ମଣିଷର ଜିଜ୍ଞାସାକୁ ବିଜ୍ଞାନ ସର୍ବଦା ଜବକାଚରେ ପରୀକ୍ଷା କରିଛି। ବିଜ୍ଞାନର ଚରମ ଖ୍ୟାତି ଓ ଉନ୍ନତି କେବେ ସଂସାରରେ ମଣିଷର ଆଧିପତ୍ୟକୁ ପ୍ରଶ୍ନ ନ କରୁ। ବିଜ୍ଞାନର ଚମତ୍କାର ସୃଷ୍ଟି ଏଆଇ ବହୁ ଜନ କଲ୍ୟାଣକାରୀ କେମିତି ହେବ ଓ ଭବିଷ୍ୟତରେ ବିପର୍ଯ୍ୟୟ ସୃଷ୍ଟି ନ କରିବ ସେଥିପାଇଁ ଗହନ ଗବେଷଣା ଜରୁରୀ।

ମୋ: ୭୦୦୪୦୬୮୧୧୦

## ଏଇ ଭାରତରେ

ଏବେ ବିବାହ ଉତ୍ସବରେ ପରିବେଶ ପ୍ରଦୂଷଣକାରୀ କାର୍ଯ୍ୟ ଦେଖିବାକୁ ମିଳୁଛି। ଖାଦ୍ୟ ନଷ୍ଟ ସହ ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ୍‌ର ବ୍ୟାପକ ବ୍ୟବହାର କରାଯାଉଛି। ହେଲେ ମଧ୍ୟପ୍ରଦେଶରେ ଦେଖିବାକୁ ମିଳିଛି ମୟଙ୍କ ଓ ରାଶିଙ୍କ ମଧ୍ୟରେ ହୋଇଥିବା ଏକ ନିଆରା ବାହାଘର, ଯାହା ବିନା ବର୍ଜ୍ୟରେ ବାହାଘର ଉତ୍ସବକୁ ଉପଭୋଗ କରାଯାଇପାରେ ବୋଲି ବାର୍ତ୍ତା ଦେଇଛି। ଏହି ଉତ୍ସବରେ ୨୫୦୦ ଅତିଥି ଯୋଗଦେଇଥିଲେ। ସାଜସଜ୍ଜାରେ ଜଳ ସଂରକ୍ଷଣ, ରକ୍ତଦାନ ଏବଂ ହେଲ୍‌ମେଟ୍ ସୁରକ୍ଷା ସମ୍ପର୍କିତ ସଚେତନାତ୍ମକ ବାର୍ତ୍ତା ଭରି ରହିଥିଲା। ଏହି ବାହାଘର ଭୋଜିରେ ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ୍ ବ୍ୟବହାର ବନ୍ଦ କରାଯିବା ସହ ବାଣ ଫୁଟାଯାଇ ନ ଥିଲା। ପତ୍ରଥାଳିରେ ଖାଦ୍ୟ ପରଷାଯାଇଥିଲା। ବାହାଘରରେ କୌଣସି ଅର୍ଥ କିମ୍ବା ଜିନିଷ ଉପହାର ଆକାରରେ ଦିଆଯାଇନାହିଁ, ବରଂ ୨୧ଟି ଚାରା ଗଛ ଉପହାର ଆକାରରେ ଗ୍ରହଣ କରାଯାଇଥିଲା।

## ୫୦ ବର୍ଷ ତଳର ଧରିତ୍ରୀ

### ୨୦ ଜାନୁଆରୀ ୧୯୭୭

- ମୌନୀ ଅମାବାସ୍ୟା ଉପଲକ୍ଷେ ଗଙ୍ଗା-ଯମୁନା ସଙ୍ଗମ ସ୍ଥଳରେ ପ୍ରାୟ କୋଟିଏରୁ ଊର୍ଦ୍ଧ୍ୱ ପୁରୁଷ, ମହିଳା ଓ ଶିଶୁ ବୁଡ଼ ପକାଇଛନ୍ତି।
- ସମ୍ବିଧାନର ୮୫ ଦଫା ଅନ୍ତର୍ଗତ ୨ୟ ଧାରାର 'ଖ' ଉପଧାରାରେ ନ୍ୟସ୍ତ କରାଯାଇଥିବା କ୍ଷମତା ଅନୁଯାୟୀ ରାଷ୍ଟ୍ରପତି ଫକିରୁଦ୍ଦିନ ଅଲ୍ଲୀ ମହମ୍ମଦ ଲୋକସଭା (୫ମ) ଭାଙ୍ଗି ଦେଇଛନ୍ତି।
- ଶୋଚନୀୟ ବିମାନ ଦୁର୍ଘଟଣାରେ ଯୁଗୋସ୍ଲୋଭିଆର ପ୍ରଧାନମନ୍ତ୍ରୀ ଡିଜ୍‌ମାଲ ବିଜେଡିକ୍‌ଙ୍କ ପରଲୋକ।
- ଭିଏତ୍‌ନାମର ବିଭିନ୍ନ ରାଜନୈତିକ ଦଳ ମିଶି ଏକ ଜାତୀୟ ମିଳିତ ସାମ୍ମୁଖ୍ୟ ଗଠନ କରିବେ ବୋଲି ନିଷ୍ପତ୍ତି ଗ୍ରହଣ କରିଛନ୍ତି।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | | | |
| | | 1 | | | | 5 | 3 | |
| | 7 | 6 | 9 | 3 | | | | |
| 7 | | 8 | 6 | | | | 4 | |
| | | | 7 | | | | | |
| | 5 | 4 | | | | | 1 | 8 |
| | | | | 7 | | | 8 | |
| | 9 | 3 | | 2 | | | | |
| | | | 1 | | 8 | | | 6 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 4 | 9 | 5 | 1 | 3 | 8 | 2 | 7 |
| 1 | 2 | 8 | 6 | 7 | 4 | 5 | 9 | 3 |
| 7 | 3 | 5 | 2 | 9 | 8 | 4 | 1 | 6 |
| 5 | 8 | 7 | 1 | 3 | 6 | 9 | 4 | 2 |
| 4 | 9 | 6 | 8 | 2 | 7 | 3 | 5 | 1 |
| 3 | 1 | 2 | 4 | 5 | 9 | 7 | 6 | 8 |
| 2 | 7 | 4 | 9 | 8 | 1 | 6 | 3 | 5 |
| 9 | 5 | 3 | 7 | 6 | 2 | 1 | 8 | 4 |
| 8 | 6 | 1 | 3 | 4 | 5 | 2 | 7 | 9 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ମହାନଦୀର ଅସ୍ତିତ୍ୱ ସଙ୍କଟରେ

ମହାଶୟ,

ସମୟ ଥିଲା ମହାନଦୀରେ ଜଳ ପରିପୂର୍ଣ୍ଣ ରହୁଥିଲା। ଗ୍ରୀଷ୍ମକାଳରେ ମଧ୍ୟ ନଦୀ ଶୁଷ୍କ ହେଉ ନ ଥିଲା। ଆଜି ଗ୍ରୀଷ୍ମ ଆସିବା ପୂର୍ବରୁ ଅନେକ ସ୍ଥାନରେ ଜଳଧାରା ସଙ୍କୁଚିତ ହେଉଛି। ଏହା ପଛରେ ଅନେକ କାରଣ ରହିଛି। ଉପର ଅଞ୍ଚଳରେ ଅତ୍ୟଧିକ ବନ୍ଧ ଓ ଜଳାଶୟ ନିର୍ମାଣ, ଅନିୟନ୍ତ୍ରିତ ଜଳ ଉତ୍ତୋଳନ, ଜଙ୍ଗଲ କଟା, ନଦୀକୂଳରେ ଅବୈଧ ବାଲି ଖନନ ଏସବୁ ମିଶି ମହାନଦୀର ସ୍ୱାଭାବିକ ପ୍ରବାହକୁ ଅବରୋଧ କରିଛି। ତା' ସହ ଜଳବାୟୁ ପରିବର୍ତ୍ତନ ଫଳରେ ବର୍ଷାର ଅସମାନ ବଣ୍ଟନ ସମସ୍ୟାକୁ ଗୁରୁତର କରିଦେଇଛି। ମହାନଦୀ ଉପରେ ନିର୍ଭରଶୀଳ ଲକ୍ଷାଧିକ ଚାଷୀ ସିଞ୍ଚନ ଜଳ ଅଭାବରେ ଚିନ୍ତିତ। ପାନୀୟ ଜଳ ସମସ୍ୟା ଧୀରେ ଧୀରେ ଗମ୍ଭୀର ହେଉଛି। ମତ୍ସ୍ୟଜୀବୀ ସମୁଦାୟର ଜୀବିକା ମଧ୍ୟ ଭାରି ସଙ୍କଟରେ। ଏହି ପରିସ୍ଥିତିରେ ମହାନଦୀକୁ ବଞ୍ଚାଇବା ପାଇଁ କେବଳ ସଭା, ସେମିନାର ବା ଆଲୋଚନା ପର୍ଯ୍ୟାପ୍ତ ନୁହେଁ। ଆବଶ୍ୟକ ଗଭୀର, ସମନ୍ୱିତ ଓ ଦୂରଦର୍ଶୀ କାର୍ଯ୍ୟ ପରିକଳ୍ପନା। ନଦୀର ସ୍ୱାଭାବିକ ପ୍ରବାହ ରକ୍ଷା ପାଇଁ ପାରଦର୍ଶୀ ଓ ନ୍ୟାୟସଙ୍ଗତ ଜଳନୀତି ଗଠନ ଅତ୍ୟାବଶ୍ୟକ। ନଦୀକୂଳରେ ଜଙ୍ଗଲ ସୁରକ୍ଷା, ଅବୈଧ ବାଲି ଖନନ ଉପରେ କଠୋର ନିୟନ୍ତ୍ରଣ ଓ ପ୍ରଦୂଷଣମୁକ୍ତ ମହାନଦୀ ଗଠନ ପାଇଁ ସରକାରୀ ପଦକ୍ଷେପ ସହ ସାଧାରଣ ନାଗରିକଙ୍କ ସଚେତନ ଭୂମିକା ଅତ୍ୟନ୍ତ ଜରୁରୀ। ମହାନଦୀ ବଞ୍ଚିଲେ ଓଡ଼ିଶା ବଞ୍ଚିବ। ଏହି ନଦୀକୁ ଅବହେଳା କରିବା ମାନେ ଆମେ ନିଜ ଆଗାମୀ ପିଢ଼ିଙ୍କ ଭବିଷ୍ୟତ ସହ ଖେଳୁଛୁ। ତେଣୁ ଏହା କେବଳ ଏକ ନଦୀକୁ ବଞ୍ଚାଇବାର ଲଢ଼େଇ ନୁହେଁ, ଓଡ଼ିଶାର ଅସ୍ତିତ୍ୱ ଓ ଆଗାମୀକାଲିକୁ ରକ୍ଷା କରିବାର ଜରୁରୀ ଆହ୍ୱାନ।

-ସିତାଂଶୁ ଶେଖର ମିଶ୍ର, ଶାନ୍ତିନଗର, ସୋନପୁର

## ଚିରନ୍ତନୀ

କେଉଁ ପଥେ ଚାଲିଛି ମୁଁ
ଜାଣେ ନାହିଁ ନିଜେ,
ଜାଣେ ନାହିଁ ଅଛି ଏଥି
କ୍ଷତି ଲାଭ କି ଯେ ! -(ଚିରନ୍ତନ କୁହୁ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ୫ ବର୍ଷରେ ୪୭ରୁ ଅଧିକ ବଡ଼ ବ୍ୟାଙ୍କ ଡକାୟତି

**ଖଣି, ଶିଳ୍ପାନୁଷ୍ଠାନ ଅଞ୍ଚଳରେ ଥିବା ବ୍ୟାଙ୍କ ଉପରେ ଡକାୟତଙ୍କ ନଜର**

- ସହରାଞ୍ଚଳ ଅପେକ୍ଷା ଗ୍ରାମାଞ୍ଚଳରେ ଥିବା ବ୍ୟାଙ୍କରୁ ଅଧିକ ଲୁଟ୍
- ସବୁ ବ୍ୟାଙ୍କରେ ସୁରକ୍ଷା ବଢ଼ାଇବାକୁ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ: ଡିଜିପି
- ସୁରକ୍ଷା ଢିଲା ଥିଲେ ଏସ୍‌ପିଙ୍କୁ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ



ବଡ଼ବିଲସ୍ଥିତ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରରେ ଡକାୟତି ପରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

ଭୁବନେଶ୍ୱର,୧୯।୧(ତ୍ରିନାଥ ମହାନ୍ତି)

କେନ୍ଦୁଝର ବଡ଼ବିଲସ୍ଥିତ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରରୁ ସୋମବାର ଡକାୟତମାନେ ସାଢ଼େ ୭କୋଟି ଟଙ୍କାର ସୁନାଗହଣା ଏବଂ ୪.୩୪ଲକ୍ଷ ଟଙ୍କାର ନଗଦ ଟଙ୍କା ଲୁଟି ନେଇଛନ୍ତି। ଏହି ଘଟଣା ପରେ ରାଜ୍ୟରେ ଓଡ଼ିଶା ପୋଲିସ ପକ୍ଷରୁ ହାଇଆଲର୍ଟ ଜାରି କରାଯାଇଛି। ଲୁଟି ନେଇଥିବା ୬ ଡକାୟତ ଯେପରି ରାଜ୍ୟ ବାହାରକୁ ଯାଇ ନ ପାରିବେ, କେନ୍ଦୁଝର ଏବଂ ଅନ୍ୟ ସହରରେ ସିଲ୍ କରାଯାଇଛି। ଏହି ଡକାୟତି ପଛରେ ସ୍ଥାନୀୟ କେତେଜଣ ଅପରାଧୀ ଏବଂ ଆନ୍ତଃରାଜ୍ୟ ଅପରାଧୀ ଥିବା ପୋଲିସ ଜାଣିବାକୁ ପାଇଛି। ଏହି ବ୍ୟାଙ୍କ୍ ଲୁଟ୍ ଓଡ଼ିଶାରେ ପ୍ରଥମ ନୁହେଁ। ବିଗତ ୫ବର୍ଷରେ ୪୭ରୁ ଅଧିକ ବ୍ୟାଙ୍କ୍ ଲୁଟ୍ ହୋଇଥିବା ପୋଲିସ ନିକଟରୁ ସୂଚନା ମିଳିଛି। କେବଳ ବ୍ୟାଙ୍କ୍ ଲୁଟ୍ ନୁହେଁ, ୫ ବର୍ଷରେ ୭୯ ଏଟିଏମ୍ ମଧ୍ୟ ଲୁଟ୍ ହୋଇଥିବା ଜଣାପଡ଼ିଛି।

୨୦୨୫ ଜୁଲାଇ ୪ରେ ନୟାଗଡ଼ ଜିଲ୍ଲା ରାଜପାଟଣା ଇଣ୍ଡିଆନ୍ ବ୍ୟାଙ୍କ୍‌ରୁ ୨୭ ଲକ୍ଷ ଟଙ୍କା ଡକାୟତି ହୋଇଥିଲା। ସେହିପରି ୨୦୨୫ ଜୁନ ୧୧ରେ ଭଦ୍ରକ ତିହିଡ଼ି ମାର୍କେଟରେ ଥିବା ଏକ ବ୍ୟାଙ୍କ୍‌ରୁ ଡକାୟତି ହୋଇଥିଲା। ଦୁଇ ଅଭିଯୁକ୍ତ ବ୍ୟାଙ୍କ୍ ଭିତରକୁ ଗ୍ରାହକ ହୋଇ ଯାଇଥିଲେ। ବ୍ୟାଙ୍କ୍ ମ୍ୟାନେଜରଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ୧୦ଲକ୍ଷ ଟଙ୍କା ଲୁଟ୍‌ପାଟ କରି ନେଇଥିଲେ। ୨୦୨୫ ଡିସେମ୍ବର ୨୩ରେ ବାଲେଶ୍ୱର ବାଲିଆପାଳ ୟୁକୋ ବ୍ୟାଙ୍କ୍‌ରୁ ଲୁଟ୍‌ପାଟ ହୋଇଥିଲା। ରାତିରେ ବ୍ୟାଙ୍କ୍‌ର ଗ୍ରିଲ୍ କାଟି ସୁନାଗହଣା ଏବଂ ଟଙ୍କା ଲୁଟ୍‌ପାଟ ହୋଇଥିଲା। ୨୦୨୩ ଏପ୍ରିଲ ୨୬ରେ ବାଲେଶ୍ୱର ଚନ୍ଦନେଶ୍ୱର ୟୁନିୟନ୍ ବ୍ୟାଙ୍କ୍‌ରୁ ୪୯ ଲକ୍ଷ ଲୁଟ୍‌ପାଟ ହୋଇଥିଲା। ଦୁର୍ବୃତ୍ତମାନେ ବ୍ୟାଙ୍କ୍ କର୍ମଚାରୀଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ୪୯ ଲକ୍ଷ ଟଙ୍କା ଏବଂ ୮୫୪ ଗ୍ରାମର ସୁନାଗହଣା ଲୁଟି ନେଇଥିଲେ। ସେହିପରି ୨୦୨୨ରେ ଢେଙ୍କାନାଳ ରାସଲ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ୍ ଶାଖାରୁ ଲୁଟ୍‌ପାଟ ହୋଇଥିଲା। ୬ଜଣ ଅଭିଯୁକ୍ତ ବ୍ୟାଙ୍କ୍ ଭିତରକୁ ପଶି ବନ୍ଧୁକ ଦେଖାଇ ୭ କେଜି ସୁନାଗହଣା ଏବଂ ୧୬ ଲକ୍ଷରୁ ଅଧିକ ଟଙ୍କା ଲୁଟ୍‌ପାଟ ହୋଇଥିଲା। ସେହିପରି ୨୦୨୨ରେ କୋରାପୁଟ, ଲକ୍ଷ୍ମୀପୁର ଏସ୍‌ବିଆଇ ଶାଖାରୁ ସୁନାଗହଣା ଏବଂ ଟଙ୍କା ଲୁଟ୍‌ପାଟ ହୋଇଥିଲା। କିଛି ମାସ ତଳେ ଭୁବନେଶ୍ୱର ବରିମୁଣ୍ଡ ଅଞ୍ଚଳରେ ଥିବା ବିଓଆଇ ବ୍ୟାଙ୍କରେ ମଧ୍ୟ ଲୁଟ୍ ହୋଇଥିଲା। ଦୁଇ ଜଣ ଯୁବକ ବ୍ୟାଙ୍କରେ ପଶି ବନ୍ଧୁକ ଦେଖାଇ ୧୦ ଲକ୍ଷ ଟଙ୍କା ଲୁଟି ନେଇ ଚମ୍ପଟ ମାରିଥିଲେ।

ବ୍ୟାଙ୍କ୍‌କୁ ସୁରକ୍ଷିତ ଭାବି ଲୋକେ ଲକର ଏବଂ ଷ୍ଟ୍ରଙ୍ଗ୍‌ରୁମ୍‌ରେ ସୁନାଗହଣା ରଖୁଛନ୍ତି। ହେଲେ ବ୍ୟାଙ୍କ୍ କର୍ତ୍ତୃପକ୍ଷ ସୁରକ୍ଷାରେ ଢିଲା କରୁଛନ୍ତି, ଯେଉଁଥିପାଇଁ ଗୋଟିଏ ପରେ ଗୋଟିଏ ଲୁଟ୍ ହେଉଛି। ଅଧିକାଂଶ ଲୁଟ୍ ଗ୍ରାମାଞ୍ଚଳର ବ୍ୟାଙ୍କ୍‌ରେ ହେଉଛି। ଆହୁରି ମଧ୍ୟ ଖଣି ଏବଂ ଶିଳ୍ପାଞ୍ଚଳରେ ଥିବା ବ୍ୟାଙ୍କରେ ଲୁଟ୍‌ପାଟ ହେଉଛି। ତେଣୁ ଏହିସବୁ ଅଞ୍ଚଳରେ ଥିବା ବ୍ୟାଙ୍କ୍‌ରେ ସୁରକ୍ଷା ବଢାଇବାକୁ ଡିଜିପି ଗୁରୁତ୍ୱ ଦେଇଛନ୍ତି। ସମସ୍ତ ବ୍ୟାଙ୍କକୁ ହାଇ ସିକ୍ୟୁରିଟ୍ କ୍ୟାମେରା ଏବଂ ଆଲାର୍ମ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଯେଉଁ ବ୍ୟାଙ୍କ୍ ସୁରକ୍ଷାରେ ଢିଲା କରିଥିବ, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କରିବାକୁ ଡିଜିପି ସବୁ ଏସପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ଡିଜିପି ୱାଇ.ବି ଖୁରାନିଆ କହିଛନ୍ତି, ବଡ଼ବିଲରୁ ହୋଇଥିବା ଲୁଟ୍ ସମ୍ପର୍କରେ ଏସ୍‌ପିଙ୍କୁ ରିପୋର୍ଟ ମଗାଯାଇଛି। ବିଭିନ୍ନ ଜିଲାରେ ନାକାବନ୍ଦୀ କରାଯାଇ ଯାଞ୍ଚ କରାଯାଉଛି। ଅଭିଯୁକ୍ତ ଯେପରି ରାଜ୍ୟ ବାହାରକୁ ଯାଇପାରିବେ ନାହିଁ ତାହାର ବ୍ୟବସ୍ଥା ହୋଇଛି। ପୋଲିସ ଖୁବ୍‌ଶୀଘ୍ର ସେମାନଙ୍କୁ ଗିରଫ କରିବ। ଆହୁରି ମଧ୍ୟ ଖଣି ଏବଂ ଶିଳ୍ପାଞ୍ଚଳରେ ଥିବା ବ୍ୟାଙ୍କ୍‌ରେ ସୁରକ୍ଷା ବଢାଇବାକୁ ବ୍ୟାଙ୍କ୍‌କୁ କୁହାଯାଇଛି। ଖୁବ୍‌ଶୀଘ୍ର ବ୍ୟାଙ୍କ୍ ଅଧିକାରୀଙ୍କୁ ନେଇ ଏକ ବୈଠକ କରାଯାଇ ସୁରକ୍ଷା ବିଷୟରେ କଡ଼ା ନିର୍ଦ୍ଦେଶ ଦିଆଯିବ ବୋଲି ଡିଜିପି କହିଛନ୍ତି।

# ୩୦ ଗ୍ରାମ୍ ବ୍ରାଉନ୍‌ସୁଗାର, ୨୬ ଲକ୍ଷ ଟଙ୍କା ଜବତ





ଜବତ ହୋଇଥିବା ଟଙ୍କା ଗଣତି ପାଇଁ ମେଶିନ ନେଇ ପୋଲିସ ଅଧିକାରୀମାନେ ଯାଉଛନ୍ତି।

ଅନୁଗୋଳ,୧୯।୧(ଜ୍ୟୋତିରଞ୍ଜନ ସାହୁ)

- ଜଳେଶ୍ୱରରୁ ଆସୁଥିଲା, ଅନୁଗୋଳରେ ପ୍ୟାକିଂ ହେଉଥିଲା
- ଟଙ୍କା ଗଣିବାକୁ ମେଶିନ ମଗାଇଲା ପୋଲିସ
- ୩ ଜଣଙ୍କୁ ଅଟକ ରଖି ଚାଲିଛି ପଚରାଉଚରା

ଅନୁଗୋଳ ସହର ହାତୀଶାଳପଡ଼ା ଅଞ୍ଚଳର ଏକ ଭଡ଼ାଘରେ ଚାଲିଥିଲା ବ୍ରାଉନସୁଗାର କାରବାର। ଜଳେଶ୍ୱରରୁ ଆସୁଥିବା ଏହି ବେଆଇନ ନିଶା ସାମଗ୍ରୀକୁ ଉକ୍ତ ଭଡ଼ା ଘରେ ଛୋଟ ଛୋଟ ପୁଡ଼ିଆରେ ପ୍ୟାକିଂ କରାଯାଇ ଜିଲାର ବିଭିନ୍ନ ସ୍ଥାନକୁ ପଠାଯାଉଥିଲା। ଏଥିସହ ବିକ୍ରି ଟଙ୍କାକୁ ଉକ୍ତ ଭଡ଼ାଘରେ ଥାକମାରି ରଖାଯାଉଥିଲା। ଏହି ଖବର ଅନୁଗୋଳ ସ୍ପେଶାଲ ସ୍କ୍ୱାଡ୍ ହାତରେ ଲାଗିଥିଲା। ଏହାପରେ ସୋମବାର ଅନୁଗୋଳ ଥାନା ପୋଲିସ ଓ ସ୍ପେଶାଲ ସ୍କ୍ୱାଡ୍ ପକ୍ଷରୁ ସେଠାରେ ଚଢ଼ାଉ କରାଯାଇ ୩୦ ଗ୍ରାମ ବ୍ରାଉନସୁଗାର ସହ ୨୬ ଲକ୍ଷରୁ ଅଧିକ ଟଙ୍କା ଜବତ କରାଯାଇଥିଲା।

ହାତୀଶାଳପଡ଼ା ଅଞ୍ଚଳରେ ଥିବା ଏକ ଭଡ଼ା ଘର ବ୍ରାଉନସୁଗାର କାରବାରର ପେଣ୍ଠସ୍ଥଳ ପାଲଟିଥିବା ସ୍ୱତନ୍ତ୍ର ସ୍କ୍ୱାଡ୍ ପାଖରେ ଗୁପ୍ତ ସୂଚନା ଥିଲା। କିଛିଦିନ ଧରି ଉକ୍ତ ଘର ଉପରେ ନଜର ରଖାଯାଇଥିଲା। ଗୁପ୍ତ ସୂଚନାର ପ୍ରମାଣ ମିଳିବା ପରେ ପୋଲିସ ସହ ମିଶି ଚଢ଼ାଉ କରିଥିଲା ସ୍ପେଶାଲ ସ୍କ୍ୱାଡ୍। ଉକ୍ତ ଘର ଭିତରକୁ ପ୍ରବେଶ କରିବା ପରେ ପୋଲିସ ଅଧିକାରୀମାନେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ଘରର ଭିନ୍ନ ଭିନ୍ନ କୋଣରେ ରଖାଯାଇଥିବା ବ୍ୟାଗ, ବକ୍ସ ଓ ଆଲମାରି ଭିତରୁ ବିପୁଳ ପରିମାଣର ନଗଦ ଟଙ୍କା ମିଳିଥିଲା। ଏତେ ପରିମାଣର ଟଙ୍କା ହାତରେ ଗଣିବା ସମ୍ଭବ ନ ହେବାରୁ ପୋଲିସକୁ ମେଶିନ ମଗାଇବାକୁ ପଡ଼ିଥିଲା। ଏଥିସହ ଉକ୍ତ ଘରେ ଥିବା ୩୦ ଗ୍ରାମ ବ୍ରାଉନ ସୁଗାର ମଧ୍ୟ ଜବତ କରାଯାଇଥିଲା। ବାଲେଶ୍ୱର ଜିଲା ଜଳେଶ୍ୱର ଅଞ୍ଚଳରୁ ଅନୁଗୋଳକୁ ଆସୁଥିବା ବ୍ରାଉନସୁଗାର ଏଠାରେ ରଖାଯାଇ ଛୋଟ ଛୋଟ ପ୍ୟାକେଟ କରାଯାଇ ଜିଲାର ବିଭିନ୍ନ ଅଞ୍ଚଳକୁ ପଠାଯାଉଥିଲା। ବସ୍ତି ଅଞ୍ଚଳ ହୋଇଥିବାରୁ ଏଠାକୁ ଅଜଣା ଲୋକଙ୍କ ଯାତାୟାତକୁ କେହି ସନ୍ଦେହ କରୁ ନ ଥିଲେ। ଏପରି କି ପଡ଼ୋଶୀମାନେ ମଧ୍ୟ କିଛି ଜାଣିପାରୁ ନ ଥିଲେ। ପୋଲିସ ଏହି ମାମଲାରେ ସକାସିଙ୍ଗା ଅଞ୍ଚଳର ମାନସ ନାୟକ, ରାଜେଶ ସାହୁ ଓ କୁମଣ୍ଡ ଅଞ୍ଚଳର ରମେଶ ଚନ୍ଦ୍ର ସାହୁଙ୍କୁ ଅଟକ ରଖିଛି। ଏହି କାରବାରରେ ସମ୍ପୃକ୍ତ ୩ ଜଣଙ୍କ ଭୂମିକା, ଟଙ୍କାର ଉତ୍ସ, ବ୍ୟାଙ୍କିଂଲିଙ୍କ୍ ଓ ଚାଲାଣ ରୁଟ ନେଇ ସେମାନଙ୍କୁ ପଚରାଉଚରା କରାଯାଉଛି। ଏହି ନେଟ୍‌ୱର୍କରେ ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି ତାହା ଜାଣିବାକୁ ପୋଲିସ ଉଦ୍ୟମ କରୁଥିବା ବେଳେ ଟଙ୍କା ଗଣତି ସରିବା ପରେ ସମସ୍ତ ତଥ୍ୟ ପ୍ରକାଶ କରାଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

# କମିଟ୍‌ମେଣ୍ଟ ପରେ ଜିଲା କୋର୍ଟକୁ ଗଲା ମାମଲା

ବ୍ରହ୍ମପୁର,୧୯।୧(ସୁବାସ ଚନ୍ଦ୍ର ପାଢ଼ୀ)

**ପୀତବାସ ପଣ୍ଡା ହତ୍ୟା ମାମଲା**

ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ସୋମବାର ବ୍ରହ୍ମପୁର ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ କମିଟ୍‌ମେଣ୍ଟ ହୋଇଛି। ୧୬ ଅଭିଯୁକ୍ତଙ୍କୁ ଆଭାସୀ (ଭିସି) ଜରିଆରେ କୋର୍ଟରେ ହାଜର କରାଯାଇଥିଲା। କମିଟମେଣ୍ଟ ପରେ ମାମଲାର ସମସ୍ତ ଫାଇଲ ବିଚାର ପାଇଁ ଜିଲା ଜଜ୍ କୋର୍ଟକୁ ସ୍ଥାନାନ୍ତର କରାଯାଇଥିଲା। ଆଗାମୀ ଦିନରେ ମାମଲାର ଚାର୍ଜଫ୍ରେମ ପରେ ବିଚାର ଆରମ୍ଭ ହେବ ବୋଲି ଜଣାପଡ଼ିଛି। ୨୦୨୫ ଅକ୍ଟୋବର ୬ ରାତିରେ ରାଜ୍ୟ ଆଇନଜୀବୀ ପରିଷଦ ସଦସ୍ୟ ତଥା ଭାଜପା ନେତା ପୀତବାସଙ୍କୁ ବୈକୁଣ୍ଠନଗରସ୍ଥିତ ତାଙ୍କ ବାସଭବନ ନିକଟରେ ଗୁଳିକରି ହତ୍ୟା କରାଯାଇଥିଲା। ଏହି ମାମଲାରେ ବୈଦ୍ୟନାଥପୁର ଥାନା ପୋଲିସ ବ୍ରହ୍ମପୁରର ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା ଓ ପୂର୍ବତନ ମେୟର ଶିବ ଶଙ୍କର ଦାଶ ଓରଫ ପିଣ୍ଟୁଙ୍କ ସମେତ ମୋଟ ୧୬ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ବର୍ତ୍ତମାନ ୧୫ ଅଭିଯୁକ୍ତ ବ୍ରହ୍ମପୁର ମଣ୍ଡଳ କାରାଗାରରେ ରହିଥିବା ବେଳେ ପିଣ୍ଟୁ ଫୁଲବାଣୀ ଜେଲରେ ଅଛନ୍ତି।

# ଲିଜ୍‌ରେ କାର୍ ନେଇ ଠକେଇ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୧୯।୧(ସତ୍ୟଜିତ ରାଉତ)

ଲିଜ୍‌ରେ କାର୍ ନେଇ ଠକେଇ କରିବା ଅଭିଯୋଗରେ ମଞ୍ଚେଶ୍ୱର ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଖୋର୍ଦ୍ଧା ଜିଲା ବେଗୁନିଆ ଅଞ୍ଚଳର ଚନ୍ଦନ ଓରଫ ତ୍ରିନାଥ ମହାରଣା (୨୬)। କୋର୍ଟ ଚାଲାଣ ପରେ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତଙ୍କଠାରୁ ଉକ୍ତ କାର୍ ଜବତ କରାଯାଇଛି। ମିଳିଥିବା ସୂଚନାନୁସାରେ ଅଭିଯୋଗକାରୀ ବଟକୃଷ୍ଣ ସେନାପତି ପାଞ୍ଚବର୍ଷ ହେବ ସମେଇଗାଡ଼ିଆ ଅଞ୍ଚଳରେ ରହୁଛନ୍ତି। ସେଠାରେ ତ୍ରିନାଥଙ୍କ ସହ ତାଙ୍କର ପରିଚୟ ହୋଇଥିଲା। ବଟକୃଷ୍ଣଙ୍କ କାର୍‌କୁ ଛଅ ମାସ ଲାଗି ତ୍ରିନାଥ ଲିଜ୍‌ରେ ନେଇଥିଲେ। ଚୁକ୍ତି ଅନୁଯାୟୀ ତ୍ରିନାଥ ପ୍ରଥମ ଦୁଇ ମାସର ଅଗ୍ରିମ ବାବଦକୁ ୩୬ ହଜାର ଟଙ୍କା ଦେଇଥିଲେ। ହେଲେ ନିର୍ଦ୍ଧାରିତ ସମୟରେ ଦେବାକୁ ଥିବା କିସ୍ତି ଆଉ ପରେ ଦେଇ ନ ଥିଲେ। ତେବେ ଲିଜ୍‌ରେ ଦେଇଥିବା କାରଟିକୁ କ୍ଷତିଗ୍ରସ୍ତ ଅବସ୍ଥାରେ ଫୁଲବାଣୀର ଏକ ଗ୍ୟାରେଜରେ ପଡ଼ିଥିବା ବଟକୃଷ୍ଣ ଜାଣିବାକୁ ପାଇଥିଲେ। ଏପରି କି ତ୍ରିନାଥ କିଛି ଟଙ୍କା ନେଇ ଉକ୍ତ କାର୍‌କୁ ଅନ୍ୟ ଜଣଙ୍କୁ ଦେଇଥିବା ଜଣାପଡ଼ିଥିଲା। ଘଟଣା ସମ୍ପର୍କରେ ଆଲୋଚନା ପାଇଁ ତ୍ରିନାଥଙ୍କୁ ଘରକୁ ଡାକି ବଟକୃଷ୍ଣ ପଚରାଉଚରା କରିବାବେଳେ ସେ ଲୁହା ଛଡ଼ରେ ଆକ୍ରମଣ କରିଥିଲେ। ଏନେଇ ଅଭିଯୋଗକ୍ରମେ ମଞ୍ଚେଶ୍ୱର ଥାନା ସେପ୍ଟେମ୍ବର ୨୫ରେ ମାମଲା (ନଂ.୬୧୧/୨୦୨୫) ରୁଜୁ କରି ତଦନ୍ତ କରିଥିଲା।

# ହତ୍ୟା ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡାଦେଶ

ଅନୁଗୋଳ/ଛେଣ୍ଡିପଦା,୧୯।୧
(ଜ୍ୟୋତିରଞ୍ଜନ ସାହୁ/ ଅଜିତ ଧଳ)



ଏକ ହତ୍ୟା ମାମଲାର ବିଚାରକରି ଅନୁଗୋଳ ଜିଲା ଦୌରାଜଜ୍ ଦାମୋଦର ରଥ ସୋମବାର ଅଭିଯୁକ୍ତ ଛେଣ୍ଡିପଦା ଥାନା ଟାଙ୍ଗୁଡ଼ିଆ ଗ୍ରାମର ଚତୁର୍ଭୁଜ ମାଝୀ (୪୫)ଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି।

ମାମଲାରୁ ପ୍ରକାଶ, ୨୦୨୪ ନଭେମ୍ବରରେ କାଳୀପୂଜା ମଣ୍ଡପକୁ ନେଇ ଟାଙ୍ଗୁଡ଼ିଆ ଗ୍ରାମର ଅଭିଯୁକ୍ତ ଚତୁର୍ଭୁଜଙ୍କ ସହ ଟିକୁନ ମାଝୀ (୨୪)ଙ୍କ ବଚସା ହୋଇଥିଲା। ସନ୍ଧ୍ୟାବେଳେ କାଳୀପୂଜା ଭସାଣି ପାଇଁ ସାଜସଜ୍ଜା ସାରି ଘରକୁ ଯାଉଥିବା ସମୟରେ ଅଭିଯୁକ୍ତ ଚତୁର୍ଭୁଜ ଏକ କଟୁରିରେ ଟିକୁନଙ୍କୁ ହାଣି ଦେଇଥିଲେ। ଏହି ମାମଲାରେ ୧୪ଜଣ ସାକ୍ଷ୍ୟ ଓ ପ୍ରମାଣ ଆଧାରରେ କୋର୍ଟ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ।

## Business

# ରୁପା କେଜି ୩ଲକ୍ଷ

**ସୁନା ଭରି ୧ଲକ୍ଷ ୪୮ହଜାର ଟପିଲା**

ଭୁବନେଶ୍ୱର,୧୯।୧
(ଅନୁରାଧା ମହାରଣା)



ଗ୍ରୀନ୍‌ଲାଣ୍ଡକୁ ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ୟୁରୋପୀୟ ସଂଘ ମଧ୍ୟରେ ବୃଦ୍ଧି ପାଉଥିବା ଶୁଳ୍କ ଯୁଦ୍ଧ ଯୋଗୁ ସୋମବାର ସୁନା ଓ ରୁପା ମୂଲ୍ୟ ସର୍ବକାଳୀନ ସ୍ତରରେ ପହଞ୍ଚିଛି। ରୁପା ଦର କିଲୋଗ୍ରାମ ପ୍ରତି ୧୦,୦୦୦ ଟଙ୍କା ବୃଦ୍ଧି ପାଇ ୩,୦୨,୬୦୦ରେ ପହଞ୍ଚିଛି। ସେହିପରି ସୁନା ମଧ୍ୟ ୧,୯୦୦ ଟଙ୍କା ବୃଦ୍ଧି ପାଇବାରୁ ପ୍ରତି ୧୦ ଗ୍ରାମ(ଭରି) ମୂଲ୍ୟ ୧,୪୮,୧୦୦ ଟଙ୍କା ସହ ନୂଆ ରେକର୍ଡ ସ୍ତରରେ ପହଞ୍ଚିଛି।

ବିଶେଷଜ୍ଞଙ୍କ ମତାନୁସାରେ, ଘରୋଇ ଏବଂ ବିଶ୍ୱ ବଜାରରେ ପ୍ରବଳ ଚାହିଦା ଯୋଗୁ ରୁପା ମୂଲ୍ୟରେ ତୀବ୍ର ବୃଦ୍ଧି ହୋଇଛି। ରୁପା ୨୦୨୫ ମସିହାର ଗତି ବଜାୟ ରଖିବା ସହ ପ୍ରାୟ ୩୦% ରିଟର୍ନ ପ୍ରଦାନ କରୁଛି। ଗତ ଡିସେମ୍ବରରେ ଏହାର ମୂଲ୍ୟ ପ୍ରତି କିଲୋଗ୍ରାମ ୨,୩୫,୭୦୧ ଟଙ୍କା ରହିଥିଲା। ଚଳିତ ମାସର ଗତ ସପ୍ତାହରେ ରୁପା ଫ୍ୟୁଚର୍ସ ପ୍ରାୟ ୧୪% ବୃଦ୍ଧି ପାଇଥିଲା। ମଲ୍ଟି କମୋଡିଟି ଏକ୍ସଚେଞ୍ଜ (ଏମ୍‌ସିଏକ୍ସ)ରେ ମାର୍ଚ୍ଚ ମାସରେ ଡେଲିଭରି ପାଇଁ ରୁପା ଫ୍ୟୁଚର୍ସ ପ୍ରାୟ ୬% ବୃଦ୍ଧି ପାଇ ଏବେ ପ୍ରତି କିଲୋଗ୍ରାମ ୩,୦୬,୩୬୭ରେ ପହଞ୍ଚିଛି।

ସେହିପରି ସୁନା ଫ୍ୟୁଚର୍ସରେ ମଧ୍ୟ ପ୍ରବଳ ବୃଦ୍ଧି ଦେଖିବାକୁ ମିଳିଛି।ଗତ ସପ୍ତାହରେ ସୁନା ମୂଲ୍ୟରେ ୨.୭% ବୃଦ୍ଧି ପାଇଛି। ସୁନା ଏବଂ ରୁପା ମୂଲ୍ୟ ବୃଦ୍ଧି ପଛରେ ବିଶ୍ୱ କାରକ ରହିଛି। ମୂଲ୍ୟବାନ୍ ଧାତୁର ଚାହିଦା ବୃଦ୍ଧି ଏବଂ ବିଶ୍ୱ ଆର୍ଥିକ ଅନିଶ୍ଚିତତା ମଧ୍ୟରେ ନିବେଶକମାନେ ସୁରକ୍ଷିତ ନିବେଶ ଆଡ଼କୁ ମୁହାଁଇଛନ୍ତି, ଯାହା ଫଳରେ ସୁନା ଓ ରୁପା ମୂଲ୍ୟରେ ନିରନ୍ତର ବୃଦ୍ଧି ଘଟିଛି।

ଅନ୍ତର୍ଜାତୀୟ ଅନିଶ୍ଚିତତା, ବାଣିଜ୍ୟ ଯୁଦ୍ଧ ଭୟ ଏବଂ ଭୂ-ରାଜନୈତିକ ଉତ୍ତେଜନା ନିବେଶକମାନଙ୍କୁ ନିରାପଦ ସ୍ଥାନ ଆଡ଼କୁ ଟାଣିଛି। ଏହା ବ୍ୟତୀତ ଅନେକ କେନ୍ଦ୍ରୀୟ ବ୍ୟାଙ୍କ ସୁନା କ୍ରୟ ବୃଦ୍ଧି କରୁଛନ୍ତି। ସୌର, ଇଲେକ୍ଟ୍ରୋନିକ୍ସ ଏବଂ ବୈଦ୍ୟୁତିକ ଯାନବାହନ କ୍ଷେତ୍ରରେ ରୁପା ଚାହିଦା ବୃଦ୍ଧି ପାଇଛି, ଯାହା ମୂଲ୍ୟ ବୃଦ୍ଧିର ଆଉ ଏକ କାରଣ ବୋଲି କୁହାଯାଉଛି।

# ୨୪ରୁ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲର ପ୍ରବେଶିକା ପରୀକ୍ଷା

ଭୁବନେଶ୍ୱର,୧୯।୧(ଅନୁରାଧା ମହାରଣା)

ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ୍ ଓ ସାଇ ଇଣ୍ଟର ନ୍ୟାଶନାଲ୍ ସ୍କୁଲର ୨୦୨୬-୨୭ ଶିକ୍ଷାବର୍ଷ ପାଇଁ ଚତୁର୍ଥ ଶ୍ରେଣୀରୁ ନବମ ଶ୍ରେଣୀରେ ନାମଲେଖା ପାଇଁ ପ୍ରବେଶିକା ପରୀକ୍ଷା ସାଇ ଏଣ୍ଟ୍ରାନ୍ସ ଟେଷ୍ଟ (ଏସ୍‌ଇଟି) ଜାନୁଆରୀ ୨୪ ଓ ୨୫ରେ ଅନୁଷ୍ଠିତ ହେବ। ସୂଚନା ଥାଉକି, ସାଇ ଇଣ୍ଟରନ୍ୟାଶନାଲ୍ ସ୍କୁଲ ସିବିଏସ୍‌ଇ ଓ କ୍ରେମ୍ବ୍ରିଜ ବୋର୍ଡ ସହ ଅନୁବନ୍ଧିତ । ଉଭୟ ସ୍କୁଲରେ ଏକାଦଶ ଶ୍ରେଣୀର ବିଜ୍ଞାନ, ବାଣିଜ୍ୟ ଓ ହ୍ୟୁମାନିଟି ଷ୍ଟ୍ରିମ୍‌ରେ ଛାତ୍ରୀଛାତ୍ରମାନେ ପାଠପଢନ୍ତି। ଏଠାରେ ଇଞ୍ଜିନିୟରିଂ, ମେଡିସିନ୍, ଲ, ସିୟୁଇଟି ଓ ଅନ୍ୟ କ୍ୟାରିୟର ପ୍ରବେଶିକା ପରୀକ୍ଷା ପାଇଁ ସ୍ୱତନ୍ତ୍ର ଧ୍ୟାନ ଦିଆଯାଏ। ପ୍ରତିବର୍ଷ ଉକ୍ତ ପ୍ରବେଶିକା ପରୀକ୍ଷା ପାଇଁ ୩୦୦୦ରୁ ଅଧିକ ଛାତ୍ରୀଛାତ୍ର ଭାଗ ନେଇଥାନ୍ତି । ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ସ୍କୁଲ ତରଫରୁ ବୃତ୍ତି ମଧ୍ୟ ପ୍ରଦାନ କରାଯାଇଥାଏ । ଏହି ପ୍ରବେଶିକା ପରୀକ୍ଷାରେ ଭାଗ ନେବା ପାଇଁ ସ୍କୁଲ ୱେବସାଇଟ୍‌ରେ ପ୍ରବେଶ କରି ନାମ ପଞ୍ଜୀକରଣ କରିପାରିବେ ବୋଲି ବିଦ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

# ମୌନି ଅମାବାସ୍ୟା ସମୟରେ ଗଡ଼ିଲା ୨୪୪ଟି ସ୍ୱତନ୍ତ୍ର ଟ୍ରେନ୍

ଭୁବନେଶ୍ୱର,୧୯।୧(ଅନୁରାଧା ମହାରଣା)

ଭାରତୀୟ ରେଳପଥ ମୌନି ଅମାବାସ୍ୟା ସମୟରେ ରେଳ ଯାତ୍ରାକୁ ସଫଳତାର ସହ ପରିଚାଳନା କରିଥିଲା। ଜାନୁଆରୀ ୩ଠାରୁ ସାରା ଦେଶରେ ୨୪୪ଟି ସ୍ୱତନ୍ତ୍ର ଟ୍ରେନ୍ ପରିଚାଳନା କରି ଭକ୍ତମାନଙ୍କ ପାଇଁ ସୁଗମ ଏବଂ ସୁବିଧାଜନକ ଯାତ୍ରା ସୁନିଶ୍ଚିତ କରିଥିଲା। ଉତ୍ତର ରେଳପଥ (ଏନ୍‌ଆର୍)ର ୩୧ଟି ଟ୍ରେନ୍, ଉତ୍ତର କେନ୍ଦ୍ରୀୟ ରେଳପଥ(ଏନ୍‌ସିଆର୍)ର ୧୫୮ଟି ଟ୍ରେନ୍ ଏବଂ ଉତ୍ତର-ପୂର୍ବ ରେଳପଥ(ଏନ୍‌ଇଆର୍)ର ୫୫ଟି ଟ୍ରେନ୍ ପାଖାପାଖି ୪.୫ ଲକ୍ଷ ଯାତ୍ରୀଙ୍କୁ ସେବା ପ୍ରଦାନ କରିଥିଲା। ଉତ୍ସବ ସମୟରେ ବାଧାମୁକ୍ତ ଏବଂ ନିରାପଦ ଯାତ୍ରାକୁ ସୁଗମ କରିବା ନିମନ୍ତେ ସ୍ୱତନ୍ତ୍ର ସେବା ଯୋଜନା କରାଯାଇଥିଲା ଏବଂ ଯତ୍ନର ସହ ପରିଚାଳନା କରାଯାଇଥିଲା । ଜାନୁଆରୀ ୧୮ରେ ପ୍ରୟାଗରାଜରେ ୪୦ଟି ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରିଥିଲା, ଯେଉଁଥିରେ ଏନ୍‌ଆର୍‌ର ୧୧ଟି ଟ୍ରେନ୍, ଏନ୍‌ସିଆର୍‌ର ୨୨ଟି ଟ୍ରେନ୍ ଏବଂ ଏନ୍‌ଇଆର୍‌ର ୭ଟି ଟ୍ରେନ୍ ଅନ୍ତର୍ଭୁକ୍ତ ଥିଲା, ଏଥିରେ ପାଖାପାଖି ୧ ଲକ୍ଷ ଯାତ୍ରୀ ଯାତ୍ରା କରିଥିଲେ।

# ଅର୍ଥନୈତିକ ଅଭିବୃଦ୍ଧି ହାର ୭.୩% ଆକଳନ

ଭୁବନେଶ୍ୱର,୧୯।୧

ରେଟିଂ ଏଜେନ୍ସି ମୁଡିଜ ଚଳିତ ଆର୍ଥିକ ବର୍ଷରେ ଭାରତର ଅର୍ଥନୈତିକ ଅଭିବୃଦ୍ଧି ହାର ୭.୩% ରହିବ ବୋଲି ଆକଳନ କରିଛି। ଏଜେନ୍ସି ଅନୁଯାୟୀ, ୨୦୨୫-୨୬ ଆର୍ଥିକ ବର୍ଷରେ ଭାରତର ଅର୍ଥନୀତି ୭.୩% ହାରରେ ଅଭିବୃଦ୍ଧି ହେବ, ଯାହା ପୂର୍ବ ଆର୍ଥିକ ବର୍ଷର ୬.୫% ଅଭିବୃଦ୍ଧି ହାର ଅପେକ୍ଷା ଅଧିକ। ଏହା ହାରାହାରି ଆୟ ବୃଦ୍ଧି କରିବ ଏବଂ ବୀମା ଉତ୍ପାଦର ଚାହିଦାକୁ ଦୃଢ଼ କରିବ। ଆର୍ଥିକ ବର୍ଷ ୨୦୨୪-୨୫ରେ ପ୍ରତି ମୁଣ୍ଡପିଛା ଜିଡିପି ବର୍ଷସାରା ୮.୨% ବୃଦ୍ଧି ପାଇ ୧୧,୧୭୬ ଆମେରିକୀୟ ଡଲାରରେ ପହଞ୍ଚିଛି, ଯେତେବେଳେ ସାମଗ୍ରିକ ଜିଡିପି ଅଭିବୃଦ୍ଧି ୬.୫ ପ୍ରତିଶତ ଥିଲା। ମୁଡିଜ୍ ତଥ୍ୟ ଅନୁଯାୟୀ, ଦୃଢ଼ ଅର୍ଥନୈତିକ ଅଭିବୃଦ୍ଧି ଯୋଗୁ ଭାରତରେ ମୋଟ ବୀମା ପ୍ରିମିୟମ ରାଜସ୍ୱ ୧୭% ବୃଦ୍ଧି ପାଇ ୧୦.୯ ଲକ୍ଷ କୋଟିରେ ପହଞ୍ଚିଛି। ଏହି ସମୟ ମଧ୍ୟରେ ସ୍ୱାସ୍ଥ୍ୟ ବୀମା ପ୍ରିମିୟମ ୧୪% ବୃଦ୍ଧି ପାଇଛି, ଯେତେବେଳେ ନୂତନ ଜୀବନ ବୀମା ପ୍ରିମିୟମ ୨୦% ବୃଦ୍ଧି ପାଇଛି। ଏହି ଅଭିବୃଦ୍ଧି ୨୦୨୪-୨୫ ଆର୍ଥିକ ବର୍ଷ ତୁଳନାରେ ବହୁତ ଦ୍ରୁତ ଥିବାବେଳେ ମୋଟ ପ୍ରିମିୟମ ରାଜସ୍ୱ ମାତ୍ର ୭% ବୃଦ୍ଧି ପାଇ ୧୧.୯ ଲକ୍ଷ କୋଟିରେ ପହଞ୍ଚିଛି।

# 'ରାହୁ କେତୁ' ସହ 'ପେଟ୍ ସଫା'ର ସହଭାଗିତା

ଭୁବନେଶ୍ୱର,୧୯।୧




ପ୍ରସିଦ୍ଧ ଲେଖକ ଏବଂ ନିର୍ଦ୍ଦେଶକ ବିପୁଲ ଭିଜଙ୍କ ଦ୍ୱାରା ନିର୍ଦ୍ଦେଶିତ ଏବଂ ଜୀ ଷ୍ଟୁଡିଓ ଏବଂ ବ୍ଲାଇଭ ପ୍ରଡକସନ୍ସ ବ୍ୟାନରରେ ନିର୍ମିତ ହିନ୍ଦୀ କମେଡି ଚଳଚ୍ଚିତ୍ର 'ରାହୁ କେତୁ' ସହ 'ପେଟ୍ ସଫା' ସହଭାଗିତା କରିଛି। ଏହି ଚଳଚ୍ଚିତ୍ରରେ ପୁଲକିତ ସମ୍ରାଟ, ବରୁଣ ଶର୍ମା, ଶାଲିନୀ ପାଣ୍ଡେ ଏବଂ ଚଙ୍କି ପାଣ୍ଡେ ପ୍ରମୁଖ ଭୂମିକାରେ ଅଛନ୍ତି। ଉଦ୍ୟୋଗୀ ଡ. ସଞ୍ଜୀବ ଜୁନେଜା ରାହୁ କେତୁ ଚଳଚ୍ଚିତ୍ରର ସଫଳତା ପାଇଁ ସମଗ୍ର ଦଳକୁ ତାଙ୍କର ଶୁଭକାମନା ଜଣାଇଛନ୍ତି। ଦିଭିସା ହର୍ବାଲ୍ସ ପ୍ରାଇଭେଟ ଲିମିଟେଡର ମୁଖପାତ୍ର କହିଛନ୍ତି ଯେ, ରାହୁ କେତୁ ଚଳଚ୍ଚିତ୍ରର ସକାରାତ୍ମକ ଶକ୍ତି ଏବଂ ଦର୍ଶକଙ୍କ ସହିତ ଏହାର ଦୃଢ଼ ସମ୍ପର୍କକୁ ବିଚାର କରି, ସେ ତାଙ୍କର ପ୍ରିମିୟମ ଉତ୍ପାଦ ପେଟ ସଫା ଆୟୁର୍ବେଦିକ ଗ୍ରାନ୍ୟୁଲ୍ସ ଏବଂ ଟ୍ୟାବଲେଟ୍ସକୁ ଫିଲ୍ମର ପ୍ରଚାର ପାଇଁ ବାଛିଛନ୍ତି। ଆୟୁର୍ବେଦିକ ପେଟ ସଫା କୋଷ୍ଠକାଠିନ୍ୟ, ଗ୍ୟାସ ଏବଂ ଏସିଡିଟି ଭଳି ସାଧାରଣ ପାଚନ ସମସ୍ୟାରୁ ମୁକ୍ତି ଦେବାରେ ସାହାଯ୍ୟ କରେ, ଯାହା ପୀଡ଼ିତଙ୍କୁ ଆରାମ ଏବଂ ଖୁସିରେ ଜୀବନକୁ ଉପଭୋଗ କରିବାକୁ ସୁଯୋଗ ଦିଏ। ପେଟ ସଫା ଆୟୁର୍ବେଦିକ ଗ୍ରାନ୍ୟୁଲ୍ସ ଏବଂ ଟ୍ୟାବଲେଟ୍ସ ୧୬ଟି ଆୟୁର୍ବେଦିକ ଔଷଧିର ମିଶ୍ରଣରେ ତିଆରି କରାଯାଏ ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି।

# ଚିଲିକାରେ ପ୍ରଥମ ରାଜଦଳ କ୍ରାଫ୍ଟ ଇକୋ-ସୁଭେନିର ସପ୍

ଭୁବନେଶ୍ୱର,୧୯।୧(ଅନୁରାଧା ମହାରଣା)



ଫିଶିଂ କ୍ୟାଟ ପ୍ରୋଜେକ୍ଟ ଓ ହ୍ୟୁମାନ ଆଣ୍ଡ ଏନଭାଇରନମେଣ୍ଟ ଆଲାଏନ୍ସ ଲିଗ (ହିଲ) ଏବଂ ଦି ହ୍ୟାବିଟାଟ୍ସ ଟ୍ରଷ୍ଟ ଓ ଭୁବନେଶ୍ୱର ରାଉଣ୍ଡ ଟେବୁଲ ୫୩ର ସହଯୋଗରେ ଓଡ଼ିଶାରେ ପ୍ରଥମ ଥର ପାଇଁ ଏକ ଅଭିନବ ଉଦ୍ୟମ ଆରମ୍ଭ ହୋଇଛି। ଚିଲିକା ହ୍ରଦରୁ ସଂଗ୍ରହ କରାଯାଇଥିବା ଜଳହାଇସିନ୍ଥ (ରାଜଦଳ)ରୁ ତିଆରି କ୍ରାଫ୍ଟ ଏବେ ଟାଙ୍ଗୀ ସହରରେ (ମଙ୍ଗଳାଯୋଡ଼ି ଯାତ୍ରାପଥରେ) ଏକ ଇକୋ-ସୁଭେନିର ଦୋକାନରେ ପ୍ରଦର୍ଶନ ଓ ବିକ୍ରି ପାଇଁ ଉପଲବ୍ଧ। ଏହି ଉଦ୍ଭିଦ ହ୍ରଦରେ ମାଛ ପଥ ବନ୍ଦ କରି ମତ୍ସ୍ୟଜୀବୀମାନଙ୍କୁ କ୍ଷତି ପହଞ୍ଚାଇଥାଏ। କେନ୍ୟାର ଲେକ ଭିକ୍ଟୋରିଆରେ ମହିଳାମାନେ ଏହି ରାଜଦଳରୁ କ୍ରାଫ୍ଟ, ଆସବାବପତ୍ର, କାଗଜ ଓ ବାୟୋ-ଫୁଏଲ ତିଆରି କରି ଆୟ କରୁଛନ୍ତି। ଏହାରି ପ୍ରେରଣାରେ ଚିଲିକାରେ ଏହି ପ୍ରୋଜେକ୍ଟ ଆରମ୍ଭ ହୋଇଛି। ଫିଶିଂ କ୍ୟାଟ ପ୍ରୋଜେକ୍ଟର ସହ-ପ୍ରତିଷ୍ଠାତା ତିଆସା ଆଧ୍ୟା କହିଛନ୍ତି ଯେ, ଆସାମ ଓ ବଙ୍ଗରୁ ଟ୍ରେନର୍ ଆଣି ଖୋର୍ଦ୍ଧା ଜିଲାର ହାଟବରଡ଼ି ଗ୍ରାମର ୧୨ ଜଣ ମତ୍ସ୍ୟଜୀବୀ ମହିଳାଙ୍କୁ ତାଲିମ ଦିଆଯାଇଛି। ହିଲର ପ୍ରୋଜେକ୍ଟ ଅଫିସର ଆର୍ଯ୍ୟ ସ୍ୱାଇଁ ଓ ରବି ଶଙ୍କରନ-ଇନଲାକ୍ସ ଫେଲୋ ଇପ୍ସିତାମୁନ ନେଶା ମଧ୍ୟ ଏହି ଗୋଷ୍ଠୀକୁ ମାର୍ଗଦର୍ଶନ ଦେଉଛନ୍ତି। ସ୍ଥାନୀୟ ପର୍ଯ୍ୟଟନ ସ୍ଥଳୀ ଓ ଗ୍ରାମ ମେଳାରେ ସେମାନେ ନିଜ ଉତ୍ପାଦ ବିକ୍ରି କରିପାରୁଛନ୍ତି। ଭୁବନେଶ୍ୱର ରାଉଣ୍ଡ ଟେବୁଲ ୫୩ର ଚେୟାରମ୍ୟାନ ସଂଯୋଗ ସାହୁ କହିଛନ୍ତି, ହାଟବରଡ଼ିର ମହିଳାମାନଙ୍କର ନିଷ୍ଠା ଓ ନିପୁଣତା ପ୍ରଶଂସନୀୟ। ଏବେ ସରକାରୀ ସଂସ୍ଥାମାନେ ଅନ୍ୟ ଗୋଷ୍ଠୀକୁ ତାଲିମ ପାଇଁ ସେମାନଙ୍କୁ ନିମନ୍ତ୍ରଣ କରୁଛନ୍ତି। ମହିଳା ଗୋଷ୍ଠୀ ନେତ୍ରୀ ଉର୍ମିଳା ବେହେରା କହିଛନ୍ତି ଯେ ସେମାନେ ସ୍ଥାନୀୟ ମେଳା, ପର୍ଯ୍ୟଟକ ଓ ବ୍ୟବସାୟୀଙ୍କଠାରୁ ବରାଦ ପାଉଛନ୍ତି।


# 'ସ୍କୁଲ୍ ୟୁଥ୍ ଆଇଡିଆଥନ୍'ରେ ଓଡିଏମ୍ ଓଡ଼ିଶାରେ ପ୍ରଥମ

ଭୁବନେଶ୍ୱର,୧୯।୧(ଅନୁରାଧା ମହାରଣା)

ଭାରତର ଶିକ୍ଷାକ୍ଷେତ୍ରରେ ଓଡ଼ିଶା ପାଇଁ ଗର୍ବର ମୁହୂର୍ତ୍ତ ସୃଷ୍ଟି କରିଛି ଭୁବନେଶ୍ୱରସ୍ଥିତ ଓଡିଏମ୍ ପବ୍ଲିକ୍ ସ୍କୁଲ୍ । 'ସ୍କୁଲ୍ ୟୁଥ୍ ଆଇଡିଆଥନ୍-୨୦୨୫' (ଇନ୍‌ଷ୍ଟିଚ୍ୟୁଶନାଲ୍ ଲିଡରଶିପ୍ ଇନ୍ ଏଣ୍ଟ୍ରେପ୍ରିନଓରଶିପ୍ ଏବଂ ଇନୋଭେଶନ୍)ର ଗ୍ରାଣ୍ଡ ଫାଇନାଲ୍‌ରେ ସାରା ଭାରତର ୧୩୦୦୦ ସ୍କୁଲ୍ ଭାଗ ନେଇଥିଲା ବେଳେ ସର୍ବଶ୍ରେଷ୍ଠ ୧୦ଟି ବିଦ୍ୟାଳୟ ମଧ୍ୟରୁ ଓଡିଏମ୍ ପବ୍ଲିକ୍ ସ୍କୁଲ୍ ତୃତୀୟ ସ୍ଥାନ ଅଧିକାର କରିଛି । ସୂଚନା ଥାଉ କି, ଏହି ପ୍ରତିଯୋଗିତାରେ ସମଗ୍ର ଓଡ଼ିଶାରୁ ଭାଗନେଇଥିବା ସ୍କୁଲ୍‌ଗୁଡ଼ିକ ଭିତରୁ ମଧ୍ୟ ଓଡିଏମ୍ ହିଁ ଏକମାତ୍ର ସ୍କୁଲ୍, ଯାହାକୁ ଏହି ସଫଳତା ମିଳିଛି। ଏହି ଉପଲକ୍ଷେ ଜାନୁଆରୀ ୧୮ରେ ନୂଆଦିଲ୍ଲୀସ୍ଥିତ ଆଇ.ଆଇ.ଟି. ଦିଲ୍ଲୀରେ ଆୟୋଜିତ ଭବ୍ୟ ସମ୍ମାନ ସମାରୋହରେ ଓଡିଏମ୍ ଶିକ୍ଷାସମୂହର ପ୍ରତିଷ୍ଠାତା ଡ. ସତ୍ୟବ୍ରତ ମୀନକେତନଙ୍କୁ ଟ୍ରଫି ପ୍ରଦାନ କରାଯାଇ ସମ୍ମାନିତ କରାଯାଇଛି । ଏହି ସଫଳତା ସମ୍ପର୍କରେ ମତ ପ୍ରକାଶ କରି ଡ. ମୀନକେତନ କହିଛନ୍ତି ଯେ, ଏହି ଗରିମାମୟ ସଫଳତାର ସମ୍ପୂର୍ଣ୍ଣ ଶ୍ରେୟ 'ଆଇଡିଆଥନ୍'ରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ର, ତାଙ୍କର ଶିକ୍ଷକ-ଶିକ୍ଷୟିତ୍ରୀଗଣ ଓ ଅଭିଭାବକମାନଙ୍କୁ ଯାଉଛି । ସେ ଓଡିଏମ୍‌ରେ ଛାତ୍ରୀ-ଛାତ୍ରମାନଙ୍କ ମଧ୍ୟରେ ସୃଜନଶୀଳତା, ନବୋନ୍ମେଷ ଓ ଉଦ୍ୟମଶୀଳତାକୁ ପ୍ରୋତ୍ସାହନ ଦେବା ପ୍ରତି ଓଡିଏମ୍‌ର ଦୃଢ଼ ସଙ୍କଳ୍ପକୁ ପୁନଃପ୍ରକାଶ କରିଛନ୍ତି ।

# ଫିଡ୍‌ବ୍ୟାକ୍

**ଘରେ ହେଉ କି ବାହାରେ ଲୋକେ କ'ଣ କହିବେ ସେଥିପାଇଁ ଆମେ ଖୁବ୍ ବ୍ୟସ୍ତ ହୋଇପଡୁ। ଖାସ୍ ଏଇଥି ପାଇଁ ତ ମହିଳାମାନେ ଭିନ୍ନ ଭିନ୍ନ ଭୂମିକାରେ ନିଜକୁ ସାବ୍ୟସ୍ତ କରିବା ଲାଗି ଖୁବ୍ ଚେଷ୍ଟା କରନ୍ତି। ଆଉ ସମସ୍ତଙ୍କଠାରୁ ପଜିଟିଭ୍ ଫିଡ୍‌ବ୍ୟାକ୍ ଆଶା କରିଥାନ୍ତି। କିନ୍ତୁ ସମସ୍ତଙ୍କୁ ସନ୍ତୁଷ୍ଟ କରିବା ବଦଳରେ ନିଜେ ସନ୍ତୁଷ୍ଟ ରହିବା ଅଧିକ ଗୁରୁତ୍ୱପୂର୍ଣ୍ଣ...**



ନିଜ କାମର ଫିଡ୍‌ବ୍ୟାକ୍ ଜାଣିବା ପାଇଁ ସମସ୍ତଙ୍କର ଆଗ୍ରହ ଥାଏ। ସାଧାରଣତଃ ମହିଳାମାନେ ଘରେ, ବାହାରେ ଓ ଅଫିସରେ କାମ କରନ୍ତି। ସବୁ ସ୍ଥାନରେ ପଜିଟିଭ୍ ଫିଡ୍‌ବ୍ୟାକ୍ ଶୁଣିବାର ଇଚ୍ଛା ବି ରଖିଥାନ୍ତି। କିନ୍ତୁ ସବୁ ଦାୟିତ୍ୱରେ ସଫଳତାର ସହିତ ଆଗକୁ ଯିବାକୁ ହେଲେ ଆତ୍ମବିଶ୍ୱାସ ବୃଦ୍ଧି କରିବାକୁ ହେବ। ଆଉ ଏଥିପାଇଁ ଅନ୍ୟମାନଙ୍କ ତୁଳନାରେ ନିଜକୁ ନିଜେ ଫିଡ୍‌ବ୍ୟାକ୍ ଦେବା ଅଧିକ ଗୁରୁତ୍ୱପୂର୍ଣ୍ଣ। ପରିବାରରେ ନାରୀଟିଏ ଭିନ୍ନ ଭିନ୍ନ ଭୂମିକାରେ ନିଜର ଦାୟିତ୍ୱ ନିର୍ବାହ କରିଥାଏ। ସମସ୍ତଙ୍କୁ ସନ୍ତୁଷ୍ଟ କରିବା ଲକ୍ଷ୍ୟରେ ନିଜର କର୍ତ୍ତବ୍ୟ ପୂରଣ କରିବାକୁ ଯଥାସମ୍ଭବ ପ୍ରୟାସ ବି କରିଥାଏ। ବିଭିନ୍ନ ପ୍ରକାରର କାମ କରିବା ପରେ ନିଜ ଅବଦାନକୁ ନେଇ ସମସ୍ତଙ୍କ ଠାରୁ ଏକ ସକାରାତ୍ମକ ଫିଡ୍‌ବ୍ୟାକ୍‌ର ଆଶା କରିଥାଏ। ଅନୁରୂପଭାବେ କର୍ମଜୀବୀମାନେ ବି ନିଜ ସହକର୍ମୀ ତଥା ବସ୍‌ଙ୍କଠାରୁ ଏମିତି ଏକ ଫିଡ୍‌ବ୍ୟାକ୍ ଇଚ୍ଛା ରଖନ୍ତି। କିନ୍ତୁ ସବୁ ସମୟରେ ଓ ସବୁସ୍ଥାନରେ ପଜିଟିଭ୍ ଫିଡ୍‌ବ୍ୟାକ୍ ଯେ ମିଳିବ ତାହା ହୋଇ ନ ପାରେ। ତେଣୁ ସବୁ କ୍ଷେତ୍ରରେ ଅନ୍ୟର ଫିଡ୍‌ବ୍ୟାକ୍ ତୁଳନାରେ ନିଜକୁ ନିଜେ ବୁଝେଇ ସନ୍ତୁଷ୍ଟ ରହିବା ଦରକାର। ଏପରି ଭାବନା ରହିଲେ ଆତ୍ମସନ୍ତୋଷ ରହିବା ସହ ଅନ୍ୟମାନଙ୍କ ଠାରୁ କୌଣସି ଆଶା ରହିବନି ଯାହାଫଳରେ ସମ୍ପର୍କ ବି ଠିକ୍ ରହିବ। ତେଣୁ ଫିଡ୍‌ବ୍ୟାକ୍‌କୁ ସକାରାତ୍ମକ ଢଙ୍ଗରେ ଗ୍ରହଣ କରି ଆଗକୁ ବଢ଼ିବାକୁ ହେବ। ଏଥି ନିମନ୍ତେ କେଉଁ ସବୁ ଦିଗପ୍ରତି ଧ୍ୟାନ ରଖିବାକୁ ହେବ ଜାଣନ୍ତୁ।

### ନିଜକୁ ମାନ୍ୟତା ଦିଅନ୍ତୁ

ବେଳେବେଳେ ଅନ୍ୟମାନଙ୍କ ମତାମତକୁ ନେଇ ମନ ବିଚଳିତ ହୋଇଯାଏ। ନିଜ ବିଷୟରେ ନକାରାତ୍ମକ କଥା ଶୁଣି ଆତ୍ମବିଶ୍ୱାସ କମିଯାଏ। ତେଣୁ ପ୍ରଥମ କଥା ହେଉଛି ନିଜକୁ ମାନ୍ୟତା ଦିଅନ୍ତୁ। ଅର୍ଥାତ୍ ନିଜ କାମ କି ବ୍ୟବହାରରେ ସେଭଳି କିଛି ତ୍ରୁଟି ନାହିଁ ଓ ଆପଣ ଯଥାସମ୍ଭବ ଚେଷ୍ଟା କରିଛନ୍ତି ବୋଲି ଭାବିବା ଅଧିକ ମହତ୍ତ୍ୱପୂର୍ଣ୍ଣ। ନିଜର ଛୋଟ ଛୋଟ ଖୁସିକୁ ଏନ୍‌ଜୟ କରନ୍ତୁ। ଆତ୍ମସମ୍ମାନ ବଢ଼ାଇବାର ଏହା ଏକ ସୁନ୍ଦର ଉପାୟ। ଏପରି ହେଲେ ଧୀରେ ଧୀରେ ଅନ୍ୟମାନେ ବି ଆପଣଙ୍କୁ ସ୍ୱୀକାର କରିବା ଆରମ୍ଭ କରିବେ। ତେଣୁ ଅନ୍ୟମାନଙ୍କ ସ୍ୱୀକୃତି ବଦଳରେ ନିଜର ସ୍ୱୀକୃତି ହିଁ ଅଧିକ ଗୁରୁତ୍ୱପୂର୍ଣ୍ଣ।





### ଦାୟିତ୍ୱ ବାଣ୍ଟନ୍ତୁ

ପରିବାର ତଥା କର୍ମକ୍ଷେତ୍ର ଓ ବିଭିନ୍ନ ସ୍ଥାନରେ ମହିଳାଙ୍କୁ ଭିନ୍ନ ଭିନ୍ନ ଭୂମିକାରେ ନିଜର କାମ କରିବାକୁ ପଡ଼ିଥାଏ। ସବୁ ସ୍ଥାନରେ ସମସ୍ତଙ୍କର ଶହେ ପ୍ରତିଶତ ଇଚ୍ଛା ପୂରା କରିବା ସମ୍ଭବ ନୁହେଁ। ତେଣୁ ସବୁ ସ୍ଥାନରେ ଏକ ସନ୍ତୁଳନ ରଖିବାକୁ ହେବ। ଏଥିପାଇଁ ପ୍ରଥମେ ନିଜର ସୀମା ସ୍ଥିର କରନ୍ତୁ। ବାସ୍ତବିକ ରୂପେ ନିଜ ଦାୟିତ୍ୱକୁ ବାଣ୍ଟିବା ଜରୁରୀ। ଏପରି ହେଲେ ଆପଣ ମାନସିକ ଓ ଭାବନାତ୍ମକ ଦୃଷ୍ଟିରୁ ଏକ ସନ୍ତୁଳନ ରକ୍ଷା କରିପାରିବେ। ଫଳରେ ସବୁ ସମ୍ପର୍କରେ ଏକ ସନ୍ତୁଳନ ରକ୍ଷା ହୋଇପାରିବ।

### ପ୍ରକୃତ କାରଣ

ନିଜକୁ ପ୍ରଶ୍ନ କରନ୍ତୁ ଯେ ଯାହା ବି କାମ କରୁଛନ୍ତି, କାହିଁକି କରୁଛନ୍ତି ଅବା ସେହି କାମ ପଛର ଉଦ୍ଦେଶ୍ୟ କ'ଣ। ଯଦି ନିଜର ଖୁସି ପାଇଁ କିମ୍ବା ଦାୟିତ୍ୱ ପୂରା କରିବା ଉଦ୍ଦେଶ୍ୟରେ କୌଣସି କାମ କରୁଥାନ୍ତି ତେବେ ଅନ୍ୟ କାହାର ସ୍ୱୀକୃତି ନିହାତି ଜରୁରୀ ନୁହେଁ। ସମ୍ପର୍କ ମଜଭୁତ କରିବା ପାଇଁ ଆପଣ ନିଜ ହିସାବରେ ଦାୟିତ୍ୱ ଅନୁସାରେ ହିଁ କାମ କରନ୍ତୁ। ଯଦି ନିଜ ଦାୟିତ୍ୱ ପୂରା କରିବା ନେଇ ନିଜେ ସନ୍ତୁଷ୍ଟ ହୋଇ ପାରୁଛନ୍ତି ତା'ହେଲେ ଅନ୍ୟ ଲୋକଙ୍କ ଫିଡ୍‌ବ୍ୟାକ୍ ନକାରାତ୍ମକ ହେଲେ ବି ଅନୁଶୋଚନା କରନ୍ତୁ ନାହିଁ। ନିଜର ପରିଶ୍ରମ ଓ କାମ ସବୁକିଛି କରିବା କ୍ଷେତ୍ରରେ ଆପଣ ଯଥେଷ୍ଟ ଯୋଗଦାନ ଦେଇଛନ୍ତି, ଏହି ଭାବନା ହିଁ ଆଗକୁ ଅଧିକ ସଫଳତା ପାଇବା କ୍ଷେତ୍ରରେ ସହାୟକ ହୋଇପାରିବ। ଆତ୍ମବିଶ୍ୱାସର ଅର୍ଥ ହେଉଛି ନିଜ ଉପରେ ଭରସା କରିବା କିନ୍ତୁ ଅନ୍ୟର ସ୍ୱୀକୃତି ନିହାତି ଜରୁରୀ ନୁହେଁ। ନିଜ କାମକୁ ନେଇ ସନ୍ତୁଷ୍ଟ ରୁହନ୍ତୁ କିନ୍ତୁ ନିଜର ଦୁର୍ବଳତାକୁ ନେଇ ସଚେତନ ବି ରୁହନ୍ତୁ। ଦୁର୍ବଳତାକୁ ଜାଣି ପରିବର୍ତ୍ତନ କରିବା ଦିଗରେ ମଧ୍ୟ ସଚେତନ ରହିବାକୁ ହେବ। ଏଭଳି ହେବା ଫଳରେ ଆପଣ ନିଜର ସବୁ ଭୂମିକାକୁ ନେଇ ସନ୍ତୁଷ୍ଟ ରହିପାରିବେ।

## ଏମାନେ କ'ଣ କରନ୍ତି

**ମନକୁ ବୁଝାଇ ଦେଇଛି:** ବିବାହ ପରେ ଫିଡ୍‌ବ୍ୟାକ୍‌କୁ ନେଇ ଭାରି ବ୍ୟସ୍ତ ଲାଗୁଥିଲା। କାଳେ କେହି କ'ଣ କହିବେ ଭାବି ସବୁବେଳେ ଗୋଟେ ଭୟରେ କାମ କରୁଥିଲି। ହେଲେ କିଛିଦିନ ପରେ ପରିସ୍ଥିତି ସହିତ ନିଜକୁ ବଦଳାଇବାକୁ ବାଧ୍ୟ ହେଇଛି। କାହିଁକି ନା ସବୁବେଳେ ଏକ ଭୟ ମାନସିକତା ଭିତରେ ରହି ମୁଁ ନିଜର କ୍ଷତି କରୁଥିଲି। ଏ ନେଇ ମତେ ପ୍ରଥମେ ମୋ ସ୍ୱାମୀ ବୁଝାଇଥିଲେ। ସେଦିନରୁ ମୁଁ ଜାଣିଥିଲି କି ସମସ୍ତଙ୍କୁ ଶହେ ପ୍ରତିଶତ ସନ୍ତୁଷ୍ଟ କରିବା ସମ୍ଭବ ନୁହେଁ। ତେଣୁ ମୋର କର୍ତ୍ତବ୍ୟ ଅନୁସାରେ ସବୁ କାମ କରୁଛି। କିଏ ଭଲ କହୁ କି ନ କହୁ ସେଥିପ୍ରତି ଆଉ ଏବେ ବେଶି ଚିନ୍ତା କରୁନି।



**– ସ୍ମିତାଞ୍ଜଳି ବେହେରା**
*ଗୃହିଣୀ, ପ୍ରତାପନଗରୀ, କଟକ*

**ଭୁଲ୍ ସୁଧାରିବାକୁ ଚେଷ୍ଟା କରେ:** ଅଧ୍ୟାପିକାଭାବେ କଲେଜରେ ମୋ କାମକୁ ନେଇ କିଏ କ'ଣ କହୁଛି ସେକଥା ଜାଣିବାର ଭାରି ଆଗ୍ରହ ରହୁଥିଲା। କିନ୍ତୁ ଏତେ ବର୍ଷ ଚାକିରି କରିବା ପରେ ଆଉ କାହାର ଫିଡ୍‌ବ୍ୟାକ୍ ପାଇଁ କିଛି ସେମିତି ବିଚଳିତ ହେଉନି। ଏମିତିକି ଆମ ସିନିଅରମାନେ ଯଦି ନେଗେଟିଭ୍ ଫିଡ୍‌ବ୍ୟାକ୍ ଦିଅନ୍ତି ତେବେ ବି ଏତେ ବ୍ୟସ୍ତ ହୁଏନି। ମୋର ଯଦି ପ୍ରକୃତରେ କୌଣସି କ୍ଷେତ୍ରରେ ଭୁଲ୍ ଥାଏ ତା'ହେଲେ ମୁଁ ସ୍ୱୀକାର କରେ ଓ ସେଥିପ୍ରତି ସଚେତନ ହେବନକୁ ଚେଷ୍ଟା କରେ। ଭବିଷ୍ୟତରେ ଭୁଲ୍ ନ କରିବା ଆଉ ଭଲ କାମ କରିବା ପାଇଁ ଯଥାସମ୍ଭବ ପ୍ରୟାସ କରେ। କଲେଜରେ କାହା ବିଷୟରେ କୌଣସି ଚୁଗୁଲି କରେନି କି କିଏ କିଛି କହିଲେ ସେ କଥାକୁ ଏତେ ଧ୍ୟାନ ଦିଏନି। ଆଉ ବସ୍ ଯଦି କିଛି କହନ୍ତି ତେବେ ତାଙ୍କୁ ପ୍ରକୃତ ସତ୍ୟ ଜଣାଇଥାଏ। ତେଣୁ ସିଏ ମତେ କେବେ ଦୋଷାରୋପ କରନ୍ତି ନାହିଁ। ବରଂ ଅଧିକ ଭଲ କାମ କରିବା ପାଇଁ ପ୍ରେରଣା ଦେଇଥାନ୍ତି।



**– ମଧୁସ୍ମିତା ସ୍ୱାଇଁ**
ଅଧ୍ୟାପିକା, ଭୁବନେଶ୍ୱର





# କମାନ୍ତୁ ସ୍କ୍ରିନ୍ ଟାଇମ୍

**ମୋବାଇଲ ବ୍ୟବହାର ନେଇ ପିଲାଙ୍କର ଆକର୍ଷଣ ଦିନକୁ ଦିନ ବଢିଚାଲିଛି। ସମୟ ଏବେ ଏମିତି ହୋଇଛି ଯେ ଫୋନ୍‌କୁ ସେମାନଙ୍କ ଠାରୁ ସମ୍ପୂର୍ଣ୍ଣ ଦୂରେଇ ରଖିବା କଷ୍ଟକର ହୋଇପଡିଛି। ଏଭଳି କ୍ଷେତ୍ରରେ ପିଲାଙ୍କର ଫୋନ୍ ବ୍ୟବହାର କମ୍ କରିବା ପାଇଁ କ'ଣ କରିବେ ଜାଣନ୍ତୁ...**



➔ ପିଲାଙ୍କ ପାଇଁ ସେମାନଙ୍କ ସହିତ କଥାବାର୍ତ୍ତା ହୋଇ ଏକ ଟାଇମ୍ ଟେବଲ ସ୍ଥିର କରନ୍ତୁ। ପାଠପଢା ଖେଳକୁଦ ସହିତ ଫୋନ୍ ଦେଖିବାର ଏକ ସମୟ ନିର୍ଦ୍ଦିଷ୍ଟ କରନ୍ତୁ, ଯେପରି ପିଲାମାନେ କେବଳ ସେହି ସମୟ ମଧ୍ୟରେ ଫୋନ୍ ବ୍ୟବହାର କରିବେ। ଏପରି ହେଲେ ଅନ୍ୟ ସମୟରେ ସେମାନେ ନିଜ କାମ କରିବେ।

➔ପିଲାଙ୍କୁ ଆଉଟ୍‌ଡୋର୍ ଗେମ୍ ନିମନ୍ତେ ଉତ୍ସାହିତ କରନ୍ତୁ। କ୍ରିକେଟ୍, ଫୁଟବଲ୍ ଓ ସାଇକେଲିଂ ଆଦି ବିଭିନ୍ନ ଖେଳପାଇଁ ବ୍ୟବସ୍ଥା କରି ଦିଅନ୍ତୁ। ଫଳରେ ପିଲାମାନେ ଫୋନ୍‌ଠାରୁ କିଛି ସମୟ ଦୂରରେ ରହିବାର ସୁଯୋଗ ପାଇବେ।

➔ମୋବାଇଲ୍‌କୁ ପିଲାଙ୍କ ପାଇଁ ଏକ ପୁରସ୍କାର ଭଳି ବ୍ୟବହାର କରନ୍ତୁ। ସେମାନେ ହୋମୱାର୍କ କରିସାରିବା ପରେ କିମ୍ବା କୌଣସି ପାଠ ପୂରା କରିସାରିବା ପରେ କିଛି ସମୟ ପାଇଁ ଫୋନ୍ ବ୍ୟବହାର କରିବାର ସୁଯୋଗ ଦିଅନ୍ତୁ। ଏପରି କଲେ ସେମାନଙ୍କର ପାଠପ୍ରତି ଆଗ୍ରହ ବଢ଼ିବ।

➔ନିଜେ ପିଲାଙ୍କ ସହିତ କିଛି ସମୟ କଟାନ୍ତୁ। ସେମାନଙ୍କୁ ବାହାରକୁ ବୁଲାଇବା ପାଇଁ ନିଅନ୍ତୁ କିମ୍ବା ଖେଳନ୍ତୁ। ଏସବୁ ନ ହେଲେ ସେମାନଙ୍କ ସହିତ କେବଳ ଗପନ୍ତୁ। ଫଳରେ ମୋବାଇଲ୍ ବ୍ୟବହାର କରିବାର ସୁଯୋଗ ପାଇବେ ନାହିଁ ପିଲାମାନେ।

➔ମୋବାଇଲ୍ ବ୍ୟବହାରର ଖରାପ ପ୍ରଭାବ ସମ୍ପର୍କରେ ପିଲାଙ୍କୁ ବୁଝାନ୍ତୁ। ପିଲାମାନେ ଖରାପ ପ୍ରଭାବ ସମ୍ପର୍କରେ ବୁଝିପାରିଲେ ନିଜେ ଫୋନ୍ ବ୍ୟବହାର କମ୍ କରିବା ନେଇ ସଚେତନ ହୋଇପାରିବେ।

➔ପିଲାଙ୍କ ଆଗରେ ଅଭିଭାବକମାନେ ନିଜେ ଫୋନ୍ ବ୍ୟବହାର କରନ୍ତୁ ନାହିଁ। ଆବଶ୍ୟକ ହେଲେ ପିଲାଙ୍କୁ ନିଜର ଉଦାହରଣ ଦେଇପାରିବେ।

➔ଶୋଇବା ସମୟରେ ନିଜେ ଫୋନ୍ ଦେଖନ୍ତୁ ନାହିଁ କି ପିଲାଙ୍କୁ ଦେଖାନ୍ତୁ ନାହିଁ। ତେଣୁ ଶୋଇବା ଘରକୁ ଯିବା ପୂର୍ବରୁ ହିଁ ଫୋନ୍‌କୁ ବାହାରେ ରଖି ଯାଆନ୍ତୁ।

# ରୁମ୍ ହିଟର ବ୍ୟବହାର କରୁଥିଲେ..

**ଶୀତଦିନେ ଅତ୍ୟଧିକ ଥଣ୍ଡାରୁ ରକ୍ଷା ପାଇବା ପାଇଁ କେତେକେ ରୁମ୍ ହିଟର ବ୍ୟବହାର କରିଥାନ୍ତି। କିନ୍ତୁ ଏହାର ବ୍ୟବହାର କରୁଥିଲେ କେତେକ ଦିଗରୁ ସାବଧାନ ହେବାକୁ ପଡିବ...**




➤ରୁମ୍ ହିଟରକୁ ଘରର କେଉଁ ସ୍ଥାନରେ ରଖିବେ ପ୍ରଥମେ ତାହା ସ୍ଥିର କରନ୍ତୁ। ଏହାକୁ ଖଟ, ସୋଫା କିମ୍ବା ଘରର ପରଦା ପାଖରେ ରଖନ୍ତୁ ନାହିଁ। ଏପରି ହେଲେ ନିଆଁ ଲାଗିବାର ଆଶଙ୍କା ରହିଥାଏ। ଏହାକୁ ଘରର ଏକ ଖୋଲା ତଥା ସମତଳ ସ୍ଥାନରେ ରଖନ୍ତୁ ଓ ଧ୍ୟାନ ରଖନ୍ତୁ ଯେପରି ପାଖରେ କୌଣସି ଜଳନଶୀଳ ପଦାର୍ଥ ନ ଥିବ।

➤ଲୋକେ ବେଳେବେଳେ ରାତିସାରା ରୁମ୍ ହିଟର ଲଗାଇ ଛାଡି ଦିଅନ୍ତି। କିନ୍ତୁ ସେପରି କରନ୍ତୁ ନାହିଁ। ଓଭରହିଟିଂ ହେବାର ଆଶଙ୍କା ମଧ୍ୟ ରହିଥାଏ। ତେଣୁ ଶୋଇବା ପୂର୍ବରୁ ରୁମ୍ ହିଟର ବନ୍ଦ କରି ଦିଅନ୍ତୁ।

➤ବନ୍ଦ ହୋଇଥିବା ଘରେ ହିଟର ଲଗାନ୍ତୁ ନାହିଁ। ଏପରି ହେଲେ ଘର ଭିତରେ ଅମ୍ଳଜାନର ଅଭାବ ହୋଇଥାଏ। ଫଳରେ ଅଣନିଃଶ୍ୱାସୀ ହେବାର ଆଶଙ୍କା ରହିଥାଏ। ତେଣୁ ଝରକା କିମ୍ବା କବାଟ ଅଳ୍ପ ଖୋଲା ରଖନ୍ତୁ।

➤ରୁମ୍ ହିଟରରେ ସବୁବେଳେ ଭଲ କ୍ୱାଲିଟିର ସକେଟ୍ ଲଗାନ୍ତୁ। କଟା ହୋଇଥିବା କିମ୍ବା ଖରାପ କ୍ୱାଲିଟିର ଏକ୍ସଟେନଶନ୍ ବୋର୍ଡ ବ୍ୟବହାର କରନ୍ତୁ ନାହିଁ।

➤ପାଣି ପାଖରେ ଏହାକୁ ରଖନ୍ତୁ ନାହିଁ।

ସୌନ୍ଦର୍ଯ୍ୟ

# ଶୀତରେ ଗ୍ଲୋଇଂ ମେକ୍‌ଅପ୍

**ଠିକ୍ ଭାବରେ ମେକ୍‌ଅପ୍ ନ ନେଲେ ଶୀତଦିନେ ସୌନ୍ଦର୍ଯ୍ୟ ଖରାପ ହୋଇ ଯାଇଥାଏ। ତେଣୁ ସୁନ୍ଦର ତଥା ଗ୍ଲୋଇଂ ମେକ୍‌ଅପ୍ ନିମନ୍ତେ କେଉଁ ସବୁ ଦିଗ ପ୍ରତି ଅଧିକ ଧ୍ୟାନ ଦେବାକୁ ହେବ ଜାଣନ୍ତୁ...**

➔ପ୍ରଥମେ ମେକ୍‌ଅପ୍ ଲଗାଇବା ପୂର୍ବରୁ ମୁହଁରେ ସବୁଆଡେ ଏକ ପ୍ରାଇମର ଲଗାନ୍ତୁ। ଭିଟାମିନ୍-ଇ ଥିବା ପ୍ରାଇମର ସ୍କିନ୍‌କୁ ହାଇଡ୍ରେଟ୍ ରଖିଥାଏ। ତେଣୁ ସବୁବେଳେ ଭଲ କ୍ୱାଲିଟିର ପ୍ରାଇମର ଲଗାନ୍ତୁ।

➔କ୍ରିମ୍‌ଥିବା ଫାଉଣ୍ଡେଶନ୍ ବ୍ୟବହାର କରନ୍ତୁ। ଏହା ସ୍କିନ୍‌କୁ ଏକ ସୁନ୍ଦର ଲୁକ୍ ଦେବ। କିନ୍ତୁ ସାଧାରଣ ଫାଉଣ୍ଡେଶନ୍ ହେଲେ ଶୀତଦିନେ ଶୁଷ୍କତା କାରଣରୁ ଗାର ପଡିବା ଭଳି ଦେଖାଯିବ।

➔ସୁନ୍ଦର ମେକ୍‌ଅପ୍ ନିମନ୍ତେ ବ୍ଲଶ୍ କରିବା ମଧ୍ୟ ଜରୁରୀ। ତେଣୁ ୱାର୍ମ ଟୋନ୍ ଥିବା ପିଚ୍ ବ୍ଲଶ ମୁହଁରେ ଲଗାନ୍ତୁ। ଏହାକୁ ହାଲୁକା ଭାବରେ ଲଗାଇବେ। ଅଧିକ ଲଗାଇଲେ ମେକ୍‌ଅପ୍ ଭଲ ଲାଗିବ ନାହିଁ।

➔ନ୍ୟୁଟଲ ଆଇ ମେକ୍‌ଅପ୍ କରନ୍ତୁ। କାରଣ ଶୀତଦିନେ ସୂର୍ଯ୍ୟାଲୋକ ସବୁବେଳେ ଅଧିକ ଉଜ୍ଜ୍ୱଳ ନ ଥାଏ। ତେଣୁ ଏହି ପ୍ରକାରର ଆଖି ମେକଅପ୍ ମୁହଁକୁ ଅଧିକ ଗ୍ଲୋ ଦେଖାଯିବାରେ ସାହାଯ୍ୟ କରେ। ଆଖି ଚାରିପାଖରେ ପ୍ରାଇମର୍ ମଧ୍ୟ ଲଗାନ୍ତୁ। ୱାର୍ମ ଓ ନ୍ୟୁଡ୍ ଟୋନ୍ ଆଇସାଡୋ ଲଗାନ୍ତୁ।

➔ଶୀତଦିନେ ଥଣ୍ଡା ପ୍ରଭାବରୁ ଓଠ ଫାଟିବା ଭଳି ସମସ୍ୟା ମଧ୍ୟ ଦେଖା ଦେଇଥାଏ। ତେଣୁ ଏସ୍‌ପିଏଫ୍ ଥିବା ମଶ୍ଚରାଇଜର ଓ ଲିପ୍ ବାମ୍ ଲଗାନ୍ତୁ। ଟେଣ୍ଟେଡ୍ କିମ୍ବା କଲର୍ ଚେଞ୍ଜିଂ ବାମ୍ ବ୍ୟବହାର କରିପାରିବେ। ଶେଷରେ ନ୍ୟୁଡ ମ୍ୟାଟ୍ ଲିପ୍‌ଷ୍ଟିକ୍ କିମ୍ବା ଟିକ୍ ଲିପ୍ ଟିଣ୍ଟ ଲଗାଇ ଓଠରେ ମେକଅପ୍ ଦିଅନ୍ତୁ।

➔ଶୀତଦିନେ ଖରାଦିନିଆ ମେକଅପ୍ ସାମଗ୍ରୀ ଖରାପ ଲୁକ୍ ଦେଇଥାଏ। ତେଣୁ ତାହାର ବ୍ୟବହାର କରନ୍ତୁ ନାହିଁ।

➔ଅଧିକ ବ୍ରଞ୍ଜର ଲଗାଇଲେ ମେକ୍‌ଅପ୍ ଖରାପ ଲାଗିଥାଏ। ଏପରି କରନ୍ତୁ ନାହିଁ।

➔ସ୍କିନ୍‌କୁ ହାଇଡ୍ରେଟ୍ ରଖିବା ପାଇଁ ଶୀତଦିନେ ଯତ୍ନ ନିଅନ୍ତୁ।

➔ଭିଟାମିନ୍ ଇ, ସି, ଆଣ୍ଟି ଅକ୍ସିଡାଣ୍ଟ ଓ ଓମେଗା-୩ ଫ୍ୟାଟି ଏସିଡ୍ ଥିବା ଖାଦ୍ୟ ଯେପରିକି ବିଭିନ୍ନ ପ୍ରକାରର ମଞ୍ଜି, ସବୁଜ ପନିପରିବା, ଫଳ, କନ୍ଦମୂଳ ଆଦି ଅଧିକ ଖାଆନ୍ତୁ। ଏଭଳି କେତେକ ଖାଦ୍ୟ ସ୍କିନ୍‌କୁ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ।




ଖାଦ୍ୟରୁଚି

# ବଥୁଆଶାଗ ପରଟା



**ଆବଶ୍ୟକ ସାମଗ୍ରୀ–**
ବଥୁଆ ଶାଗ– ୧ ବିଡା, ଅଟା– ୨୫୦ ଗ୍ରାମ୍, ସିଝା ଆଳୁ– ୧ଟି (ବଡ), ଜୁଆଣି– ଅଧା ଛୋଟ ଚାମଚ, କଞ୍ଚା ଲଙ୍କା– ୪ଟି, ହେଙ୍ଗୁ– ଅଳ୍ପ, ସ୍ୱାଦ ଅନୁସାରେ ଲୁଣ ଓ ତେଲ।

**ପ୍ରସ୍ତୁତି ପ୍ରଣାଳୀ–**
ପ୍ରଥମେ ଶାଗକୁ ଭଲଭାବେ ବାଛି ସେଥିରେ ଥିବା ପତ୍ରଗୁଡିକୁ ଅଲଗା କରି ଧୋଇ ଦିଅନ୍ତୁ। କଞ୍ଚାଲଙ୍କାକୁ ଛୋଟ ଛୋଟ କରି କାଟି ରଖନ୍ତୁ। ଏବେ ଏହି ଶାଗକୁ ଛୋଟ ଛୋଟ କରି କାଟି ଦିଅନ୍ତୁ। ଅଟା ସହିତ କଟା ହୋଇଥିବା ଶାଗ, ସିଝା ଆଳୁ, କଞ୍ଚା ଲଙ୍କା, ଜୁଆଣି, ହେଙ୍ଗୁ ଓ ଲୁଣ ମିଶାଇ ଭଲଭାବେ ଚକଟି ଦିଅନ୍ତୁ। ଏବେ ଏହାକୁ ଅଧଘଣ୍ଟା ପର୍ଯ୍ୟନ୍ତ ଘୋଡାଇ ରଖି ଦିଅନ୍ତୁ। ଏହାପରେ ପରଟା ଆକାରରେ ଛୋଟ ଛୋଟ କରି ବେଲି ରଖନ୍ତୁ। ତାୱା ଗରମ ହେବା ପରେ ସେଥିରେ ବେଲା ହୋଇଥିବା ପରଟାକୁ ପକାଇ ଉପରେ ତେଲ ଦେଇ ବାଦାମୀ ହେବାଯାଏ ସେକି ଦିଅନ୍ତୁ। ଦୁଇପଟ ସେକି ହୋଇଯିବା ପରେ ତାୱାରୁ କାଢି ଦିଅନ୍ତୁ। ତେଲ ବଦଳରେ ଆପଣ ଚାହିଁଲେ ଘିଅ ମଧ୍ୟ ବ୍ୟବହାର କରିପାରିବେ। ସବୁ ପରଟାକୁ ଏହିଭଳି ସେକି ଚଟଣି କିମ୍ବା ସସ୍ ସହିତ ଖାଆନ୍ତୁ।

# ଜ୍ଞାନ ମନ୍ଦିରର ବାର୍ଷିକ ଉତ୍ସବ

**ଢେଙ୍କାନାଳ,୧୯।୧ (ରତନ ନାୟାର)**

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ବହ୍ଲଭଠାରେ ଆର୍ଟ ଅଫ୍ ଲିଭିଂ ଦ୍ୱାରା ପରିଚାଳିତ ଶ୍ରୀଶ୍ରୀ ଜ୍ଞାନ ମନ୍ଦିରର ବାର୍ଷିକ ଉତ୍ସବ ପ୍ରଧାନ ଶିକ୍ଷକ ପଙ୍କଜ ଚରଣ ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀକାନ୍ତ କୁମାର ପଣ୍ଡା, ମୁଖ୍ୟବକ୍ତା ଭାବେ ସଂଯୋଜକ ଅନ୍ତର୍ଯ୍ୟାମୀ ସାମଲ ଓ ସାମାଜିକ କର୍ମୀ କାମାକ୍ଷା ପ୍ରସାଦ ଲେଙ୍କା ଯୋଗ ଦେଇଥିଲେ। କୁନିକୁନି ପିଲାଙ୍କ ମଧ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଅତିଥିମାନଙ୍କ ଦ୍ୱାରା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଜ୍ଞାନ ମନ୍ଦିରର ଅନ୍ନପୂର୍ଣ୍ଣା ନାୟକ, ରଞ୍ଜିତା ତରାଇ, ଅଭିମନ୍ୟୁ ସ୍ୱାଇଁ, ଶିକ୍ଷୟିତ୍ରୀ ଶିକ୍ଷକମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଶ୍ରୀଶ୍ରୀ ଜ୍ଞାନ ମନ୍ଦିରର ବାର୍ଷିକ ଉତ୍ସବ ପାଳନ କରାଯାଉଛି।

# ଜିଲା ସ୍ୱଳ୍ପ ସଞ୍ଚୟ ଅଭିକର୍ତ୍ତା ସଂଘର ବାର୍ଷିକ ଉତ୍ସବ




**ଅନୁଗୋଳ,୧୯।୧ (ମାନସ ବିଶ୍ୱାଳ)**

ଅନୁଗୋଳ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲା ସ୍ୱଳ୍ପ ସଞ୍ଚୟ ଅଭିକର୍ତ୍ତା ସଂଘର ୨୪ତମ ବାର୍ଷିକ ଉତ୍ସବ ସଭାପତି ରୁଚିର କୁମାର ବରାଳ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହାକୁ ସଂଘର ବରିଷ୍ଠ ଅଭିକର୍ତ୍ତା ମାଧବ ଚନ୍ଦ୍ର ସାହୁ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ଓଡ଼ିଶା ସରକାରଙ୍କ ଅର୍ଥ ବିଭାଗ ଉପନିର୍ଦ୍ଦେଶକ, ସଞ୍ଚୟ ଓ ଆର୍ଥିକ ସେବୀ ତଥା ଉପସଚିବ ରଞ୍ଜନ କୁମାର ଦାଶ ମୁଖ୍ୟବକ୍ତା ଏବଂ ସମ୍ମାନିତ ଅତିଥି ଭାବେ ଅର୍ଥ ବିଭାଗର ଅନ୍ୟତମ ଉପନିର୍ଦ୍ଦେଶକ ରଞ୍ଜନ ଦାସ, ଢେଙ୍କାନାଳ ଡାକମଣ୍ଡଳର ଅଧୀକ୍ଷକ ଯମେଶର ଗଡ଼ନାୟକ, ଅନୁଗୋଳ ଜିଲାର ସଳ୍ପ ସଞ୍ଚୟ ତଥା ଆର୍ଥିକ ସେବା ଅଧିକାରୀ ଜଗନ୍ନାଥ ସେନାପତି ଏବଂ ଜାତୀୟ ସ୍ୱଳ୍ପ ସଞ୍ଚୟ ଅଭିକର୍ତ୍ତା ସଂଘ ଓଡ଼ିଶା ଶାଖା ସଭାପତି ସରିତା ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜାତୀୟ ସଳ୍ପ ସଞ୍ଚୟ ସଙ୍ଗଠନ ଓଡ଼ିଶା ଶାଖାର ବିଭିନ୍ନ ରାଜ୍ୟସ୍ତରୀୟ ଓ ଜିଲାସ୍ତରୀୟ କର୍ମକର୍ତ୍ତାମାନେ ମଧ୍ୟ ଏହି ଅବେଶନରେ ଉପସ୍ଥିତ ଥିଲେ। ଯେଉଁ ଅଭିକର୍ତ୍ତାମାନେ ୨୫ ବର୍ଷ କାର୍ଯ୍ୟକାଳ ପୂରଣ କରିଛନ୍ତି ସେମାନଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ଅତିଥିମାନେ ସମ୍ମାନିତ କରିଥିଲେ। ନିରଞ୍ଜନ ବେହେରା ମଞ୍ଚ ପରିଚାଳନା କରିଥିଲେ। ସଭାପତି ମାଧବ ଚନ୍ଦ୍ର ସାହୁ, ଉପ ସଭାପତି ପ୍ରଣବ କୁମାର ମିଶ୍ର, ସମ୍ପାଦକ ବିଶାମିତ୍ର ସାମଲ ଓ ପ୍ରବୋଧ ଚନ୍ଦ୍ର ମିଶ୍ର, ସହସମ୍ପାଦକ ନିରଞ୍ଜନ ମୁଦୁଲି, ନନ୍ଦିନୀ ନାହାକ, ଅଜୟ କୁମାର ସାହ, କୋଷାଧ୍ୟକ୍ଷ ଦିନବନ୍ଧୁ ଦେହୁରୀ, ସହ କୋଷାଧ୍ୟକ୍ଷ ନିର୍ମଳ କୁମାର ସାହୁ, ବିଦ୍ୟୁଲତା ସାହୁ, କାର୍ଯ୍ୟକାରୀ ସଦସ୍ୟ ଗାଙ୍ଗୁଲି କୁମାର ପଣ୍ଡା, ଅତସୀ ପ୍ରଧାନ, ବରୁଣଦେବ ସାହୁ, ଅଜୟ କୁମାର ବେହେରା ପ୍ରମୁଖ ନିର୍ବାଚିତ ହୋଇଥିଲେ। ଗାଙ୍ଗୁଲି କୁମାର ପଣ୍ଡା ଧନ୍ୟବାଦ ପ୍ରଦାନ କରିଥିଲେ ।

# ବ୍ଲକ୍‌ସ୍ତରୀୟ କୁଇଜ୍ ପ୍ରତିଯୋଗିତା

**ଗଁଦିଆ,୧୯।୧ (ବିଶ୍ୱ ମୋହନ ସାହୁ)**

ଢେଙ୍କାନାଳ ଜିଲା ଗଁଦିଆ ସଦର ମହକୁମାସ୍ଥିତ ସହଦେବ ବିଦ୍ୟାପୀଠରେ ସୋମବାର ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ତରଫରୁ ଏକ ବ୍ଲକ୍‌ସ୍ତରୀୟ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ତୃତୀୟରୁ ୫ମ ସବ୍ ଜୁନିୟର, ଷଷ୍ଠରୁ ଅଷ୍ଟମ ଜୁନିୟର ଗ୍ରୁପ୍ ଆଦିରେ ଛାତ୍ରୀଛାତ୍ରମାନେ ଭାଗ ନେଇଥିଲେ। ସମସ୍ତ ପ୍ରତିଯୋଗୀଙ୍କୁ ଅଂଶଗ୍ରହଣ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ଜୁନିୟର ଗ୍ରୁପ୍‌ରେ କାଲୁରିଆ ଉଚ୍ଚପ୍ରାଥମିକ ବିଦ୍ୟାଳୟର ସପ୍ତମ ଶ୍ରେଣୀ ଛାତ୍ର ଦିବ୍ୟଜ୍ୟୋତି ବେହେରା ପ୍ରଥମ, ପୁରୁଣାଅମାଙ୍ଗ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀର ବିଶ୍ୱଜିତ ଦାସ ଦ୍ୱିତୀୟ ଓ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଲାଉଲେଇ ଅଷ୍ଟମ ଶ୍ରେଣୀର ସୌମ୍ୟରଞ୍ଜନ ଧଳ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ସବ୍‌ଜୁନିୟର ଗ୍ରୁପ୍‌ରେ ଗଁଦିଆ ପ୍ରାଥମିକ ବିଦ୍ୟାଳୟର ପଞ୍ଚମ ଶ୍ରେଣୀ ଛାତ୍ରୀ ପାୟଲ ପ୍ରିୟଦର୍ଶନୀ ପ୍ରଥମ, ପୋରୁହଖୋଜ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୫ମ ଶ୍ରେଣୀର ଜ୍ୟୋତି ପ୍ରକାଶ ମଲ୍ଲିକ ଦ୍ୱିତୀୟ ଓ ଦିଗାମ୍ବରପୁର ପ୍ରାଥମିକ ବିଦ୍ୟାଳୟର ୫ମ ଶ୍ରେଣୀର ଛାତ୍ରୀ ଭାଗ୍ୟଲକ୍ଷ୍ମୀ ବେହେରା ତୃତୀୟ ସ୍ଥାନ ଅଧିକାର କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ମୁଖ୍ୟ ଅତିଥି ଭାବେ ମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ରତିକାନ୍ତ ସାହୁ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଗଁଦିଆ ଗୋଷ୍ଠୀ ଶିକ୍ଷା ଅଧିକାରୀ ମନୋଜ କୁମାର ଦଳେଇ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ସାର୍ଟିଫିକେଟ ପ୍ରଦାନ କରିଥିଲେ। ଗୋଷ୍ଠୀ ସାଧନକେନ୍ଦ୍ର ସଂଯୋଜକ ସୁବାସ ଚନ୍ଦ୍ର ସ୍ୱାଇଁ ପ୍ରତିଯୋଗିତାକୁ ପରିଚାଳନା କରିଥିବା ବେଳେ ଗଁଦିଆ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିଦ୍ୟାଧର ପରିଡ଼ା ଓ ସତ୍ୟେନ୍ଦ୍ର ସାହୁ ସହଯୋଗ କରିଥିଲେ।




କୁଇଜ୍ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

# ଇନ୍ସପେକ୍ଟରସ୍ତରରେ ଅଦଳବଦଳ

**ଅନୁଗୋଳ,୧୯।୧ (ଜ୍ୟୋତିରଞ୍ଜନ ସାହୁ)**

ଅନୁଗୋଳ ଏସ୍‌ପି ରାହୁଲ ଜୈନ ସୋମବାର ଜିଲାରେ ଇନ୍ସପେକ୍ଟରସ୍ତରରେ ଅଦଳବଦଳ କରିଛନ୍ତି। ଆଠମଲ୍ଲିକ ଥାନା ଅଧିକାରୀ ଇନ୍ସପେକ୍ଟର ପ୍ରକାଶ ମାଝୀଙ୍କୁ ଅନୁଗୋଳ ଟାଉନ ଥାନାକୁ ବଦଳି କରାଯାଇଛି। ଟାଉନ ଥାନା ଅଧିକାରୀ ଧିରେଶ କୁମାର ଦାସଙ୍କୁ ଆଠମଲ୍ଲିକ ଥାନାକୁ ବଦଳି କରାଯାଇଛି। କିଆକଟା ଥାନା ଅଧିକାରୀ ଇନ୍ସପେକ୍ଟର ଅନୁପ କୁମାର ତିର୍କୀଙ୍କୁ ଜିଲା ପୋଲିସ ମୁଖ୍ୟାଳୟକୁ ବଦଳି କରାଯାଇଥିବାବେଳେ, ଗୋପାଳପ୍ରସାଦ ଥାନା ଅଧିକାରୀ ଇନ୍ସପେକ୍ଟର ବାଲୁଙ୍କେଶ୍ୱର ନାଏକଙ୍କୁ କିଆକଟା ଥାନାର ନୂଆ ଅଧିକାରୀ ଭାବେ ଦାୟିତ୍ୱ ଦିଆଯାଇଛି। ଏହାସହ ସବ୍‌ଇନ୍ସପେକ୍ଟର ଗୋପୀନାଥ ଭାରତୀଙ୍କୁ ମଧ୍ୟ ଜିଲା ପୋଲିସ କାର୍ଯ୍ୟାଳୟକୁ ବଦଳି କରାଯାଇଛି।

# ସଂକୀର୍ତ୍ତନରେ ପ୍ରଧାନଶିକ୍ଷକଙ୍କୁ ଦିଆଗଲା ବିଦାୟ



ଗ୍ରାମବାସୀ ନାମ ସଂକୀର୍ତ୍ତନ ମାଧ୍ୟମରେ ପ୍ରଧାନଶିକ୍ଷକଙ୍କୁ ବିଦାୟ ଦେଉଛନ୍ତି।

**ବନ୍ତଲା,୧୯।୧ (ସୁଶିତ ସାହୁ)**

ଅନୁଗୋଳ ବ୍ଲକ କଞ୍ଚା ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟ ପରିସରରେ ଶୁକ୍ରବାର ପ୍ରଧାନ ଶିକ୍ଷକ ଗଣେଶ୍ୱର ପଣ୍ଡାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ଆୟୋଜିତ ଉତ୍ସବରେ ଅଭିଭାବକ, ଗାଁର ମହିଳା, ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ, ଶିକ୍ଷକ ଯୋଗଦେଇଥିଲେ। ଛାତ୍ରୀଛାତ୍ର ଧୂପ, ଦୀପ, ଫୁଲ, ଚନ୍ଦନ ଦେଇ ଗୁରୁପୂଜା କରିଥିଲେ। ଏଥିସହ ଫୁଲମାଳ, ଉତ୍ତରୀୟ ଓ ପଗଡ଼ି ଦେଇ ସମ୍ବର୍ଦ୍ଧିତ କରିଥିଲେ। ପରେ ଗ୍ରାମବାସୀ ନାମ ସଙ୍କୀର୍ତ୍ତନ, ହରିବୋଲ ହୁଳହୁଳିରେ ଗ୍ରାମ ପରିକ୍ରମା କରି ବିଦାୟ ଦେଇଥିଲେ। ପଣ୍ଡା ଉକ୍ତ ବିଦ୍ୟାଳୟରେ ୩ବର୍ଷ ଧରି ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟ କରି ଆସୁଥିଲେ। ତାଙ୍କ ନିଷ୍ଠାପର କାର୍ଯ୍ୟଦକ୍ଷତା, ଶିକ୍ଷକତା, ସୁନ୍ଦର ବ୍ୟବହାର, ସରଳ ବ୍ୟକ୍ତିତ୍ୱ ଗ୍ରାମବାସୀଙ୍କୁ ଖୁବ୍ କମ ଦିନରେ ନିଜର କରିପାରିଥିଲା।

# ଜାତୀୟ ସେବା ଯୋଜନା ଉଦ୍‌ଯାପିତ

**ଆଠମଲ୍ଲିକ,୧୯।୧ (ଉଦୀପ୍ତ ପୁରୋହିତ)**

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଠାକୁରଗଡ଼ସ୍ଥିତ ଷୋଳପଦା ଯୁକ୍ତ ୩ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ତରଫରୁ ୭ ଦିନ ଧରି ଚାଲିଥିବା ଶୀତକାଳୀନ ସତନ୍ତ୍ର ଶିବିର ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷା ପ୍ରତିମା ବାଘଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହରେ ମୁଖ୍ୟ ଅତିଥି ଭାବେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଏନ୍‌ଏସ୍‌ଏସ୍ ସଂଯୋଜକ ଡ. ବୀରେନ୍ଦ୍ର ବେହେରା, ଠାକୁରଗଡ଼ ଗ୍ରାମ ସଭାପତି ସନ୍ତୋଷ ସାହୁ, ସାମାଜିକ କର୍ମୀ ଶତ୍ରୁଘନ ସାହୁ ଓ ଅଙ୍ଗନୱାଡ଼ି ଶିକ୍ଷୟିତ୍ରୀ ରିନା ପୃଷ୍ଟି ଯୋଗ ଦେଇଥିଲେ। ଅଧ୍ୟାପକ ସରୋଜ କୁମାର ଦାସ, ସରୋଜ ରଞ୍ଜନ ପ୍ରଧାନ, ତରୁଣ କୁମାର ପ୍ରଧାନ, ସଞ୍ଜୟ କୁମାର ଜେନା, ସ୍ୱାଧୀନ ବେହେରା, ପ୍ରଜ୍ଞାରଞ୍ଜନ ସାହୁ ଓ ଅଧ୍ୟାପିକା ଡ. କଲ୍ୟାଣୀରୂପା ମିଶ୍ର, ଅନ୍ନପୂର୍ଣ୍ଣା ପ୍ରଧାନ, ପାୟଲ ପାତ୍ର, ଏନ୍‌ଏସ୍‌ଏସ୍‌ର କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଧ୍ୟାପକ ଟୁକୁନା ପ୍ରଧାନ ଯୋଗ ଦେଇଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରୁ ଶ୍ରେଷ୍ଠ ସ୍ୱେଚ୍ଛାସେବୀ ଭାବେ ସଟିଲ ବେହେରା ଓ ସମୀର ସାହୁଙ୍କୁ ପୁରସ୍କୃତ କରାଯିବା ସହ ଅନ୍ୟ ଛାତ୍ରୀଛାତ୍ରମାନଙ୍କୁ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା।

# ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ



**ବଅଁରପାଳ,୧୯।୧ (ସୁବାସ ସାହୁ)**

ଅନୁଗୋଳ ଜିଲା ବଅଁରପାଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ସୋମବାର ପାଳିତ ହୋଇଯାଇଛି। ସଭାପତି ସତ୍ୟବାନ ବରାହଙ୍କ ତତ୍ତ୍ୱାବଧାନରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ସମ୍ମାନିତ ଅତିଥି ଭାବେ ତହସିଲଦାର ସୁଶାନ୍ତ କୁମାର ମିଶ୍ର, ମୁଖ୍ୟବକ୍ତା ଭାବେ ସ୍ୱାମୀ ସଚ୍ଚିଦାନନ୍ଦ ସରସ୍ୱତୀ ମହାରାଜ ମଞ୍ଚାସୀନ ଥିଲେ। ସମ୍ପାଦକ ଅଖିଳ କୁମାର ମହାପାତ୍ର, କୋଷାଧ୍ୟକ୍ଷ ଅକ୍ଷୟ ସେନାପତି, ପ୍ରଧାନ ଆଚାର୍ଯ୍ୟ ଧର୍ମାନନ୍ଦ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଆଚାର୍ଯ୍ୟ ତନ୍ମୟ କୁମାର ନାଥ ମଞ୍ଚ ପରିଚାଳନା କରିଥିଲେ। ସମସ୍ତ ଗୁରୁମା ଗୁରୁଜୀ ଓ ଛାତ୍ରୀଛାତ୍ର ସହଯୋଗ କରିଥିଲେ। ବ୍ଲକ୍‌ସ୍ତରୀୟ ମେଧାବୃତ୍ତି ଓ ସମ୍ଭାଗ କ୍ରୀଡାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ପ୍ରକାଶ କୁମାର ସିଂହ, ସଞ୍ଜୟ କୁମାର ବିଷୋୟୀ, ଅଭିଭାବିକ ପ୍ରମୁଖ ଯୋଗଦାନ କରିଥିଲେ।

# ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚର ବୈଠକ

**ବଇଣ୍ଡା, ୧୯।୧ (ପରିକ୍ଷିତ ସାହୁ)**

ଅନୁଗୋଳ ଜିଲା ବଇଣ୍ଡା ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚର ଏକ ବୈଠକ ଗୁରୁବାର ବଇଣ୍ଡାଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସନାତନ ସାହୁ ସଭାପତିତ୍ୱ କରିଥିଲେ। ଏହି ବୈଠକରେ ଆଞ୍ଚଳିକ ମଞ୍ଚର ବିଭିନ୍ନ ସମସ୍ୟା ଓ ତାହାର ସମାଧାନ ନେଇ ଆଲୋଚନା କରାଯାଇଥିଲା। ଉକ୍ତ ମଞ୍ଚକୁ ଜିଲା ପ୍ରଶାସନ ଗୁରୁବାର ସ୍ୱୀକୃତି ଦେଇଥିବାରୁ ମଞ୍ଚ ପକ୍ଷରୁ କୃତଜ୍ଞତା ଜଣାଯାଇଥିଲା। ଆଗକୁ କିପରି ମଞ୍ଚ ପକ୍ଷରୁ ବିଭିନ୍ନ ସାମାଜିକ କାମ କରାଯିବ ଓ ସାଧାରଣତନ୍ତ୍ର ଦିବସ ପାଳନ ହେବ ସେ ନେଇ ଆଲୋଚନା କରାଯାଇଥିଲା। ଏଥିରେ ବିଚିତ୍ରାନନ୍ଦ ସାହୁ, ଅର୍ଜୁନ କୁମାର ସାହୁ, ଚିନ୍ତାମଣି ସାହୁ, ଶରତ ଚନ୍ଦ୍ର ସାହୁ, ସୁକାନ୍ତ ରଣା, ଚନ୍ଦ୍ରମଣି ପ୍ରଧାନ, ବସନ୍ତ ନାୟକ, ଶ୍ରୀଧର ବେହେରା, କୃପାସିନ୍ଧୁ ନାୟକ, ଅନାମ ଚରଣ ସାହୁ, ବୃନ୍ଦାବନ ପ୍ରଧାନ, କବିରାଜ ପ୍ରଧାନ, ସୁରେଶ ପ୍ରଧାନ, କିଶୋର ପଟ୍ଟନାୟକ, ରମେଶ ମିଶ୍ର, କୈଳାସ ପାତ୍ର, ସୁରଥ ନାୟକଙ୍କ ସମେତ ଅନେକ ସଦସ୍ୟ ଉପସ୍ଥିତ ଥିଲେ।

# ମନ୍ଦିର ଉପରୁ ପଡ଼ି ଯୁବକ ମୃତ

**ଖମାର,୧୯।୧ (ରଜନୀକାନ୍ତ ମହାରଣା):** ଅନୁଗୋଳ ଜିଲା ପାଲଲହଡ଼ା ଉପଖଣ୍ଡ ଖମାର ଥାନା ରଜଡଙ୍ଗ ମନ୍ଦିର ଉପରୁ ପଡ଼ି ସୋମବାର ସୁରେଶ ଦେହୁରୀଙ୍କ ମୃତ୍ୟୁ ହୋଇଛି। ସୁରେଶ ମହୁଫେଣା ଭାଙ୍ଗିବାକୁ ଯାଇଥିବା ବେଳେ ଖସିପଡ଼ିଥିବା ସ୍ତ୍ରୀ ମୀନା ଦେହୁରୀ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ବୁଲାଖାର ଗାଁର ସୁରେଶ ଦୀର୍ଘଦିନ ହେବ କୁଞ୍ଜାମ ଗ୍ରାମରେ ଘରଜ୍ୱାଇଁ ଭାବେ ରହି ଆସୁଥିଲେ। ସେ ମୂଲ ଲାଗି ଗୁଜୁରାଣ ମେଣ୍ଟାଉଥିଲେ। ସମ୍ପର୍କୀୟ ସଢୁ ମଙ୍ଗଳୁ ବାଙ୍କିରାଙ୍କ ସହ ସେ ଶିବ ମନ୍ଦିର ଉପରେ ଥିବା ଏକ ମହୁ ଫେଣା ଭାଙ୍ଗିବା ପାଇଁ ଯାଇଥିଲେ। କିନ୍ତୁ ଗୋଡ଼ ଖସିଯିବାରୁ ସେ ତଳେ ପଡ଼ି ଯାଇଥିଲେ। ତାଙ୍କୁ ୧୦୮ ଆମ୍ବୁଲାନ୍ସରେ ମେଡିକାଲ ନିଆଯାଇଥିଲେ ହେଁ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ନେଇ ଅଭିଯୋଗ ପାଇବା ପରେ ଖମାର ପୋଲିସ ମୃତଦେହ ଜବତ କରିତଦନ୍ତ ଚଳାଇଛି। ଖମାର ଥାନାରେ ନଂ. ୧/୨୦୨୬ରେ ଏକ ମାମଲା ରୁଜୁ କରାଯାଇଥିବା ଥାନା ଅଧିକାରୀ ଅରୁଣ କୁମାର ପଣ୍ଡା ସୂଚନା ଦେଇଛନ୍ତି।

**ନିରୁଦ୍ଦିଷ୍ଟ**

ପ୍ରାଚୀ ରିସୋର୍ଟସ ପ୍ରାଇଭେଟ୍ ଲିମିଟେଡ୍, ୬, ଜନପଥ, ଭୁବନେଶ୍ୱର ସର୍ବସାଧାରଣଙ୍କ ଅବଗତି ପାଇଁ ଜଣାଉଛି ଯେ ଆମର ନିମ୍ନଲିଖିତ ଜମିର ମୂଳ କବଲା ଉଇ ସମ୍ପୂର୍ଣ୍ଣ ରୂପେ ନଷ୍ଟ କରିଦେଇଛି। କବଲା ସଂଖ୍ୟା–୪୯୨୯ ଏବଂ ୪୯୩୦, ତା–୨୭/୦୫/୧୯୭୨, ପ୍ଲଟ୍ ନଂ– ୬, ୭, ୧୮ ଏବଂ ୧୯, ରାଜସ୍ୱ ପ୍ଲଟ୍ ନଂ – ୩୮୦, ଖାତା ନଂ – ୨୯୮, କ୍ଷେତ୍ର – ୨.୩୩ ଏକର, ମୌଜା – ଖାରବେଳ ନଗର, ଭୁବନେଶ୍ୱର।

# ଢେଙ୍କାନାଳ ଜିଲାରେ ପକ୍ଷୀ ଗଣନା ଶେଷ

**ଢେଙ୍କାନାଳ,୧୯।୧ (ରତନ ନାୟାର)**

ଢେଙ୍କାନାଳ ଜିଲାରେ ପକ୍ଷୀ ଗଣନା ଶେଷ ହୋଇଛି। ଚଳିତବର୍ଷ ଜିଲାରେ ୫୨ ପ୍ରଜାତିର ମୋଟ ୨୫୧୮ ପକ୍ଷୀଙ୍କ ସମାଗମ ହୋଇଥିଲା। ତନ୍ମଧ୍ୟରେ ୧୧୧୩ ରୁଡ଼ି ସେଲଡ଼କ, ୮୨୯ ଲେଜର ୱିସିଲିଙ୍ଗ ଡକ, ୧୦୬ ଅନ୍ୟ ପ୍ରଜାତିର ପକ୍ଷୀଙ୍କୁ ଦେଖିବାକୁ ମିଳିଥିଲା। କେତେକ ସ୍ଥାନରେ ଇଣ୍ଡିଆନ ରିଭର ଟେମ୍, ଓ ସ୍ପେ, ରିଭର ଲାପୱିଙ୍ଗ ଭଳି ପକ୍ଷୀ ଦେଖିବାକୁ ମିଳିଥିଲା। ଘନ କୁହୁଡ଼ି ମଧ୍ୟରେ ପକ୍ଷୀ ଗଣନା ହୋଇଥିଲା। ଜିଲାର ବ୍ରାହ୍ମଣୀ ନଦୀ, ସାପୁଆ ଜଳଭଣ୍ଡାର, ଦଣ୍ଡାଧର ଡ୍ୟାମ ଓ ହରିପୁର ଡ୍ୟାମ ଆଦିରେ ମଧ୍ୟ ପକ୍ଷୀ ଗଣନା ହୋଇଥିଲା ବୋଲି ସୋମବାର ଜିଲା ବନଖଣ୍ଡ ଅଧିକାରୀ ସୁମିତ କୁମାର କର ଜଣାଇଛନ୍ତି।

**TENDER**
**EXTERIOR AND INTERIOR PAINTING.**

The "Z1RWA for their 'Adavit Complex', Bhubaneswar 751024" invites application from Reputed "Paint Manufcturers only" who are engaged in "Turn Key Painting job" to express their EOI (Expression Of Interest) to Paint both the "Exterior and Interior" walls of the complex comprising of apx "13,00,000 ( Thirteen Lakh) Sq ft area."
For more details, PROCEDURES and Avalabilty of Tender Papers, please connect with: Help Desk Z1-"**helpdesk@z1rwa.com** OR **+91 81051 30275**" within seven days from the date of publishing this notice .
**ESTATE MANAGER**

**OFFICE OF THE SUPERINTENDING ENGINEER, ELECTRICAL CIRCLE (R&B) NIRMAN SOUDHA, BHUBANESWAR**
E-mail : seec.bbsr2010@gmail.com
**Bid Identification No.S.E.E.C (R&B) 27/2025-26**
**No : 55/Date 06.01.2026/**

**No.B-953** : The Superintending Engineer, Electrical Circle (R&B) Odisha, Bhubaneswar on behalf of the Governor of Odisha invites percentage rate bids for E.I. works which are to be received through online bidding, double cover system as detailed in :https://tendersorissa.gov.in. The details of bid documents will be available in the above website from dt.22.01.2026 at 05.00 P.M. to dt.07.02.2026 up to 05.00 P.M. The bidders must possess compatible Digital Signature Certificate of Class II or III. Bids received online shall be opened dt.09.02.2026 at 11.30 A.M. in the Office of the Superintending Engineer, Electrical Circle (R&B) Odisha, Bhubaneswar. Further details can be seen from the e-procurement portal www.tendersorissa.gov.in.
Addendum / Corrigendum, if required, will be available only in the Website.
OIPR-
**Sd./- Superintending Engineer**
**Electrical Circle (R&B), Odisha, BBSR**

**Government of Odisha** No.O-2086
**Office of the Superintending Engineer**
**Rural Works Division-I, Nabarangpur**
e-mail - eerwngp@rediffmail.com
**Letter No. : 317** **Date : 16.01.2026**
**e-Procurement Notice**
Name of the work : Road Works, Total No. of works : 20 (Twenty) No's., Approx. Estimated Cost : Rs. 5.08 lakhs to Rs. 31.78 lakhs, Class of Contractor : "B", "C" & "D" Class Contractor, Period of completion : 1 (One) Calendar Month

| Procurement Officer | Bid Identification No. | No. of Works | Availability of tender online for bidding | | Date & Time of Opening of Tender | |
|---|---|---|---|---|---|---|
| | | | From | To | Technical | Financial |
| 1 | 2 | 3 | 4 | 5 | 6 | 7 |
| Rural Works Division-I, Nabarangpur | EERWNGP - Online-11/2025-26 | 20 (Twenty) No's | 22.01.2026 at 10.00 A.M. | 30.01.2026 up to 03.00 P.M. | 31.01.2026 at 11.00 A.M. | |

For details can be seen from the Government website www.tendersorissa.gov.in.
**Sd./- Executive Engineer**
OIPR- **Rural Works Division-I, Nabarangpur**

**GOVT. OF ODISHA** No.O-2058
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE : KEONJHAR**
email : se_nerwkjr@rediffmail.com
**eProcurement Notice for Road Works**
**Bid Identification No. NCB-39 / RWCKJR / 2025-26**
**No. 237 / Date : 15.01.2026**
1. Name of the Work : **S/R to roads in the District of Keonjhar for the year 2025-26.** 2. No. of Work : **02 (Two) Nos.** 3. Estimated Cost : As per Annexure in NIT. 4. Class of Contractor (Eligible) : As per Annexure in NIT. 5. Period of Completion : As per Annexure in NIT. 6. Other details :

| Procurement Officer | Bid Identification No. | Availability of Tender On-line for Bidding | | Last Date & Time of seeking Tender Clarification | Date & Time of Opening of Tender in O/o C.C.E., R.W. Circle, Keonjhar | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Keonjhar | NCB-39 / RWCKJR / 2025-26 | Dt.22.01.26 at 11.00 A.M. | Dt.05.02.26 up to 5.00 P.M. | Dt.04.02.26 up to 5.00 P.M. | Dt.06.02.26 at 11.00 A.M. | Will be intimated later |


• **Further details can be seen from the website : www.tendersorissa.gov.in**
**Sd./- Chief Construction Engineer**
OIPR- **R.W. Circle, Keonjhar**

**DISTRICT PROJECT OFFICE**
**SAMAGRA SHIKSHA, SUNDARGARH, ODISHA**
**In front of B.S. High School, At/PO/Dist - Sundargarh, PIN - 770001**
**Email - dpcsndgssa.opepa@nic.in** **Phone No. - 06622-273718**
**Letter No.162/PDG/Date : 19.01.2026**
**NOTICE INVITING TENDER (NIT)**
Sealed tenders are invited from the reputed & credible printers/firms/agencies for printing & supply of "Question cum Answer Sheet, Answer key & Oral questions" for SA-II 2025-26 for Class-I to IV & CI-VI & VII and Annual examination of V & VIII for General Students MLE students, Hindi/Urdu (Persian) medium students for the year 2025-26 of all Govt. & Govt. Aided Schools of Sundargarh district in two systems (Technical & Financial Bid) through Speed Post/Registered Post/Courier only as detailed below.

| Name of Tender | Bid processing fees | Amount of EMD | Last Date & time of receipt of Bid | Date & Time of opening of Technical Bid |
|---|---|---|---|---|
| Printing & Supply of Question cum Answer Sheet for SA-II 2025-26 for Class-I to IV & VI & VII Annual Examination of V & VIII Students | Rs.2000/- | Rs.55000/- | 29.01.2026 (Upto 5.00 P.M.) | 30.01.2026 at 11.00 A.M. |

The detailed BID document is available in the website www.sundargarh.odisha.gov.in & www.osepa.odisha.gov.in. Intersted and eligible agency/firm may download BID DOCUMENT from the above website and apply accordingly. Corrigendum/addendum, if required will be uploaded in the above website. Hence potential bidders are requested to be in continuous touch with the above website.
The Tender Inviting Authority (TIA) reserves the right to accept/reject any full or part/all BID/cancel the entire selection process at any stage without assigning any reason thereof.
By the Order of Collector-cum-Chairperson, Sundargarh
**Sd./-DEO-cum-DPC, SS Sundargarh**

**वरीय पुलिस अधीक्षक का कार्यालय, राँची**
**सर्वसाधारण के लिए सूचना**



नाम–सुभम कुमार पाण्डे, उम्र–26 वर्ष, उँचाई–5 फीट, 6 ईंच, रंग–सॉवला, पहनावा–कथा रंग का फुल शर्ट एवं काला रंग का पैंट पहने हुए है।
उपरोक्त लापता व्यक्ति सुभम कुमार पाण्डे, उम्र–26 वर्ष, पिता–सुलखन लोहरा, सा0–मण्डाटाड मोराबादी, बरियातु, जिला–राँची जो दिनांक–24.12.2025 को अपने घर से बगैर बताए कहीं चले गए जो आजतक अपने घर वापस नहीं आए है। जिसके संबंध में बरियातु थाना सनहा संख्या–21/2025, दिनांक–24.12.2025 दर्ज कर इनकी खोजबीन की जा रही है। उपरोक्त सूचना को सार्वजनिक किया जाना आवश्यक है।
अतः सभी जनसाधारण से अनुरोध है कि यदि उपरोक्त लापता व्यक्ति कहीं मिलता/दिखता है तो इसके संबंध में वरीय पुलिस अधीक्षक के कार्यालय में या निम्नांकित फोन नम्बर पर संपर्क कर इसकी सूचना दें। **Email ID(rnc-dcb@jhpolice.gov.in)**
पुलिस उपाधीक्षक, सदर, राँची। –9431102090
थाना प्रभारी, बरियातु, राँची। –9431706170
वरीय पुलिस अधीक्षक, राँची
**PR 371052 Police(25-26)#D**

**वरीय पुलिस अधीक्षक का कार्यालय, राँची**
**सर्वसाधारण के लिए सूचना**



नाम–सरस्वती लोहार, उम्र–19 वर्ष, उँचाई–5 फीट, 2 ईंच, रंग–सॉवला, पहनावा–बैंगनी रंग का सूट, भूरा रंग का पायजामा एवं भूरा रंग का स्वेटर पहनी हुई है।
उपरोक्त लापता महिला सरस्वती लोहार, पिता–विजय लोहार, वर्तमान पता–चन्दवे, थाना–पिठौरिया, जिला–राँची, स्थाई पता–हेसला करमाडीह, थाना–झालदा, जिला–पुरुलिया (पं0बंगाल) जो दिनांक–05.01.2025 को घर से बगैर बताए कहीं चली जो आजतक अपने घर वापस नहीं आई है। जिसके संबंध में पिठौरिया थाना सनहा संख्या–27/2026, दिनांक–07.01.2026 दर्ज कर इनकी खोजबीन की जा रही है। उपरोक्त सूचना को सार्वजनिक किया जाना आवश्यक है।
अतः सभी जनसाधारण से अनुरोध है कि यदि उपरोक्त लापता महिला कहीं मिलती/दिखती है तो इसके संबंध में वरीय पुलिस अधीक्षक के कार्यालय में या निम्नांकित फोन नम्बर पर संपर्क कर इसकी सूचना दें।
**Email ID(rnc-dcb@jhpolice.gov.in)**
पुलिस उपाधीक्षक, मु0, प्रथम, राँची। –9431742777
थाना प्रभारी, पिठौरिया, राँची। –9431706157
वरीय पुलिस अधीक्षक, राँची
**PR 371060 Police(25-26)#D**

# ଜିଲାପାଳଙ୍କ ଶୁଣାଣି ଶିବିରରେ ୬୬ ଅଭିଯୋଗ



ଓଡ଼ାପଡ଼ା,୧୯।୧(ରଞ୍ଜିତ୍ ନାୟକ)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ କାର୍ଯ୍ୟାଳୟ ଠାରେ ସୋମବାର ଜିଲାପାଳଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୬୬ଟି ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ୪୮ଟି ବ୍ୟକ୍ତିଗତ ସମସ୍ୟା ୧୪ଟି ବିଭିନ୍ନ ଗ୍ରାମ୍ୟ ସମସ୍ୟା, ୨ଟି ମୁଖ୍ୟମନ୍ତ୍ରୀଙ୍କ ସହାୟତା ପାଇଁ ହୋଇଥିବାବେଳେ ୨ଟି ରେଡ୍‌କ୍ରସ ସହାୟତା ପାଇବା ପାଇଁ ଦରଖାସ୍ତ ଆସିଥିଲା। ସେଥିମଧ୍ୟରୁ ୮ଟିର ସମାଧାନ କରାଯାଇଥିଲା। ୩୫ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଥିଲା। ଶିବିରରେ ନୟାଭାଗୀରଥିପୁର ପଞ୍ଚାୟତ ସରପଞ୍ଚ ଜତି ନାଏକଙ୍କ ସହିତ ଧଳପୁର ଗ୍ରାମର ବ୍ୟକ୍ତି ଅଭିଯୋଗ କରିଥିଲେ। ସେମାନଙ୍କ ଅଭିଯୋଗ ଅନୁଯାୟୀ, ରୁଙ୍ଗଟା ମାଇନ୍ସ କାରଖାନା ପକ୍ଷରୁ ତାଙ୍କ ଗ୍ରାମ ନିକଟରେ ପ୍ରସ୍ତାବିତ କୋଇଲା ଡିପୋକୁ ବନ୍ଦ କରିବା ପାଇଁ ଦାବି ରଖାଯାଇଥିଲା। ଶିବିରରେ ଅତିରିକ୍ତ ଜିଲାପାଳ ରମେଶ ଚନ୍ଦ୍ର ସେଠୀ, ଜିଲା ଆରକ୍ଷୀ ଅଧୀକ୍ଷକ ଅଭିନବ ସୋନକର, ଓଡ଼ାପଡ଼ା ବ୍ଲକ ଅଧ୍ୟକ୍ଷା ସସ୍ମିତା ମହାନ୍ତି, ଉପାଧ୍ୟକ୍ଷ ଅମିତାଭ ସ୍ୱାଇଁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିଲୀପ କୁମାର ଷଡଙ୍ଗୀ, ତହସିଲଦାର ମନୋଜ କୁମାର ମାଝୀ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ଅନନ୍ତ କୁମାର ରାଉଳଙ୍କ ସହ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ଅଭିଯୋଗ ଶୁଣିଥିଲେ।

## ବୈଧ ଖଣି, କ୍ରଶର ୟୁନିଟ୍‌ରୁ ସିଲ୍ ଖୋଲାଯାଉ

ଓଡ଼ାପଡ଼ା ବ୍ଲକ ଅନ୍ତର୍ଗତ ବିଭିନ୍ନ ଅଞ୍ଚଳରେ ଥିବା ପଥର ଖଣି ଓ କ୍ରସର ୟୁନିଟ୍ ପ୍ରଶାସନ ପକ୍ଷରୁ ବନ୍ଦ କରାଯିବା ଯୋଗୁ ବହୁ ହଜାର ଶ୍ରମିକ ଜୀବିକା ହରାଇବା ସହ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟବନ୍ଦ ହୋଇଯାଇଥିବା ନେଇ ବ୍ଲକ ଅଞ୍ଚଳର କେତେଜଣ ଜନ ପ୍ରତିନିଧି ଜିଲା ପ୍ରଶାସନ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ସେମାନେ ଅଭିଯୋଗ କରିଛନ୍ତି, ଗତ ଡିସେମ୍ବର ୩ରେ ମୋଟଙ୍ଗା ଥାନା ଗୋପାଳପୁର ପଥରଖଣିରେ ବିସ୍ଫୋରଣ ଘଟି ୨ ଶ୍ରମିକଙ୍କ ମୃତ୍ୟୁ ଘଟଣା ପରେ ପ୍ରଶାସନ ପକ୍ଷରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ଫଳରେ ସେଠାରେ ନିୟୋଜିତ ଶ୍ରମିକ କାମଧନ୍ଦା ନ ପାଇ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବହୁ ଶହ ଗାଡ଼ି ମୋଟର ବନ୍ଦ ଅଛି। ଉକ୍ତ ଗାଡ଼ି ଚଳାଚଳ କରୁଥିବା ଡ୍ରାଇଭରମାନେ ମଧ୍ୟ ହାତ ବାନ୍ଧି ବସିଛନ୍ତି। ତେଣୁ ଜିଲାପାଳଙ୍କ ଜନ ଶୁଣାଣି ଶିବିରରେ ଓଡ଼ାପଡ଼ା ଡ୍ରାଇଭର ସଂଘ ପକ୍ଷରୁ ଏକ ଲିଖିତ ଅଭିଯୋଗ କରାଯାଇଛି। ଯେଉଁ ଖଣି ଓ କ୍ରଶର ୟୁନିଟ୍‌ର ପ୍ରମାଣ ପତ୍ର ଅଛି ସେଗୁଡିକ ଚାଲୁ କରିବା ପାଇଁ ଜନପ୍ରତିନିଧି ଦାବି କରିଛନ୍ତି।

# ପରିବହନ ବେଳେ ଘୋଡ଼ାଯାଉନି ପାଲ



ସନ୍ତ୍ରୀଛକ,୧୯।୧(ସନ୍ତୋଷ ପରିଡ଼ା)

ଜିଲାରେ ପରିବେଶ ପ୍ରଦୂଷଣ ରୋକିବାକୁ କଡ଼ା ନିର୍ଦ୍ଦେଶ ଜିଲାପାଳଙ୍କ ପକ୍ଷରୁ ଦିଆଯାଇଥିବା ବେଳେ ତାହା ଠିକ୍ ଭାବେ କାର୍ଯ୍ୟକାରୀ ହେଉ ନ ଥିବା ସାଧାରଣରେ ଅଭିଯୋଗ ହେଉଛି। ବଅଁରପାଳ ଦେଇ ଯାଇଥିବା କଟକ–ସମ୍ବଲପୁର ୫୫ନମ୍ବର ଜାତୀୟ ରାଜପଥରେ ବିଭିନ୍ନ କଳ କାରଖାନାରୁ କୋଇଲା, ପାଉଁଶ ଓ ବିଭିନ୍ନ ବର୍ଜ୍ୟବସ୍ତୁ ପରିବହନ କରାଯାଉଥିବା ବେଳେ ପାଲ ଘୋଡାଯାଉ ନ ଥିବା ଦେଖିବାକୁ ମିଳୁଛି। ଫଳରେ ସେହି ରାସ୍ତାଦେଇ ଯାଉଥିବା ଟ୍ରକ୍‌ରୁ କୋଇଲା ଗୁଣ୍ଡ ଓ ପାଉଁଶ ଉଡ଼ି ପଥଚାରୀଙ୍କ ଆଖିରେ ପଡ଼ିବାରୁ ସେମାନେ ଦୁର୍ଘଟଣାର ଶିକାର ହେଉଛନ୍ତି। ପାଲ ଭିଡ଼ାରେ କୋଇଲା, ପାଉଁଶ ଆଦି ପରିବନ ହେଲେ ଜିଲା ପ୍ରଶାସନ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ପଞ୍ଚାଗଡ ଅଞ୍ଚଳର ବରିଷ୍ଠ ଆଇନଜୀବୀ ଭାସ୍କର ଚନ୍ଦ୍ର ବେହେରା, ଆଇନଜୀବୀ କାଳୀ ଚରଣ କର, ଗତିକୃଷ୍ଣ ସିଂହ, ରମେଶ ବେହେରା, ପିଣ୍ଟୁ ଭୂତିଆ, ପ୍ରତାପଚନ୍ଦ୍ର ସାହୁ, ସାମାଜିକ କର୍ମୀ ଦିବ୍ୟରଞ୍ଜନ ସାମଲ ପ୍ରମୁଖ ଦାବି କରିଛନ୍ତି।

## ତଣ୍ଟିକାଟି ଯୁବକଙ୍କ ଆତ୍ମହତ୍ୟା

କାମାକ୍ଷାନଗର,୧୯।୧( ସୁଧୀର କୁମାର ପରିଡା)

ଢେଙ୍କାନାଳ ଜିଲା କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟରେ ଜଣେ ରୋଗୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ କେନ୍ଦୁଝର ଜିଲା ତେଲକୋଇ ଥାନା ନୂଆଗାଁ ଗ୍ରାମର କେଶବ ଦେହୁରୀ। ସେ ସୋମବାର ଏକ ବ୍ଲେଡରେ ନିଜ ତଣ୍ଟିକାଟି ଦେଇଥିଲେ। ତାଙ୍କୁ ପରିବାର ଲୋକେ କରି ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। କାମାକ୍ଷାନଗର ଏସ୍‌ଡିପିଓ ରଜନୀକାନ୍ତ ସାମଲ ମୃତଦେହ ବ୍ୟବଚ୍ଛେଦ ବ୍ୟବସ୍ଥା କରିବା ସହ ତେଲକୋଇ ଥାନାକୁ ତଦନ୍ତ ପାଇଁ ଖବର ଦେଇଥିଲେ।






# ଆଜିଠାରୁ ଢେଙ୍କାନାଳ ଜିଲା ମହୋତ୍ସବ

ଢେଙ୍କାନାଳ,୧୯।୧(ରତନ ନାୟାର)

ଲୋକକଳା ଓ ଲୋକ ସଂସ୍କୃତିର ମହାନ କ୍ଷେତ୍ର ହେଉଛି ଢେଙ୍କାନାଳ ଜିଲା । କଳା, ସଂସ୍କୃତି ଓ ଐତିହ୍ୟ ପାଇଁ ଏହି ଜିଲା ବେଶ୍ ପରିଚିତ। ଲୋକ କଳାର ବିକାଶ ଓ ଜିଲାର ଗୌରବକ୍ଷୋଳ ଅଧ୍ୟାୟକୁ ଉଜ୍ଜୀବିତ କରିବା ପାଇଁ ଦୀର୍ଘବର୍ଷ ପରେ ମଙ୍ଗଳବାର ଠାରୁ ୫ଦିନ ବ୍ୟାପୀ ଅନୁଷ୍ଠିତ ହେବାକୁ ଯାଉଛି ଢେଙ୍କାନାଳ ମହୋତ୍ସବ। ଜିଲା ସଂସ୍କୃତି ପରିଷଦ ଓ ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଢେଙ୍କାନାଳ ମହିଷାପାଟସ୍ଥିତ ପଲ୍ଲିଶ୍ରୀ ମେଳା ପଡ଼ିଆରେ ଏହି ଉତ୍ସବ ଆୟୋଜନ ହେଉଛି। ଏଥିପାଇଁ ସମସ୍ତ ପ୍ରସ୍ତୁତି ବୃତ୍ତାନ୍ତ ହୋଇଛି। ଜିଲାର ଲୋକକଳା ସହ ରାଜ୍ୟ ତଥା ରାଜ୍ୟ ବାହାର କଳାକାରଙ୍କ ସମାବେଶ ହେବ। ଏହି ଉପଲକ୍ଷେ ଆୟୋଜିତ ପଲ୍ଲିଶ୍ରୀ ମେଳାରେ ୩୦୦ଟି ଷ୍ଟଲ୍ କରାଯାଇ ରାଜ୍ୟ ତଥା ରାଜ୍ୟ ବାହାରର ସାମଗ୍ରୀ ଓ ଖାଦ୍ୟ ପ୍ରଦର୍ଶିତ ହେବ। ମହୋତ୍ସବର ଉଦ୍‌ଘାଟନ ଉତ୍ସବ ସନ୍ଧ୍ୟା ୬ଟାରେ ଅନୁଷ୍ଠିତ ହେବ। ରାଜ୍ୟ ସରକାରଙ୍କ ପୂର୍ତ୍ତ, ଆଇନ ଓ ଅବକାରୀ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଓ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ସମେତ ଏମ୍‌ପି ରୁଦ୍ର ନାରାୟଣ ପାଣି, ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ ଓ କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା ଏବଂ ଜିଲାପାଳ ତଥା ଜିଲା ସଂସ୍କୃତି ପରିଷଦ ଅଧ୍ୟକ୍ଷା ଆଶିଷ ଈଶ୍ୱର ପାଟିଲ ଯୋଗଦେବେ। ସନ୍ଧ୍ୟା ୭ଟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ। ଉଦ୍‌ଘାଟନୀ ଦିବସରେ ଜିଲାର ଲୋକକଳା ସହିତ ରାୟଗଡା ଜିଲାର ଢେମ୍‌ସା ନୃତ୍ୟ ଓ ବିଶିଷ୍ଟ କଣ୍ଠଶିଳ୍ପୀ ଇରା ମହାନ୍ତି ସଙ୍ଗୀତ ପରିବେଷଣ କରିବେ।

# ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ




ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପନୀ ଅବସରରେ ପୁରସ୍କାର ପ୍ରଦାନ କରାଯାଉଛି।


ଢେଙ୍କାନାଳ,୧୯।୧(ରତନ ନାୟାର)

ଢେଙ୍କାନାଳ ସଦର ବ୍ଲକ ତାଳବରକୋଟସ୍ଥିତ ଢେଙ୍କାନାଳ ଏକାଡେମୀ ଅଫ୍ ମେଡିକାଲ ସାଇନ୍ସର ବାର୍ଷିକ କ୍ରୀଡ଼ା ଉତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ପ୍ରତିଷ୍ଠାତା ଡ. ରଜନୀକାନ୍ତ ତରାଇ ଅଧ୍ୟକ୍ଷତା କରିଥିବାବେଳେ ମୁଖ୍ୟ ଅତିଥି ଭାବେ ଜାତୀୟ କ୍ରୀଡ଼ାବିତ୍ ମଧୁସ୍ମିତା ରଥ, ସମ୍ମାନିତ ଅତିଥି ଭାବେ ବାସନ୍ତୀ ପାଣିଗ୍ରାହୀ ଓ ପ୍ରତିଷ୍ଠାତା ସଦସ୍ୟ ତଥା ପୂର୍ବତନ ଓଡ଼ିଶା ସମବାୟ ବ୍ୟାଙ୍କ ସଭାପତି ଅକ୍ଷୟ ମହାନ୍ତି, ସପ୍ତଶଯ୍ୟା ସରପଞ୍ଚ ଅଭିମନ୍ୟୁ ବେହେରା ଓ ସମିତିସଭ୍ୟ ଲକ୍ଷ୍ମଣ ଟୁଡୁ, ସହଯୋଗୀ ସଦସ୍ୟ ରଞ୍ଜନ ବାଘ, ମାଣିପୁର ପୂର୍ବତନ ସରପଞ୍ଚ ପ୍ରକାଶ ଚନ୍ଦ୍ର ମଲ୍ଲିକ, ଶଙ୍କରପୁର ସରପଞ୍ଚ ରମେଶ ରାଉତ ପ୍ରମୁଖ ଉପସ୍ଥିତ ରହି କ୍ରୀଡାବିତ୍‌ମାନଙ୍କୁ ଉତ୍ସାହିତ କରିବା ସହିତ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ଅଧ୍ୟକ୍ଷା ମଧୁସ୍ମିତା ମଣ୍ଡଳ ଓ ଅଧ୍ୟାପିକା ପୁଷ୍ପା ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସୌମ୍ୟ ରଞ୍ଜନ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

# ଛାତ୍ରୀଙ୍କୁ କମେଣ୍ଟ ମାରି ୨ଗିରଫ

ଛେଣ୍ଡିପଦା,୧୯।୧(ଅଜିତ୍ ଧଳ)

ଛେଣ୍ଡିପଦା ଥାନା ଅଞ୍ଚଳର ଜଣେ ଛାତ୍ରୀଙ୍କୁ କମେଣ୍ଟ ମାରିବା ଅଭିଯୋଗରେ ପୋଲିସ ୨ଜଣଙ୍କୁ ଗିରଫ କରିଛି। ଗିରଫ ଯୁବକ ହେଲେ ଅନ୍ଧାରୀକଟା ଗାଁର ମନୋଜ ବାରିକ ଓ କଣିହାଁ ଥାନା କାକୁଡ଼ିଆ ଗାଁର ନିର୍ମଳ ବାରିକ। ସୂଚନା ଅନୁଯାୟୀ, ସମ୍ପୃକ୍ତା ଛାତ୍ରୀ କଲେଜରୁ ଫେରୁଥିବାବେଳେ ଅଭିଯୁକ୍ତ ୨ଜଣ କମେଣ୍ଟ କରିଥିଲେ। ଏ ନେଇ ଥାନାରେ ଅଭିଯୋଗ ପରେ ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ସେମାନଙ୍କ ବାଇକ୍ ଜବତ କରିଛି।



## ସର୍ଦ୍ଦାର ପଟେଲଙ୍କ ଜନ୍ମବାର୍ଷିକୀ


ଓଡ଼ାପଡ଼ା,୧୯।୧(ରଞ୍ଜିତ୍ ନାୟକ)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକଠାରେ ଗତ ୧୩ ତାରିଖରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜନ୍ମ ଶତବାର୍ଷିକୀ ଉତ୍ସବ ପାଳନ ଅବସରରେ ବ୍ଲକସ୍ତରୀୟ ଏକତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ହିନ୍ଦୋଳ ରୋଡ୍‌ସ୍ଥିତ ରାମମନ୍ଦିରଠାରୁ ଏକ ପଦଯାତ୍ରା ଆରମ୍ଭ ହୋଇ ବ୍ଲକ କାର୍ଯ୍ୟାଳୟଠାରେ ପହଞ୍ଚିଥିଲା। ଏଥିପାଇଁ ବ୍ଲକ ପରିସରରେ କବାଡି ଓ କୁସ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଓଡ଼ାପଡ଼ା ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିଲୀପ କୁମାର ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭାଜପା ନେତା ତପନ କୁମାର ମହାପାତ୍ର, ସହଦେବ ପୃଷ୍ଟି, ପ୍ରଦୀପ ପଟ୍ଟନାୟକ, ସମରଜିତ୍ ପଟ୍ଟନାୟକ, ସହକାରୀ ଯନ୍ତ୍ରୀ ସୁଶାନ୍ତ କୁମାର ପାଢ଼ୀଙ୍କ ସହିତ ବ୍ଲକର ସମସ୍ତ କର୍ମଚାରୀ ଓ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ। ଏଥିରେ କୃତୀ ପ୍ରତିଯୋଗିଙ୍କୁ ପୁରସ୍କୃତ କରାଯାଇଥିଲା।

## ଚୋରା କୋଇଲା ଜବତ, ୨ ଗିରଫ

ପବିତ୍ରନଗର,୧୯।୧(ନିରୋଜ ପ୍ରଧାନ)

କଣିହାଁ ବ୍ଲକ ଏନ୍‌ଟିପିସି ଟାଉନ ପୋଲିସ ଏକ ଚୋରା କୋଇଲା ବୋଝେଇ ଟ୍ରକ ଜବତ କରିବା ସହ ଢେଙ୍କାନାଳ ଜିଲା ନାଧରା ଅଞ୍ଚଳର ବିଘ୍ନେଶ୍ୱର ଭୂୟାଁ ଓ ଅନୁଗୋଳ ଜିଲା ଜରପଡା ଥାନା କୁଶକିଳା ଗ୍ରାମର ସତ୍ୟବ୍ରତ ସାହୁ (୨୯)ଙ୍କୁ ଗିରଫ କରିଛି। ତଦନ୍ତ ବେଳେ କାଗଜ ପତ୍ର ଠିକ୍ ନ ଥିବାରୁ ପୋଲିସ ଗାଡ଼ି ଜବତ କରିଥିଲା।

**କାବୁଲ୍‌ରେ ବିସ୍ଫୋରଣ ୭ ମୃତ, ୧୩ ଆହତ**

ଆଫଗାନିସ୍ତାନ ରାଜଧାନୀ କାବୁଲରେ ସୋମବାର ଅପରାହ୍ନରେ ବିସ୍ଫୋରଣ ଘଟି ଅନ୍ୟୂନ ୭ ଜଣଙ୍କ ମୃତ୍ୟୁ ଘଟିବା ସହ ୧୩ ଆହତ ହୋଇଛନ୍ତି। ଶହର-ଇ-ନଏରେ ଏକ ହୋଟେଲକୁ ଟାର୍ଗେଟ କରି ଏହି ବିସ୍ଫୋରଣ ଘଟାଯାଇଥିଲା। ବିସ୍ଫୋରଣ ପାଇଁ କୌଣସି ସଂଗଠନ ନିଜକୁ ଦାୟୀ କରିନାହାନ୍ତି।





ପଶ୍ଚିମବଙ୍ଗରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍)କୁ ବିରୋଧ କରି ସୋମବାର କୋଲକାତାରେ ମୁସଲମାନ ସମ୍ପ୍ରଦାୟର ସଦସ୍ୟମାନେ ବିକ୍ଷୋଭରେ ସାମିଲ ହୋଇଛନ୍ତି।

# ତାର୍କିକ ଅସଙ୍ଗତି ତାଲିକାରେ ଥିବା ଲୋକଙ୍କ ନାଁ ପ୍ରକାଶ କର

**ପଶ୍ଚିମବଙ୍ଗ ଏସ୍‌ଆଇଆର୍ ମାମଲାରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ**

ନୂଆଦିଲ୍ଲୀ,୧୯।୧(ପି.ଟି.)

ପଶ୍ଚିମବଙ୍ଗରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ଚାଲିଥିବାବେଳେ ଯେଉଁମାନଙ୍କ ନାମ ତାର୍କିକ ଅସଙ୍ଗତି ତାଲିକାରେ ରହିଛି, ସେଗୁଡ଼ିକୁ ଗ୍ରାମପଞ୍ଚାୟତ ଭବନ, ବ୍ଲକ୍ ଅଫିସ ଓ ୱାର୍ଡ ଅଫିସ୍‌ରେ ପ୍ରଦର୍ଶିତ କରିବା ପାଇଁ ସୁପ୍ରିମକୋର୍ଟ ସୋମବାର ନିର୍ବାଚନ କମିଶନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟର ୧.୨୫ କୋଟି ଭୋଟର ଉକ୍ତ ତାଲିକାରେ ରହିଥିବା ଜଣାପଡ଼ିଛି। ୨୦୦୨ର ଭୋଟର ତାଲିକା ସହ ସନ୍ତାନଙ୍କୁ ନେଇ ତାର୍କିକ ବିସଙ୍ଗତି ରହିଛି। ଉଦାହରଣ ସ୍ୱରୂପ ମାତାପିତାଙ୍କ ନାମରେ ମେଳ ରହୁ ନ ଥିବାବେଳେ କେଉଁଠି ଭୋଟର ଏବଂ ସେମାନଙ୍କ ମାତାପିତାଙ୍କ ବୟସ ମଧ୍ୟରେ ୧୫ ବର୍ଷରୁ କମ୍ କିମ୍ବା ୫୦ ବର୍ଷରୁ ଅଧିକ ବ୍ୟବଧାନ ରହୁଛି। ବର୍ତ୍ତମାନର ଭୋଟର ତାଲିକା ସଂଶୋଧନ ଦ୍ୱାରା ପ୍ରଭାବିତ ହେବା ସମ୍ଭାବନା ଥିବା ଲୋକମାନେ ସେମାନଙ୍କ ଦସ୍ତାବିଜ୍ ଓ ଆପତ୍ତି ଅଭିଯୋଗ ଦାଖଲ ପାଇଁ ଅନୁମତି ଦେବାକୁ ପ୍ରଧାନ ବିଚାରପତି ସୂର୍ଯ୍ୟ କାନ୍ତ, ଜଷ୍ଟିସ୍ ଦୀପଙ୍କର ଦତ୍ତା ଏବଂ ଜୟମାଲ୍ୟ



ବାଗ୍‌ଚୀଙ୍କ ଖଣ୍ଡପୀଠ କହିଛନ୍ତି। ଏଥିପାଇଁ ପ୍ରତି ପଞ୍ଚାୟତ କିମ୍ବା ବ୍ଲକ୍ ଅଫିସରେ ଦସ୍ତାବିଜ୍ ଓ ଆପତ୍ତି ଦାଖଲ ପାଇଁ ଅଫିସ ଖୋଲିବାକୁ ସର୍ବୋଚ୍ଚ ଅଦାଲତ କହିଛନ୍ତି। ଏଥିପାଇଁ ପଞ୍ଚାୟତ ଭବନ ଓ ବ୍ଲକ୍ ଅଫିସ ପାଇଁ ରାଜ୍ୟ ସରକାର ପର୍ଯ୍ୟାପ୍ତ ଲୋକ ନିୟୋଜିତ କରିବେ। ରାଜ୍ୟରେ ଯେପରି ଆଇନ ଶୃଙ୍ଖଳା ସମସ୍ୟା ସୃଷ୍ଟି ନ ହୁଏ ଏବଂ ସବୁ କାର୍ଯ୍ୟ ସୁରୁଖୁରୁରେ ସମ୍ପନ୍ନ ହୁଏ, ତାହା ସୁନିଶ୍ଚିତ କରିବାକୁ ଅଦାଲତ ପଶ୍ଚିମବଙ୍ଗ ପୋଲିସ ମହାନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ଦଣ୍ଡ ସ୍ଥଗିତ ରଖିବା ଲାଗି ସେନ୍‌ଗାରଙ୍କ ଆବେଦନ ଖାରଜ

**ଉନ୍ନାଓ ବଳାତ୍କାର ମାମଲା**

ନୂଆଦିଲ୍ଲୀ,୧୯।୧(ପି.ଟି.)

ଉତ୍ତରପ୍ରଦେଶର ଉନ୍ନାଓ ବଳାତ୍କାର ମାମଲାରେ ପୀଡ଼ିତାଙ୍କ ବାପାଙ୍କର ହାଜତ ମୃତ୍ୟୁ ଘଟଣାରେ ଭାଜପାର ବହିଷ୍କୃତ ନେତା କୁଲଦୀପ ସିଂ ସେନ୍‌ଗାର ୧୦ ବର୍ଷ ଜେଲ ଦଣ୍ଡାଦେଶକୁ ସ୍ଥଗିତ ରଖିବା ପାଇଁ କରିଥିବା ଆବେଦନକୁ ଦିଲ୍ଲୀ ହାଇକୋର୍ଟ ସୋମବାର ଖାରଜ କରିଦେଇଛନ୍ତି। ବିଚାର ପ୍ରକ୍ରିୟା ବିଳମ୍ବ ହେଉଥିବା ଦର୍ଶାଇ ସେନ୍‌ଗାର ଦଣ୍ଡ ସ୍ଥଗିତ ରଖିବା ପାଇଁ ଆବେଦନ କରିଥିଲେ। କେବଳ ବିଳମ୍ବ କାରଣକୁ ନେଇ ଦଣ୍ଡ ସ୍ଥଗିତ ରଖାଯାଇପାରିବ ନାହିଁ ବୋଲି ଜଷ୍ଟିସ୍ ରବିନ୍ଦର ଦୁଦେଜା କହିବା ସହ ପରବର୍ତ୍ତୀ ଶୁଣାଣି ଫେବୃଆରୀ ୩କୁ ଧାର୍ଯ୍ୟ କରିଛନ୍ତି। ସେନ୍‌ଗାର ଦଣ୍ଡ ସ୍ଥଗିତ ରଖିବା ଏବଂ ଜାମିନ ସମୟ ବଢ଼ାଇବା ପାଇଁ ବାରମ୍ବାର ଆବେଦନ କରିଆସୁଛନ୍ତି। କୋର୍ଟଙ୍କ ରାୟକୁ ନେଇ ଉନ୍ନାଓ ପୀଡ଼ିତା ସନ୍ତୋଷ ବ୍ୟକ୍ତ କରିଛନ୍ତି।

୨୦୧୭ରେ ଉନ୍ନାଓ ନାବାଳିକାଙ୍କୁ ସେନ୍‌ଗାର ଅପହରଣ କରିନେଇ ବଳାତ୍କାର କରିଥିଲେ। ଏହା ପରେ ପୀଡ଼ିତାଙ୍କ ବାପାଙ୍କୁ ଅସ୍ତ୍ରଶସ୍ତ୍ର ଆଇନରେ ଗିରଫ କରାଯାଇଥିଲା ଏବଂ ୨୦୧୮ ଏପ୍ରିଲ ୯ରେ ହାଜତରେ ତାଙ୍କର ମୃତ୍ୟୁ ଘଟିଥିଲା। ପୀଡ଼ିତାଙ୍କ ବାପାଙ୍କୁ ହତ୍ୟା ମାମଲାରେ ତଳକୋର୍ଟ ୨୦୨୦ ମାର୍ଚ୍ଚ ୧୩ରେ ସେନ୍‌ଗାରଙ୍କୁ ୧୦ ବର୍ଷ ସଶ୍ରମ ଜେଲ ଦଣ୍ଡାଦେଶ ସହ ୧୦ ଲକ୍ଷ ଟଙ୍କା ଅର୍ଥଦଣ୍ଡରେ ଦଣ୍ଡିତ କରିଥିଲେ। ହାଜତ ମୃତ୍ୟୁ ଘଟଣାରେ ସମ୍ପୃକ୍ତ ସେନ୍‌ଗାରଙ୍କ ଭାଇ ଅତୁଲ ସିଂ ସେନ୍‌ଗାର ଓ ଅନ୍ୟ ୫ ଜଣଙ୍କୁ ମଧ୍ୟ ୧୦ ବର୍ଷ ଲେଖାଏ ଜେଲଦଣ୍ଡ ହୋଇଥିଲା।

**ଖାତରେ କାର୍ ଖସି ଇଞ୍ଜିନିୟରଙ୍କ ମୃତ୍ୟୁ ଘଟଣା**

# ନଏଡ଼ା ସିଇଓ ବହିଷ୍କୃତ

ଲକ୍ଷ୍ନୌ,୧୯।୧(ପି.ଟି.)

ନଏଡ଼ା ସେକ୍ଟର ୧୫୦ସ୍ଥିତ ଏକ ନିର୍ମାଣ ସ୍ଥଳରେ ଜଳଭର୍ତ୍ତି ଗର୍ତ୍ତ ମଧ୍ୟକୁ କାର୍ ଖସି ୨୭ ବର୍ଷୀୟ ସଫ୍ଟୱେର ଇଞ୍ଜିନିୟରଙ୍କ ମୃତ୍ୟୁ ଘଟଣାରେ ନଏଡ଼ା ଅଥରିଟିର ସିଇଓ ଏମ୍. ଲୋକେଶଙ୍କୁ ତାଙ୍କ ପଦବୀରୁ ବହିଷ୍କାର କରାଯାଇଛି। ଇଞ୍ଜିନିୟରଙ୍କ ମୃତ୍ୟୁକୁ ନେଇ ଦେଶବ୍ୟାପୀ ପ୍ରତିକ୍ରିୟା ପ୍ରକାଶ ପାଇଥିବାବେଳେ ଉତ୍ତରପ୍ରଦେଶ ସରକାର ସୋମବାର ଆଇଏଏସ୍ ଅଫିସର ଲୋକେଶଙ୍କ ବିରୋଧରେ ଉପରୋକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ତାଙ୍କୁ ପ୍ରତୀକ୍ଷା ତାଲିକାରେ ରଖିଛନ୍ତି। ସ୍ଥାନୀୟ କର୍ତ୍ତୃପକ୍ଷ ଏବଂ ରିଅଲ ଇଷ୍ଟେଟ୍ ଡେଭେଲପରମାନଙ୍କ



ଯୁବରାଜ ମେହେଟ୍ଟା


ସିଇଓ ଏମ୍. ଲୋକେଶ

ଅବହେଳାରୁ ସଫ୍ଟୱେର ଇଞ୍ଜିନିୟର ଯୁବରାଜ ମେହେଟ୍ଟାଙ୍କ ମୃତ୍ୟୁ ଘଟିଲା ବୋଲି ତାଙ୍କ ପରିବାର ଏବଂ ସ୍ଥାନୀୟ ଲୋକେ ଅଭିଯୋଗ କରିଥିଲେ। ଏହା ବିରୋଧରେ ସେମାନେ ବିକ୍ଷୋଭ ଶୋଭାଯାତ୍ରା କରିଥିଲେ। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଘଟଣାକୁ ବିଚାରକୁ ନେଇ ଉପରୋକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଘଟଣାର ଏସ୍‌ଆଇଟି ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ନଏଡ଼ା ଅଥରିଟି ସିଇଓ ଲୋକେଶ ହେଉଛନ୍ତି ୨୦୦୩ ବ୍ୟାଚ୍‌ର ଆଇଏଏସ୍ ଅଫିସର। ସେ ନଏଡ଼ା ମେଟ୍ରୋ ରେଳ କର୍ପୋରେଶନ (ଏନ୍‌ଏମ୍‌ଆର୍‌ସି)ର ପରିଚାଳନା ନିର୍ଦ୍ଦେଶକ ଭାବେ ମଧ୍ୟ କାର୍ଯ୍ୟ କରୁଥିଲେ।

ଯୁବରାଜଙ୍କର ଶ୍ୱାସରୁଦ୍ଧ ହୋଇ ମୃତ୍ୟୁ ଘଟିଥିବା ବ୍ୟବଚ୍ଛେଦ ରିପୋର୍ଟରେ ଉଲ୍ଲେଖ ରହିଛି। ଏହା ବ୍ୟତୀତ ହୃଦ୍‌ଘାତ ମାମଲା ସମ୍ପର୍କରେ ମଧ୍ୟ ରିପୋର୍ଟରେ କୁହାଯାଇଛି। ଶୁକ୍ରବାର ରାତିରେ ଘନ କୁହୁଡ଼ି ମଧ୍ୟରେ ଯୁବରାଜ କାର୍ ଚଳାଇ ଘରକୁ ଫେରୁଥିବାବେଳେ ଜଳଭର୍ତ୍ତି ଖାତରେ ଖସିପଡ଼ିଥିଲେ। ସାହାଯ୍ୟ ପାଇଁ ସେ ବାରମ୍ବାର ଚିତ୍କାର କରିଥିଲେ ମଧ୍ୟ ତୁରନ୍ତ କୌଣସି ସହାୟତା ମିଳି ନ ଥିଲା। କାର୍ ଓଲଟି ପଡ଼ି ପାଣିରେ ଭାସୁଥିବାବେଳେ ଯୁବରାଜ କୌଣସି ପ୍ରକାରେ ସେଥିରୁ ବାହାରି ଆସି ବାପା ରାଜକୁମାରଙ୍କୁ ଫୋନ୍ କରି ଦୁର୍ଘଟଣା ସମ୍ପର୍କରେ ଜଣାଇଥିଲେ ଓ ସେ ମରିବାକୁ ଚାହାନ୍ତି ନାହିଁ ବୋଲି କହିଥିଲେ। ତାଙ୍କ ବାପା ତୁରନ୍ତ ୧୧୨କୁ ଡାଏଲ କରିବା ସହ ଘଟଣାସ୍ଥଳରେ ପହଞ୍ଚିଥିଲେ। ତେବେ ଅନ୍ଧକାର, ଘନ କୁହୁଡ଼ି ଏବଂ ସ୍ୱଳ୍ପ ଦୃଶ୍ୟମାନ୍ୟତା ଯୋଗୁ ଉଦ୍ଧାର କାର୍ଯ୍ୟ ପ୍ରଭାବିତ ହୋଇଥିଲା। ପାଣି ବରଫ ଭଳି ଥଣ୍ଡା ଥିବାରୁ ପୋଲିସ ଓ ଅଗ୍ନିଶମ କର୍ମଚାରୀ ସେଥିରେ ପ୍ରବେଶ କରିପାରି ନ ଥିଲେ। ବେସ୍‌ମେଣ୍ଟର ନିର୍ମାଣାଧୀନ ସ୍ତମ୍ଭଗୁଡ଼ିକରୁ ମଧ୍ୟ ବିପଦ ଆଶଙ୍କା କରାଯାଇଥିଲା। ରାତି ୧ଟା ୪୫ ବେଳକୁ ଯୁବରାଜ ଓ ତାଙ୍କ କାର୍ ସମ୍ପୂର୍ଣ୍ଣ ବୁଡ଼ିଯାଇଥିଲା।

## ଆତଙ୍କବାଦୀଙ୍କ ଗୁଳିରେ ୮ ଯବାନ ଆହତ

ଜମ୍ମୁ,୧୯।୧(ପି.ଟି.)

ଜମ୍ମୁ-କଶ୍ମୀରର କିସ୍ତୱାର ଜିଲା ଅନ୍ତର୍ଗତ ଚତ୍ରୁ ଜଙ୍ଗଲ ଅଞ୍ଚଳରେ ଆତଙ୍କବାଦୀଙ୍କ ସହ ଗୁଳି ବିନିମୟ ବେଳେ ସେନାର ୮ ଯବାନ ଆହତ ହୋଇଛନ୍ତି। ଉଭୟ ପକ୍ଷ ମଧ୍ୟରେ ଦୀର୍ଘ ସମୟ ଧରି ଗୁଳି ବିନିମୟ ଚାଲିଥିଲା। ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରିବା ସହ ଆତଙ୍କବାଦୀଙ୍କୁ ନିପାତ କରିବା ନିମନ୍ତେ ଅଧିକ ସୈନ୍ୟଙ୍କୁ ନିୟୋଜିତ କରାଯାଇଛି। ମଧ୍ୟାହ୍ନ ସମୟରୁ ଆରମ୍ଭ ହୋଇଥିବା ଉକ୍ତ ଅଭିଯାନର ନାଁ ଅପରେଶନ ତ୍ରାଶି-୧ ଦିଆଯାଇଛି। ସୂଚନା ଅନୁଯାୟୀ, ତଲାସି ଅଭିଯାନରେ ସାମିଲ ଟିମ୍ ସହ ୨/୩ ଜଣ ବିଦେଶୀ ଆତଙ୍କବାଦୀ ମୁହାଁମୁହିଁ ହୋଇଥିଲେ। ଜୈଶ-ଇ-ମହମ୍ମଦ ସଂଗଠନର ଆତଙ୍କବାଦୀମାନେ ଯବାନଙ୍କ ଉପରକୁ ଆଖିବୁଜା ଗୁଳି ଚଳାଇଥିଲେ।

# ଦ୍ରୁତ ହ୍ରାସ ପାଉଛି ଚାଇନା ଜନସଂଖ୍ୟା

ବେଜିଂ,୧୯।୧(ପି.ଟି.)

୨୦୨୫ରେ ଚାଇନାରେ ଜନ୍ମହାର ୧୦ ବର୍ଷ ପୂର୍ବ ତୁଳନାରେ ୧୦ ନିୟୁତ ହ୍ରାସ ପାଇଥିବାବେଳେ କ୍ରମାଗତ ଚତୁର୍ଥ ବର୍ଷ ପାଇଁ ଜନସଂଖ୍ୟା ହ୍ରାସ ପାଇଛି। ପୂର୍ବରୁ ଦେଶରେ ଲାଗୁ ହୋଇଥିବା ଏକ-ସନ୍ତାନ ନୀତିର ଦୀର୍ଘମିଆଦୀ ପ୍ରଭାବକୁ ଏଥିପାଇଁ ଦାୟୀ କରାଯାଇଛି।

ଜାତୀୟ ପରିସଂଖ୍ୟାନ ବ୍ୟୁରୋ (ଏନ୍‌ବିଏସ୍) ତଥ୍ୟ ଅନୁଯାୟୀ, ୨୦୨୫ରେ ୭.୯୨ ନିୟୁତ ପିଲା ଜନ୍ମ ହୋଇଛନ୍ତି, ଯାହାକି ୨୦୨୪ରେ ୯.୫୪ ନିୟୁତ ଥିଲା। ଅର୍ଥାତ ବର୍ଷକ ମଧ୍ୟରେ ଶିଶୁ ଜନ୍ମହାର ୧୭ ପ୍ରତିଶତ ହ୍ରାସ ପାଇଛି। ୧୯୪୯ରୁ ଦେଶରେ

**ଶିଶୁ ଜନ୍ମହାର ୧୭ ପ୍ରତିଶତ ହ୍ରାସ**

ଜନ୍ମହାର ଲିପିବଦ୍ଧ ହେବା ପରଠାରୁ ଏହା ସର୍ବନିମ୍ନ। ୨୦୨୩ରେ ଜନ୍ମହାର ଯଥେଷ୍ଟ କମିଥିଲାବେଳେ ଗତବର୍ଷ ଏହା ଉକ୍ତ ରେକର୍ଡକୁ ଭାଙ୍ଗିଦେଇଛି। ଜନସଂଖ୍ୟାରେ ଭାରତ ୨୦୨୩ରେ ଚାଇନାକୁ ଅତିକ୍ରମ କରିଥିବା ଜାତିସଂଘ ରିପୋର୍ଟରେ କୁହାଯାଇଥିଲା। ବର୍ତ୍ତମାନର ପ୍ରଜନନ ହାର ଆଧାରରେ ଚାଇନାର ଲୋକସଂଖ୍ୟା ୨୧୦୦ ସୁଦ୍ଧା ୬୩.୩ କୋଟିକୁ ହ୍ରାସ ପାଇବ ବୋଲି ଜାତିସଂଘର ଅର୍ଥନୀତି ଓ ସାମାଜିକ ବ୍ୟାପାର ବିଭାଗ (ଡିଇଏସ୍‌ଏ) ଆକଳନ କରିଛି। ସୋମବାର ପ୍ରକାଶିତ ଏନ୍‌ବିଏସ୍ ତଥ୍ୟ ଅନୁଯାୟୀ, ଚାଇନାର ଲୋକସଂଖ୍ୟା ୨୦୨୫ରେ ୩.୩୯ ନିୟୁତ ହ୍ରାସ ପାଇ ୧୪୦.୪୯ କୋଟିରେ ପହଞ୍ଚିଥିଲା। ଏହା ପୂର୍ବବର୍ଷ ଲୋକସଂଖ୍ୟା ୧୪୦.୮୩ କୋଟି ଥିଲା।

ଦ୍ରୁତ ବୃଦ୍ଧି ପାଉଥିବା ବରିଷ୍ଠ ଲୋକଙ୍କୁ ନେଇ ଚାଇନା ସମସ୍ୟାର ସମ୍ମୁଖୀନ ହୋଇଛି। ସରକାରୀ ତଥ୍ୟ ଅନୁଯାୟୀ, ୨୦୨୪ ଶେଷଭାଗରେ ଦେଶର ବରିଷ୍ଠ ନାଗରିକଙ୍କ ସଂଖ୍ୟା ୩୧୦ ନିୟୁତରେ ପହଞ୍ଚିଥିଲ। ୨୦୨୫ ବେଳକୁ ଏହି ସଂଖ୍ୟା ୪୦୦ ଅତିକ୍ରମ କରିବ ବୋଲି ଆକଳନ କରାଯାଇଛି। ୧୯୫୯ ଏବଂ ୧୯୬୧ର ପ୍ରଳୟଙ୍କର ଦୁର୍ଭିକ୍ଷ ବାଦ୍ ଗତବର୍ଷ ଚାଇନାରେ ସର୍ବାଧିକ ଜନସଂଖ୍ୟା ହ୍ରାସ ପାଇଥିଲା ବୋଲି ସାଉଥ୍ ଚାଇନା ମର୍ନିଂ ପୋଷ୍ଟ ରିପୋର୍ଟରେ କୁହାଯାଇଛି। ଇତିମଧ୍ୟରେ ଗତବର୍ଷ ପ୍ରାୟ ୧୧.୩୧ ନିୟୁତ ଲୋକଙ୍କ ମୃତ୍ୟୁ ଘଟିଛି, ଯାହାକି ୫ ଦଶନ୍ଧି ମଧ୍ୟରେ ସର୍ବାଧିକ। ଜନସାଂଖ୍ୟିକ ସଙ୍କଟ ଅର୍ଥନୀତିକୁ ଗମ୍ଭୀର ଭାବେ ପ୍ରଭାବିତ କରିବ ବୋଲି ସତର୍କ କରାଇ ଦିଆଯାଇଥିବାବେଳେ ବେଜିଂ ୨୦୧୬ରେ ଏକ ସନ୍ତାନ ନୀତିକୁ ଉଚ୍ଛେଦ କରି ଦମ୍ପତିମାନଙ୍କୁ ୨ ସନ୍ତାନ ଜନ୍ମ ପାଇଁ ଅନୁମତି ଦେଇଥିଲା। ଏହା ଫଳପ୍ରଦ ନ ହେବାରୁ ୨୦୨୧ରେ ଦମ୍ପତିଙ୍କୁ ୩ଟି ସନ୍ତାନ ଜନ୍ମ ଅନୁମତି ମିଳିଥିଲା।

## ଭାରତ ଗସ୍ତରେ ୟୁଏଇ ରାଷ୍ଟ୍ରପତି

ନୂଆଦିଲ୍ଲୀ,୧୯।୧(ପି.ଟି.)

ମଧ୍ୟପ୍ରାଚ୍ୟରେ ଉତ୍ତେଜନା ଲାଗିରହିଥିବାବେଳେ ୟୁନାଇଟେଡ୍ ଆରବ ଏମିରେଟ୍ସ (ୟୁଏଇ) ରାଷ୍ଟ୍ରପତି ଶେଖ୍ ମହମ୍ମଦ ବିନ୍ ଜାୟେଦ ଅଲ୍ ନହ୍ୟାନ ସୋମବାର ନୂଆଦିଲ୍ଲୀ ଆସିଛନ୍ତି। ତାଙ୍କର ଏହି ଗସ୍ତ ଭାରତ ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୟୁଏଇ ରାଷ୍ଟ୍ରପତିଙ୍କୁ ଦିଲ୍ଲୀ ବିମାନବନ୍ଦରରେ ସ୍ୱାଗତ କରିଥିଲେ। ଅଲ୍ ନହ୍ୟାନ ଦିଲ୍ଲୀରେ ୨ ଘଣ୍ଟାରୁ କମ୍ ସମୟ ରହିବା ଅବସରରେ ପ୍ରଧାନମନ୍ତ୍ରୀଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଛି। ଆଲୋଚନାରେ ବାଣିଜ୍ୟ, ପୁଞ୍ଜିନିବେଶ, ପ୍ରତିରକ୍ଷା ଶିଳ୍ପ ସହଯୋଗ ଏବଂ ଆତଙ୍କବାଦ ପ୍ରସଙ୍ଗ ସ୍ଥାନ ପାଇଛି।


ଶେଖ୍ ମହମ୍ମଦ ବିନ୍ ଜାୟେଦ ଅଲ୍ ନହ୍ୟାନଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

**ଫୁର୍‌ସତ୍**

# ଜନ୍ମ, ମୃତ୍ୟୁକୁ ଅନୁମତି ନ ଥିବା ଅଜବ ଗାଁ

ବିଶ୍ୱରେ ୧୯୫ଟି ଦେଶ ଅଛି। ପ୍ରତ୍ୟେକ ସ୍ଥାନର ନିଜସ୍ୱ ସ୍ୱତନ୍ତ୍ର ପରିଚୟ ଅଛି। ଏଗୁଡ଼ିକ ମଧ୍ୟରେ ଏପରି ଏକ ସ୍ଥାନ ଅଛି ଯେଉଁଠାରେ ନା କୌଣସି ଶିଶୁକୁ ଜନ୍ମ ନେବାକୁ କିମ୍ବା କୌଣସି ବ୍ୟକ୍ତିକୁ ମରିବାକୁ ଅନୁମତି ଦିଆଯାଇଛି। ଏହା ଶୁଣି ଆଶ୍ଚର୍ଯ୍ୟ ହେବା ସ୍ୱାଭାବିକ, କିନ୍ତୁ ଏହା ସତ୍ୟ। ଲୋକଙ୍କ ଚିନ୍ତାଧାରାଠାରୁ ଏହି ଗାଁ ସମ୍ପୂର୍ଣ୍ଣ ଭିନ୍ନ ନିୟମ ଅନୁଯାୟୀ ଚାଲେ। ଏହାର ବ୍ୟବସ୍ଥା ଏବଂ ଜୀବନଶୈଳୀକୁ ବିଶ୍ୱର ଅନ୍ୟ ଦେଶଠାରୁ ସମ୍ପୂର୍ଣ୍ଣ ଭିନ୍ନ ବୋଲି ବିବେଚନା କରାଯାଏ। ଏହି କାରଣରୁ ଉକ୍ତ ସ୍ଥାନଟି ପ୍ରାୟତଃ ଚର୍ଚ୍ଚାରେ ରହିଥାଏ।

ଉତ୍ତର ମେରୁରୁ ପ୍ରାୟ ୧୩୦୦ କିଲୋମିଟର ଦୂରରେ ସ୍ୱାଲବାର୍ଡ ନାମକ ଏକ ନରୱେଜିଆନ ଦ୍ୱୀପପୁଞ୍ଜ ଅବସ୍ଥିତ। ଏହି ସ୍ଥାନଟି ନରୱେର ଅଂଶ, କିନ୍ତୁ ଭିଜା ବିନା ଯାତ୍ରା ସମ୍ଭବ। ସେଠାରେ ପହଞ୍ଚିବା ସହଜ ହେଲେ, ସେଠାରେ ଜନ୍ମଦେବା ଏବଂ ମରିବା ପ୍ରାୟ ଅସମ୍ଭବ। ଏହି ସ୍ଥାନକୁ ବିଶ୍ୱର



ସବୁଠାରୁ ଅଜବ ଗାଁ ବୋଲି କୁହାଯାଏ।

ସ୍ୱାଲବାର୍ଡରେ କୌଣସି ଡାକ୍ତରଖାନା ନାହିଁ ଏବଂ ଏହା ଅତ୍ୟନ୍ତ ଥଣ୍ଡା। ଏଠାର ଭୂମି ପର୍ମାଫ୍ରୋଷ୍ଟ, ଅର୍ଥାତ୍ ଏହା ବର୍ଷସାରା ଜମାଟ ବାନ୍ଧି ରହିଥାଏ। ଏହା ସେଠାରେ ପୋତାଯାଇଥିବା ମୃତଦେହଗୁଡ଼ିକୁ ପଚିଯିବାରୁ ରୋକିଥାଏ। ଏହା ପୂର୍ବରୁ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିଥିଲା, ଫଳରେ କବର ଦେବା ଉପରେ ପ୍ରତିବନ୍ଧକ ଲଗାଯାଇଥିଲା। ଯଦି କେହି ଗୁରୁତର ଅସୁସ୍ଥ କିମ୍ବା ଅତ୍ୟଧିକ ବୃଦ୍ଧ ହୁଅନ୍ତି, ତେବେ ସେମାନଙ୍କୁ ଦ୍ୱୀପ ଛାଡ଼ି ମୁଖ୍ୟ ଭୂମି ନରୱେକୁ ଯିବାକୁ ପଡ଼ିବ। ଉନ୍ନତ ଚିକିତ୍ସା ସୁବିଧା ଅଭାବରୁ ଗର୍ଭବତୀ ମହିଳାଙ୍କୁ ପ୍ରସବ ପୂର୍ବରୁ ବିଦାକରି ଦିଆଯାଏ। କାରଣ ଏଠାରେ କୌଣସି ଉନ୍ନତମାନର ମେଡିକାଲ ନାହିଁ। ସ୍ୱାଲବାର୍ଡ ମଧ୍ୟରାତ୍ରି ସୂର୍ଯ୍ୟର ଦେଶ ଭାବରେ ମଧ୍ୟ ଜଣାଶୁଣା। ଶୀତଦିନେ ମାସ ମାସ ଧରି ସୂର୍ଯ୍ୟ ଉଦୟ ହୁଏ ନାହିଁ ଏବଂ ଗ୍ରୀଷ୍ମଦିନେ ସୂର୍ଯ୍ୟ ଅସ୍ତ ହୁଏ ନାହିଁ। ଏଠାରେ ପ୍ରାୟ ୨୫୦୦ରୁ ୩୦୦୦ ଲୋକ ବାସ କରନ୍ତି ଏବଂ ୫୦ରୁ ଅଧିକ ଦେଶର ନାଗରିକ ଭିଜା ବିନା ଏକାଠି ରୁହନ୍ତି। ମଣିଷ ଅପେକ୍ଷା ମେରୁ ଭାଲୁଙ୍କ ସଂଖ୍ୟା ଅଧିକ। ତେଣୁ ରାଇଫଲ ବିନା ବାହାରକୁ ବାହାରିବା ବେଆଇନ। ଏଠାରେ ଅପରାଧ ବହୁତ କମ୍ ଏବଂ ଲୋକମାନେ ସେମାନଙ୍କର ଦ୍ୱାର ବନ୍ଦ ମଧ୍ୟ କରନ୍ତି ନାହିଁ। ଅଜବ ନିୟମ ସତ୍ତ୍ୱେ ଏହି ଭିନ୍ନତା ଉକ୍ତ ଗାଁକୁ ବିଶ୍ୱରେ ଅନନ୍ୟ କରିଥାଏ।


ନେହା କକ୍କର

# ବ୍ରେକ୍ ନେଲେ ନେହା

ମୁମ୍ବାଇ

ଗାୟିକା ନେହା କକ୍କର ନିଜ ସଙ୍ଗୀତ କ୍ୟାରିୟରରୁ ବ୍ରେକ୍ ନେଇଛନ୍ତି। ସେ ଇନ୍‌ଷ୍ଟାଗ୍ରାମରେ ଏନେଇ ସୂଚନା ଦେଇଛନ୍ତି। ନେହା ତାଙ୍କ ପୋଷ୍ଟରେ ଲେଖିଛନ୍ତି, ଦାୟିତ୍ୱ, ସମ୍ପର୍କ, କାମ ଏବଂ ଅନ୍ୟ ସବୁକିଛିରୁ ବିରତି ନେବାର ସମୟ ଆସିଛି। ଜାଣିନାହିଁ ମୁଁ ଫେରିବି କି ନାହିଁ। ଆଶା କରୁଛି ମୋ ଗୋପନୀୟତାକୁ ସମ୍ମାନ ଦେବା ସହ ଏହି ଦୁନିଆରେ ମୁକ୍ତ ଭାବରେ ବଞ୍ଚିବାକୁ ଦେବେ। ଏହା ସହ ନେହା ଫଟୋଗ୍ରାଫର ଏବଂ ପ୍ରଶଂସକମାନଙ୍କୁ ଫଟୋ ନ ଉଠାଇବାକୁ ଅନୁରୋଧ କରିଛନ୍ତି। ନେହା କକ୍କର ପ୍ରାୟତଃ କୌଣସି ନା କୌଣସି କାରଣରୁ ଚର୍ଚ୍ଚାରେ ରହିଥାନ୍ତି। ନିକଟରେ ତାଙ୍କର 'କ୍ୟାଣ୍ଡି ସପ୍' ଗୀତ ରିଲିଜ ହୋଇଥିଲା। ଏହି ଗୀତଟି ତାଙ୍କ ଭାଇ ଟୋନି କକ୍କରଙ୍କ ଦ୍ୱାରା ରଚିତ । ଏହି ଗୀତ ପାଇଁ ନେହାଙ୍କୁ ଟ୍ରୋଲ୍‌ର ସମ୍ମୁଖୀନ ହେବାକୁ ପଡ଼ିଥିଲା। ତାଙ୍କର ଡ୍ୟାନ୍ସ ଷ୍ଟେପ୍ ପସନ୍ଦ କରାଯାଇ ନ ଥିଲା। ନେହା ପ୍ରାୟତଃ ତାଙ୍କ ଭାଇ ଟୋନିଙ୍କ ସହ ମ୍ୟୁଜିକ ଭିଡିଓ ତିଆରି କରନ୍ତି। ସେମାନଙ୍କର ମ୍ୟୁଜିକ୍ ଭିଡିଓ ସବୁବେଳେ ଚର୍ଚ୍ଚାରେ ରହିଥାଏ। ତାଙ୍କ ବ୍ୟକ୍ତିଗତ ଜୀବନରେ ନେହା ପଞ୍ଜାବୀ ସଙ୍ଗୀତ କଳାକାର ରୋହନ ପ୍ରୀତ ସିଂହଙ୍କୁ ବିବାହ କରିଛନ୍ତି। ସେମାନଙ୍କର ବିବାହ ୨୦୨୦ଅକ୍ଟୋବରରେ ହୋଇଥିଲା। ସେମାନଙ୍କ ବିବାହ ବିଷୟ ନେଇ ସେତେବେଳେ ଢେର ଚର୍ଚ୍ଚା ହୋଇଥିଲା। ୨୦୨୫ରେ ନେହାଙ୍କ ଭଉଣୀ ସୋନୁ କକ୍କର ନେହା ଏବଂ ଟୋନିଙ୍କଠାରୁ ଅଲଗା ହେବାର ଘୋଷଣା କରିଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................


ରାଜ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ବାବୁଙ୍କ ଦକ୍ଷତା ମାପିବେ ସରକାର

## ତହସିଲଦାରଙ୍କ ପାଇଁ ଆସିବ ର୍‍ୟାଙ୍କିଂ ବ୍ୟବସ୍ଥା

ଭୁବନେଶ୍ୱର,୧୯।୧ (ରବିନାରାୟଣ ଜେନା)

ରାଜ୍ୟବାସୀଙ୍କୁ କିଭଳି ହାତ ପାଆନ୍ତାରେ ରାଜସ୍ୱ ସେବା ମିଳିବ ତାକୁ ନେଇ ଗତ ୧୮ମାସ ମଧ୍ୟରେ ରାଜସ୍ୱ ବିଭାଗ ପକ୍ଷରୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ବିବିଧ ପ୍ରମାଣପତ୍ର ପ୍ରଦାନ କରିବା ଓ ପୁରୁଣା ଆଇନକୁ ବନ୍ଦ କରିବା ଭଳି ୧୩ଟି ସଂସ୍କାରମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି। ହେଲେ ଏବେ ବି ବିବିଧ ପ୍ରମାଣପତ୍ରଠାରୁ ଆରମ୍ଭ କରି ଦାଖଲ ଖାରଜମାମଲାର ଫଇସଲା ଏବଂ ଅନ୍ୟାନ୍ୟ ରାଜସ୍ୱ ସେବା ପାଇବାରେ ଲୋକେ ହଇରାଣ ହରକତ ହେଉଛନ୍ତି। ଆଗାମୀ ଦିନରେ ଲୋକେ ଯେପରି ରାଜସ୍ୱ ସେବା ପାଇବାରେ କୌଣସି ସମସ୍ୟା ନ ଉପୁଜିବ ତାକୁ ନେଇ ରାଜସ୍ୱ ବିଭାଗ ପକ୍ଷରୁ ତହସିଲଦାର ବାବୁମାନଙ୍କ ଦକ୍ଷତା ମପାଯିବ। କେଉଁ ତହସିଲଦାର କେଉଁସବୁ ମାମଲାକୁ ତ୍ୱରିତ ସମାଧାନ କରୁଛନ୍ତି ଏବଂ ତାହା ମଧ୍ୟରେ କେତେସବୁ ଗୁଣାତ୍ମକ ସେବା ରହିଛି ତାକୁ ଆଧାର କରି ର୍‍ୟାଙ୍କିଂ ପ୍ରଦାନ କରାଯିବ। ଯେଉଁ ତହସିଲଦାରମାନେ ଅଭ୍ୟାସଗତ ଭାବେ ଠକୁଥିବେ ସେମାନେ ଏହି ର୍‍ୟାଙ୍କିଂରେ ଧରାପଡ଼ିବେ ଏବଂ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହାବାଦ୍ ଯେଉଁ ଅଧିକାରୀମାନେ ଭଲ ପ୍ରଦର୍ଶନ କରିବେ ସେମାନଙ୍କୁ ପ୍ରଶଂସାପତ୍ର ସହିତ ପଦୋନ୍ନତି ଦେବାର ମଧ୍ୟ ବ୍ୟବସ୍ଥା କରାଯିବ। ଏହାସହିତ ରାଜସ୍ୱ ବିଭାଗରେ ଥିବା ପୁରୁଣା ମାମଲା ହଟାଇବା ସହିତ ରାଜସ୍ୱ ସଂସ୍କାରକୁ ଲୋକାଭିମୁଖୀ କରିବାପାଇଁ ବିଭାଗ ଏଭଳି ପଦକ୍ଷେପ ଖୁବ୍‌ଶୀଘ୍ର ନେବ ବୋଲି ଜଣାଯାଇଛି।

ଲୋକସେବା ଭବନରେ ସୋମବାର ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଏନେଇ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକ ପରେ ମନ୍ତ୍ରୀ ଗଣମାଧ୍ୟମକୁ କହିଛନ୍ତି ଯେ, ଓଡ଼ିଶା ସରକାରୀ ଭୂ-ପରିଚାଳନା ଆଇନରେ କେତେକ ସଂସ୍କାର ଅଣାଯିବାପାଇଁ ବିଭାଗ ପକ୍ଷରୁ କେତେକ ଦିଗ ଉପରେ ବିସ୍ତୃତ ଆଲୋଚନା ହୋଇଛି। ଏହାକୁ ନେଇ ଖୁବ୍‌ଶୀଘ୍ର ଏକ ଡ୍ରାଫ୍ଟ ପ୍ରସ୍ତୁତ କରାଯିବ ଏବଂ ଏହାକୁ ପରବର୍ତ୍ତୀ ପର୍ଯ୍ୟାୟରେ କ୍ୟାବିନେଟ୍‌ରେ ଅଣାଯିବ। ଆସନ୍ତା ବଜେଟ ଅଧିବେଶନ ପୂର୍ବରୁ ନୂତନ ଓଡ଼ିଶା ସରକାରୀ ଭୂ-ପରିଚାଳନା ଆଇନ ଆଣିବାକୁ ବିଭାଗ ଉଦ୍ୟମ କରୁଛି ବୋଲି ମନ୍ତ୍ରୀ କହିଛନ୍ତି।

ଅନ୍ୟପକ୍ଷରେ ବିଭାଗର ଜଣେ ବରିଷ୍ଠ ଅଧିକାରୀଙ୍କ କହିବା କଥା ହେଲା, ତହସିଲଦାରମାନଙ୍କୁ ରାଜସ୍ୱ ବିଭାଗ ପକ୍ଷରୁ ନିକଟରେ ଅଣାଯାଇଥିବା ବିଭିନ୍ନ ରାଜସ୍ୱ ସେବା ଓ ନୂତନ ଆଇନ କାର୍ଯ୍ୟକାରିତା ସମ୍ପର୍କରେ ଅବଗତ କରାଇବା ପାଇଁ ତାଲିମ ପ୍ରଦାନ କରାଯିବ। ପ୍ରତ୍ୟେକ ଦିନ ଅପରାହ୍ନ ୫ଟାରେ ଜିଲାସ୍ତରୀୟ ତହସିଲଦାର, ଭୂ-ବନ୍ଦୋବସ୍ତ ଅଧିକାରୀ, ଅତିରିକ୍ତ ଜିଲାପାଳ ଏବଂ ଜିଲାପାଳଙ୍କୁ ନେଇ ଏକ ଆଭାସୀ ବୈଠକ କରାଯିବ। ବୈଠକରେ ବିଭାଗର ବରିଷ୍ଠ ଅଧିକାରୀଙ୍କ ସହିତ ଅତିରିକ୍ତ ମୁଖ୍ୟଶାସନ ସଚିବ ତଥା ଉନ୍ନୟନ ଆୟୁକ୍ତଙ୍କ ପର୍ଯ୍ୟନ୍ତ ବରିଷ୍ଠ ଅଧିକାରୀ ରହିବେ। କେଉଁ ଦିନ କେଉଁ ଅଧିକାରୀଙ୍କୁ ନେଇ ଆଭାସୀ ବୈଠକ କରାଯିବ ତାହା ନିର୍ଦ୍ଦିଷ୍ଟ କରାଯିବ। ଏନେଇ ଖୁବ୍‌ଶୀଘ୍ର ବିଭାଗ ପକ୍ଷରୁ ଏକ ନିର୍ଦ୍ଦେଶନାମା ଜାରି ହେବ ବୋଲି ବିଭାଗ ପକ୍ଷରୁ ଜଣାଯାଇଛି।

## ଜନ୍ମଦିନ ଶୁଭେଚ୍ଛା




**ଶ୍ରୀଜିତ୍ ପଟ୍ଟନାୟକ (ରାଜ୍)**
ଆଇ.ଆର୍.ସି. ଭିଲେଜ, ଭୁବନେଶ୍ୱର
ରାଜ୍, ତୋର ଆଜି ୧୬ତମ ଜନ୍ମବାର୍ଷିକୀ, ଏହି ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଶିରିଡ଼ି ବାବାଙ୍କ ପାଖରେ ପ୍ରାର୍ଥନା ସେ ତୋର ଚଲାପଥ ସର୍ବଦା କୁସୁମିତ କରିବା ସହ ତୋତେ ଯଶସ୍ୱୀ କରାନ୍ତୁ।
ଶୁଭେଚ୍ଛା ସହ- ବୋଉମା, ମାମି, ପାପା, ମାମା, ମଣ୍ଟୁକାକୁ, ସାନମା, ଟଣ୍ଟୁକାକୁ, କାକି, ଚିଣ୍ଟୁକାକୁ, ସାନକାକି, ଭାଇନା, ଅପା, ଗୁଡୁଭାଇ, ଭାଉଜ, ଦିଦି, ପ୍ରେମ୍, ସ୍ୱେତା, ସିଦ୍ଧେଶ, ଅଜା, ଆଈ, ମାମୁ, ମାଈଁ, ମଉସା, ମାଉସୀ, ବନ୍ଧୁ ଓ ପରିବାରବର୍ଗ।
ଧ-୩୧୫୬

# ଗଛରେ ଧକ୍କା ହେଲା ବାଇକ୍, ୨ ମୃତ

କ.ନୂଆଗାଁ/ବାଲିଗୁଡ଼ା,୧୯।୧ (କାଳୀ ପ୍ରସାଦ ତ୍ରିପାଠୀ/ ସଞ୍ଜୟ କୁମାର ପାଣିଗ୍ରାହୀ)

କନ୍ଧମାଳ ଜିଲା ବାଲିଗୁଡ଼ା ଉପଖଣ୍ଡ ଅନ୍ତର୍ଗତ କ.ନୂଆଗାଁ ବ୍ଲକ୍ ସାରଙ୍ଗଗଡ଼ ଥାନା କାଣିବାରୁଡ଼ି ଛକ ନିକଟରେ ସୋମବାର ଏକ ବାଇକ୍ ଭାରସାମ୍ୟ ହରାଇ ରାସ୍ତାକଡ଼ ଗଛରେ ଧକ୍କା ହେବାରୁ ୨ ଜଣଙ୍କର ମୃତ୍ୟୁ ଘଟିଛି। ମୃତକମାନେ ହେଲେ ସୁଷମା କହଁର (୨୦) ଓ ଆଶୁତୋଷ ପ୍ରଧାନ (୧୯)। ସୂଚନା ଅନୁସାରେ, ଆଶୁତୋଷ ବାଇକ୍‌ରେ ସୁଷମାଙ୍କୁ ବସାଇ ଫିରିଙ୍ଗିଆ ଅଞ୍ଚଳରୁ ଗୁଟିଙ୍ଗିଆ ଯାଉଥିଲେ। କାଣିବାରୁଡ଼ି ଛକ ନିକଟସ୍ଥ ବୁଲାଣି ରାସ୍ତାରେ ବାଇକ୍‌ଟି ଭାରସାମ୍ୟ ହରାଇ ରାସ୍ତାକଡ଼ ଗଛକୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଆଶୁତୋଷଙ୍କ ମୃତ୍ୟୁ ହୋଇଥିବା ବେଳେ ତାଙ୍କ ସୁଷମା ଗୁରୁତର ଆହତ ହୋଇଥିଲେ। ଖବରପାଇ ସାରଙ୍ଗଗଡ଼ ପୋଲିସ ଦୁର୍ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି ସ୍ଥାନୀୟ ଡାକ୍ତରଖାନାକୁ ନେଇଥିଲା। ସେଠାରେ ଆଶୁତୋଷଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଗୁରୁତର ସୁଷମାଙ୍କୁ ପ୍ରାଥମିକ ଚିକିତ୍ସା ପରେ ଫୁଲବାଣୀସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର ବେଳେ ଅଧା ବାଟରେ ତାଙ୍କର ମୃତ୍ୟୁ ଘଟିଛି। ଏନେଇ ଥାନାରେ ନଂ.୨୧/୨୬ରେ ଏକ ମାମଲା ରୁଜୁ ହୋଇଛି।

# ଗାଡ଼ି ଧକ୍କାରେ ହେଟାବାଘ ମୃତ

## ଲାଞ୍ଜ, ଗୋଡ଼, ନଖ କାଟିନେଲେ ଦୁର୍ବୃତ୍ତ



କାଲିମେଲା, ୧୯।୧ (ଜୀବନ କୃଷ୍ଣ ଦାସ)

ମାଲକାନଗିରି ଜିଲା କାଲିମେଲା ରେଞ୍ଜ ଅଧୀନ ତଥା କାଲିମେଲା-ମୋଟୁ ୩୨୬ ନମ୍ବର ଜାତୀୟ ରାଜପଥର ଏମ୍‌ଭି ୭୨ ନିକଟସ୍ଥ ଶାନ୍ତିନଗରଠାରେ ସୋମବାର ଭୋର ସମୟରେ ଗୋଟିଏ ହେଟାବାଘର ମୃତଦେହ ଜବତ କରାଯାଇଛି। ଏକ ବଡ ଗାଡ଼ି ଧକ୍କାରେ ହେଟାବାଘର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ତେବେ ଦୁର୍ବୃତ୍ତମାନେ ମୃତ ହେଟାବାଘର ଗୋଟିଏ ଗୋଡ଼, ଲାଞ୍ଜ ଏବଂ ନଖ କାଟି ନେଇଯାଇଥିବା ଦେଖିବାକୁ ମିଳିଛି। ଖବରପାଇ କାଲିମେଲା ରେଞ୍ଜର ବିଜୟ କୁମାର ନାୟକ, ଫରେଷ୍ଟର ମୃତ୍ୟୁଞ୍ଜୟ ସେଠୀ ଏବଂ ଅନ୍ୟ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। କାଲିମେଲା ପ୍ରାଣୀ ଚିକିତ୍ସା କେନ୍ଦ୍ରରେ ଜବତ ହେଟାବାଘର ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ଏହା ଏକ ଅଣ୍ଡିରା ବାଘ ହୋଇଥିବା ବେଳେ ଏହାର ବୟସ ପ୍ରାୟ ୫ ବର୍ଷ ଏବଂ ଉଚ୍ଚତା ସାଢ଼େ ୩ଫୁଟ ବୋଲି କାଲିମେଲା ରେଞ୍ଜର ନାୟକ କହିଛନ୍ତି। ବ୍ୟବଚ୍ଛେଦ ପରେ ହେଟାକୁ ନେଇ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ପୋତି ଦିଆଯାଇଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି।

## ମନେ ପଡ଼ନ୍ତି


### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଆବିର୍ଭାବ: ୧୧।୧୦।୧୯୭୫
ତିରୋଧାନ: ୦୯।୦୧।୨୦୨୬

**ସ୍ୱର୍ଗତ ସଞ୍ଜୟ ଅଗ୍ରୱାଲ**
ଗ୍ରାଣ୍ଡରୋଡ୍, ପୁରୀ
-:ଶୋକସନ୍ତପ୍ତ:-
ଅଜୟ ଅଗ୍ରୱାଲ, ନମନ ଅଗ୍ରୱାଲ, ଅକ୍ଷତ ଅଗ୍ରୱାଲ, ଅଭୟ ଅଗ୍ରୱାଲ ଓ ଅଂଶିକା ଅଗ୍ରୱାଲ।
ଧ-୩୧୫୩

### ଦଶାହ ଉପଲକ୍ଷେ



**ସ୍ୱର୍ଗତ ଶରତ ଚନ୍ଦ୍ର ମହାନ୍ତି**
(ପୂର୍ବତନ କୃଷି ଅଧିକାରୀ)
ଗ୍ରାମ- ନାଇଲୋ, ଅଡ଼ଙ୍ଗଗଡ଼, ଜଗତ୍‌ସିଂହପୁର
ଆବିର୍ଭାବ- ୧୪।୦୩।୧୯୫୬
ତିରୋଧାନ- ୧୧।୦୧।୨୦୨୬
ଆଜି ତୁମର ଦଶାହ ଅବସରରେ ଅମରାତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣ କମଳରେ ବିନମ୍ର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ଭାଇ- ଅଶୋକ, ଶିଶିର ଓ ସଚ୍ଚିଦାନନ୍ଦ ଏବଂ ବନ୍ଧୁ ଓ ପରିବାରବର୍ଗ।
ଧ-୩୨୪୬

# ୨୧ରୁ 'ମତ୍ସ୍ୟ-ପ୍ରାଣୀ ସମାବେଶ ଓଡ଼ିଶା'

ଭୁବନେଶ୍ୱର,୧୯।୧ (ଅନୁରାଧା ମହାରଣା)



ଖବରଦାତା ସମ୍ମିଳନୀରେ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ସମାବେଶ ସମ୍ପର୍କରେ ସୂଚନା ଦେଉଛନ୍ତି।

ରାଜ୍ୟସ୍ତରୀୟ ମତ୍ସ୍ୟ-ପ୍ରାଣୀ ସମାବେଶ ଓଡ଼ିଶା-୨୦୨୬ ଜନତା ମଇଦାନରେ ଆସନ୍ତା ୨୧ ତାରିଖରୁ ଆରମ୍ଭ ହେବ। ଏହା ୨୩ ପର୍ଯ୍ୟନ୍ତ ଚାଲିବ ବୋଲି ଓୟୁଏଟି ଭେଟେରିନାରି କଲେଜ ଅଡିଟୋରିୟମରେ ସୋମବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଲେ, କ୍ଷୀର, ମାଂସ, ଅଣ୍ଡା ଓ ମାଛ ଉତ୍ପାଦନରେ ଓଡ଼ିଶା ଆତ୍ମନିର୍ଭରଶୀଳ ହେବ। ଏକ୍ଷେତ୍ରରେ ଚାଷୀଙ୍କୁ ଉତ୍ସାହିତ କରିବା ସହ ବଜାର ସୃଷ୍ଟି ଉଦ୍ଦେଶ୍ୟରେ ଆୟୋଜିତ ଏହି ସମାବେଶକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରିବେ। ସେହିପରି ଉଦ୍‌ଯାପନୀ ସମାରୋହରେ ରାଜ୍ୟପାଳ ହରିବାବୁ କମ୍ଭମପାଟି ଉପସ୍ଥିତ ରହିବେ। ଚଳିତ ବର୍ଷର ଥିମ୍ ରହିଛି 'ମତ୍ସ୍ୟ-ପ୍ରାଣୀ ଏବେ ନୂତନ ଦିଶା ; ବିକଶିତ ହେବ ଆମ ଓଡ଼ିଶା'। ସମାବେଶରେ ପ୍ରତି ବ୍ଲକରୁ ୨୬ଜଣ ଲେଖାଏ ମୋଟ ୮୧୬୪ ଜଣ ମତ୍ସ୍ୟଚାଷୀ ଓ ପ୍ରାଣିପାଳକ ଯୋଗଦେବେ। ପ୍ରତ୍ୟେକ ଉପଖଣ୍ଡରୁ ୬ଜଣ ସଫଳ ପ୍ରାଣିପାଳକ ଓ ମତ୍ସ୍ୟଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯିବ। ବିଭାଗ ପାଇଁ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ୨୦ଜଣ ଶ୍ରେଷ୍ଠ ଅଧିକାରୀ ଏବଂ ବକ୍ତୃତା ଓ କୁଇଜ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମଧ୍ୟ ପୁରସ୍କୃତ କରାଯିବ।

୨୧ ତାରିଖ ସକାଳେ କଳିଙ୍ଗ ଷ୍ଟାଡିୟମରୁ ଜନତା ମଇଦାନ ପର୍ଯ୍ୟନ୍ତ ଏକ ୱାକାଥନ ଆୟୋଜିତ ହେବ। ସମାବେଶରେ ୧୨ଟି ଇଣ୍ଟରାକ୍ଟିଭ ପ୍ୟାନେଲ ଆଲୋଚନାଚକ୍ର ଅନୁଷ୍ଠିତ ହେବ। 'ମନ୍ତ୍ରୀଙ୍କୁ ପଚାରନ୍ତୁ' କାର୍ଯ୍ୟକ୍ରମରେ ଚାଷୀଙ୍କ ପ୍ରଶ୍ନର ସିଧାସଳଖ ଉତ୍ତର ରଖିବେ ବିଭାଗୀୟ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ। ୩ଟି ହ୍ୟାଙ୍ଗର୍‌ରେ ପ୍ରାୟ ୨୦୮ ଷ୍ଟଲ୍‌ରେ ମତ୍ସ୍ୟ, ପ୍ରାଣିପାଳନ, ବିଭିନ୍ନ ବିଭାଗ ଓ କମ୍ପାନୀର ଉତ୍ପାଦ ପ୍ରଦର୍ଶିତ ହେବ। ସେହିପରି ୨ଟି ଖୋଲା ହ୍ୟାଙ୍ଗରରେ ମତ୍ସ୍ୟ ଓ ପ୍ରାଣୀ ଲାଇଭ୍ ଡେମନଷ୍ଟ୍ରେଶନ କରାଯିବ। ପ୍ରତି ସନ୍ଧ୍ୟାରେ ଲୋକନୃତ୍ୟ ଏବଂ ଶାସ୍ତ୍ରୀୟ ନୃତ୍ୟ ସମ୍ବଳିତ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ। ସମାବେଶକୁ ଅଧିକ ଆକର୍ଷଣୀୟ କରିବା ପାଇଁ ହରିୟାଣାର ଦୁଇଟି ମଇଁଷି ଷଣ୍ଢ ସୁରବୀର ଏବଂ ଇନ୍ଦର, ଆନ୍ଧ୍ରପ୍ରଦେଶର ଛୋଟ ପ୍ରଜାତିର ପୁଙ୍ଗାନୁର ଗାଈ ଓ ଗୁଜରାଟରୁ କାଙ୍କରେଜ ଷଣ୍ଢ ଆସୁଛି। ୨୩ ତାରିଖ ସକାଳ ୮ଟା ୩୦ରେ ଡଗ ଶୋ ଓ ସନ୍ଧ୍ୟା ୬ଟା ୩୦ରେ ପେଟ୍ ଫ୍ୟାଶନ ଶୋ ହେବ। ଲାଇଭ ସି ଫୁଡ୍ କିଚେନ, ଭର୍ଚୁଆଲ ରିଅଲିଟି ଫାର୍ମ ଟୁର୍, ଡ୍ରୋନ୍ ଶୋ, ଲେଜର୍ ଶୋ, ଚିତ୍ରକଳା ପ୍ରଦର୍ଶନୀ, ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀଗଣଙ୍କ ସହ ସେଲ୍‌ଫି ଜୋନ ଆଦି ଆକର୍ଷଣ ସାଜିବ। ଖବରଦାତା ସମ୍ମିଳନୀରେ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ, ପ୍ରାଣିପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶକ ବିଜୟ ଅମୃତା କୁଲାଙ୍ଗେ, ମତ୍ସ୍ୟ ନିର୍ଦ୍ଦେଶକ ମହମ୍ମଦ ସାଦ୍ଦିକ ଆଲମ ପ୍ରମୁଖ ଉପସ୍ଥିତ ଥିଲେ।

**Classified Everyday**
0674-2580101, 9692975378



## REAL ESTATE
### SALE

Semi-Commercial Land for Sale At ଆଙ୍ଗୁଳା, Near ସିନ୍ଧିଆ High School. Just 10km from ବାଲେଶ୍ୱର Railway-Station, 5km from ନିଧିପଣ୍ଡା. Area- 16,500 Sqft. (30Lakhs Only) Direct Owner. 7978551614.
D-3115

11decimal (4800 Sqft.) Commercial/ residential plot facing NH and having side road near Kathagada bypass, Dhenkanal is ready for sale. Contact: Mob- 9437521402/ 9337769022.
D-3149

ଭୁବନେଶ୍ୱର ଉପକଣ୍ଠ ସୁନ୍ଦରପଦା Xavier University/ ଆଦିତ୍ୟ ବିର୍ଲା ସ୍କୁଲ ପାଖରେ ସରକାରୀ ରାସ୍ତାକୁ ଲାଗି ପାଚେରି ସହିତ Futureରେ ଘର କଲା ଭଳି ପ୍ଲଟ୍ ମିଳୁଛି। 9692439755, 7325891140.
D-3023

## PURCHASE

**Wanted GA Plot 40' x 60' and 75' x 50' at Ghatikia and Sampur, Bhubaneswar before or after freehold for purchase. Contact: 7656861995 this week.**
D-75859

## AFFIDAVIT

By virtue of an affidavit sworn before Notary Public, Daringbadi, dated- 22.11.2025, I, Jakab Pradhan, Address: Village- Katabadi, P.O.- Partamaha, P.S.- Daringbadi, Dist.- Kandhamal, Odisha, PIN- 762104 declare that I have changed the name of my son from Rupesh Pradhan (Old name) to Rishant Pradhan (New name). Henceforth, he shall be known as Rishant Pradhan (New name) for all purposes.
Jakab Pradhan
D-3147

By virtue of an affidavit sworn before the Executive Magistrate, Saintala, Dtd.- 16.05.2025, I, Prafulla Kumar Nag, S/o.- Late Arakhita Nag, R/o. Village- Deogaon, P.O.- Dhumabhata, P.S.- Saintala, Dist.- Balangir (Odisha), PIN- 767026 declare that now I have changed my son's name from Pratyush Nag to Pratyush Kumar Nag. Henceforth, he shall be known as Pratyush Kumar Nag for all purposes.
Prafulla Kumar Nag
D-3148

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

By virtue of an affidavit sworn before Executive Magistrate, Bhubaneswar, Dtd.- 12.01.2026, I, Kunti Dighal, D/o.- Yakub Dhanuwar, wife of Alboo Digal, Residential address: Sahid Laxman Behera Basti, IRC Village, P.S.- Nayapalli, Bhubaneswar, Dist.- Khordha, PIN- 751015, my name wrongly mentioned in Aadhaar card xxxx xxxx 2236 Saraswoti Digal. I declare that I have one name KUNTI DIGHAL. Henceforth, I shall be known as Kunti Dighal for all future purposes.
D-3150

By virtue of an order dt. 30th day of June 2017 of Hon'ble Civil Judge (JD) Nimapara, in Civil Suit No. 36 of 2017, the father of Suratha Chandra Jena, Village- Durgapur, P.O.- Dakhinaradas, P.S.- Balanga, Dist.- Puri shall be known as Muralidhar Jena instead of Giridhari Jena for all purpose. A Gazette Notification in this regard shall be published for necessary correction in all official and non-official records.
D-3154

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## LEGAL NOTICE

Letter No. 84, dated- 16.01.2026

ନୋଟିସ

ମାନ୍ୟବର ଅତିରିକ୍ତ କମିଶନର, ଶ୍ରୀଯୁକ୍ତ ପ୍ରଦୀପ କୁମାର ନାୟକ (I.A.S.)
ଅତିରିକ୍ତ ରିଭିଜନ୍ କୋର୍ଟ ନଂ.- ୪, ଚତୁର୍ଥ ମହଲା, ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା।
ଓ.ଏସ୍.ଏସ୍. କେସ୍ ନଂ.- ୨୧୬/୨୦୨୫

ଜୟଶ୍ରୀ ମାଝି ........ବାଦୀ
ବନାମ
ସେଟଲ୍‌ମେଣ୍ଟ ଅଫିସର, କଟକ ଓ ଅନ୍ୟମାନେ .....ପ୍ରତିବାଦୀ ସମୂହ

ନୋଟିସ ସି.ପି.ସି. ଅର୍ଡର- ୫ ରୁଲ୍- ୨୦ ମୁତାବକ

ପ୍ରତିବାଦୀ ନଂ.୫- ସୋମନାଥ ସୁନ୍ଦରାୟ, ପିତା: ସ୍ୱର୍ଗତ ଭଜି ସୁନ୍ଦରାୟ, ପ୍ରତିବାଦୀ ନଂ.୬- ଲକ୍ଷ୍ମୀଧର ସୁନ୍ଦରାୟ, ପିତା: ସ୍ୱର୍ଗତ ହାଡ଼ିବନ୍ଧୁ ଓରଫ ହାଡୁ ସୁନ୍ଦରାୟ, ଉଭୟଙ୍କର ସା/ପୋ- ଦାରୁଠେଙ୍ଗ, ଥାନା- ଚନ୍ଦକା, ପିନ୍- ୭୫୧୦୨୪, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା। ପ୍ରତିବାଦୀ ନଂ.୭- ନାରାୟଣ ଓରଫ ନାରଣ ସୁନ୍ଦରାୟ, ପିତା- ସ୍ୱର୍ଗତ ହାଡ଼ିବନ୍ଧୁ ଓରଫ ହାଡୁ ସୁନ୍ଦରାୟ, ସା- ବାଲିପଡ଼ା, ପୋ- ଦାଢ଼ା, ଥାନା- ମଞ୍ଚେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ପ୍ରତିବାଦୀ ନଂ.୮- ପୁରସ୍ତମ ସୁନ୍ଦରାୟ, ପିତା- ସ୍ୱର୍ଗତ କାହ୍ନୁ ସୁନ୍ଦରାୟ, ପ୍ରତିବାଦୀ ନଂ.୯- ଅଧିକାରୀ ସୁନ୍ଦରାୟ, ପିତା- ସ୍ୱର୍ଗତ କାହ୍ନୁ ସୁନ୍ଦରାୟ, ପ୍ରତିବାଦୀ ନଂ.୧୦- ଭାଗୀରଥି ସୁନ୍ଦରାୟ, ପିତା- ସ୍ୱର୍ଗତ ଅନାଥବନ୍ଧୁ ସୁନ୍ଦରାୟ, ପ୍ରତିବାଦୀ ନଂ.୧୧- ଦାଶରଥି ସୁନ୍ଦରାୟ, ପିତା- ସ୍ୱର୍ଗତ ଅନାଥବନ୍ଧୁ ସୁନ୍ଦରାୟ, ପ୍ରତିବାଦୀ ନଂ.୧୨- ମରୁଆ ବେୱା ଓରଫ ସୁନ୍ଦରାୟ, ସ୍ୱାମୀ- ସ୍ୱର୍ଗତ ମୋହନି ଓରଫ ମହନ ସୁନ୍ଦରାୟ, ପ୍ରତିବାଦୀ ନଂ.୧୩- କୁଞ୍ଜ ସୁନ୍ଦରାୟ, ପିତା- ଗୋପୀ ସୁନ୍ଦରାୟ, ପ୍ରତିବାଦୀ ନଂ.୧୪- ଦିବାକର ପ୍ରଧାନ, ପିତା- ମଦନ ପ୍ରଧାନ, ପ୍ରତିବାଦୀ ନଂ.୧୫- ଲିଙ୍ଗରାଜ ପ୍ରଧାନ, ପିତା- ମୋହନ ଓରଫ ମହନ ପ୍ରଧାନ, ପ୍ରତିବାଦୀ ନଂ. ୮, ୯, ୧୦, ୧୧, ୧୨ ଓ ୧୫ମ୍ବରଙ୍କ ସା/ପୋ- ଦାରୁଠେଙ୍ଗ, ଥାନା- ଚନ୍ଦକା, ପିନ୍- ୭୫୧୦୨୪, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା।

ଉପରୋକ୍ତ ନୋଟିସ ଦ୍ୱାରା ଏହି ଓ.ଏସ୍.ଏସ୍. କେସ୍‌ରେ ତୁମ୍ଭେମାନେ ପ୍ରତିବାଦୀ ହିସାବରେ ନଂ. ୫, ୬, ୭, ୮, ୯, ୧୦, ୧୧, ୧୨, ୧୩, ୧୪ ଓ ୧୫ ରୂପେ ରହିଅଛି। କିନ୍ତୁ ରେଜିଷ୍ଟ୍ରୀ ପୋଷ୍ଟ ମାଧ୍ୟମରେ ତୁମ୍ଭ ପ୍ରତିବାଦୀମାନଙ୍କୁ ବାରମ୍ବାର ନୋଟିସ ଦିଆଗଲେ ମଧ୍ୟ ତୁମ୍ଭେମାନେ ଗ୍ରହଣ କରୁନାହଁ। ଆମ୍ଭେ ବାଦୀ ବାରମ୍ବାର ଚେଷ୍ଟାକରି ମଧ୍ୟ ପ୍ରତିବାଦୀମାନେ ଜୀବିତ କି ମୃତ ଜାଣିପାରୁନାହୁଁ। ଯଦି ପ୍ରତିବାଦୀମାନେ ଜୀବିତ ନାହାନ୍ତି ତେବେ ସେମାନଙ୍କର ଉତ୍ତରାଧିକାରୀମାନେ ଏବଂ ଯଦି ପ୍ରତିବାଦୀ ଜୀବିତ ତେବେ ନିଜେ ଏହି ନୋଟିସ ଦ୍ୱାରା ଉପରୋକ୍ତ କୋର୍ଟ ନିର୍ଦ୍ଦେଶ ଦେଲେ କି ଆସନ୍ତା ତା ୨୩।୦୨।୨୦୨୬ରିଖରେ ୧୧:୩୦ ସମୟେ ଉପରୋକ୍ତ କୋର୍ଟଙ୍କ ଇଜିଲାସରେ ପ୍ରତ୍ୟେକ ପ୍ରତିବାଦୀ ନିଜେ/ଉତ୍ତରାଧିକାରୀ ନିଜେ କିମ୍ବା ତାଙ୍କର ପ୍ରତିନିଧିଙ୍କ ଜରିଆରେ ଉପସ୍ଥିତ ହୋଇ ଯଦି କିଛି ଆପତ୍ତି ଥାଏ, ସେହି ଆପତ୍ତି/ଦାବି ଉପସ୍ଥାପନ କରିବେ।

ପ୍ରତିବାଦୀମାନେ ଅନୁପସ୍ଥିତ ରହିଲେ ଆଇନ ଅନୁଯାୟୀ ଉପରୋକ୍ତ କେସ୍‌ର ଫଇସଲା କରାଯିବ। ବାଦୀଙ୍କ ଦ୍ୱାରା ଦାଖଲ ହୋଇଥିବା ଏହି ଓ.ଏସ୍.ଏସ୍. କେଶ୍‌ର ତଫସିଲ ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

ତଫସିଲ ଜମିର ବିବରଣୀ

ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଭୁବନେଶ୍ୱର, ଥାନା- ଚନ୍ଦକା, ନଂ.୩୩ମ୍ବର, ମୌଜା- ଭୁଆଷୁଣୀ।

ସାବକ ଖାତା- ମୂଳ ସାବକ ଖାତା ୨୨୦ ସାବକ ମ୍ୟୁଟେସନ୍ ଖାତା ନଂ.୨୨୮/୧୪୪, ସାବକ ପ୍ଲଟ୍- ୫୧୩, ଏରିଆ- ଏ ୧.୭୨୫ ସ୍ଥ ଏ ୦.୦୩୦, ହାଲ୍ ଖାତା- ୧୫୨୨, ହାଲ୍ ପ୍ଲଟ୍- ୨୨୪୪, ଏରିଆ- ୦.୦୯୫ ସ୍ଥ ଏ ୦.୦୩୦।

ଏଣୁ ଉପରୋକ୍ତ ମାମଲାର ଉପର ବର୍ଣ୍ଣିତ ପ୍ରତିବାଦୀ ସମୂହ ଧାର୍ଯ୍ୟ ତାରିଖରେ ଉପସ୍ଥିତ ହୋଇ ନିଜର ଅଭିଯୋଗ ଦାଖଲ କରିପାରିବେ। ଅନୁପସ୍ଥିତ ରହିଲେ ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମା ଫଇସଲା କରାଯିବ।

ସ୍ଥାନ: ଭୁବନେଶ୍ୱର — ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ଆଦେଶ କ୍ରମେ
ତାରିଖ: — ସ୍ୱା./- କୋର୍ଟ ଅଧିକାରୀ
ଧ-୩୧୫୧

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର-୧
ଶ୍ରୀମତୀ କନକଚମ୍ପା ମେହେର, ଓ.ଏସ୍.ଏସ୍. (ଏସ୍.ଏ.ଜି),
ଚତୁର୍ଥ ମହଲା ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା
ଓଡ଼ିଶା ସର୍ଭେ ଓ ସେଟଲମେଣ୍ଟ ୧୯୫୮ ଆଇନର ଧାରା ୧୫(ଖ) ଅନୁଯାୟୀ
ଓ.ଏସ୍.ଏସ୍. କେସ୍ ନଂ. - ୧୧୯୬/୨୦୨୨

ସୂର୍ଯ୍ୟକାନ୍ତ ବିଶୋଇ ଏବଂ ଅନ୍ୟ ଜଣେ .........ବାଦୀ /ଦରଖାସ୍ତକାରୀ
ବନାମ
ଦେବରାଜ ନାୟକ ଓ ଅନ୍ୟମାନେ .........ପ୍ରତିବାଦୀମାନେ/ଅପରପକ୍ଷ

ନୋଟିସ୍ ଅଣ୍ଡର ଅର୍ଡର-୫, ରୁଲ୍-୨୦ ସି.ପି.ସି. ମୁତାବକ

ପ୍ରାପ୍ତେଷୁ,
ପ୍ରତିବାଦୀମାନେ: ୧) ଦେବରାଜ ନାୟକ, ପିତା- ସ୍ୱର୍ଗତ ଜଇ ନାୟକ, ୨) ଉପେନ୍ଦ୍ର ନାୟକ, ପିତା- ସ୍ୱର୍ଗତ ଜଇ ନାୟକ, ୩) ଟୁକୁନା ନାୟକ, ସ୍ୱାମୀ- ଦେବରାଜ ନାୟକ, ପିତା- ସ୍ୱର୍ଗତ ଜୟୀ ନାୟକ, ଠିକଣା- ସା- କୁଜିମହଲ, ପୋ/ଥା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ୪) କୁନିଲତା ବେହେରା, ସ୍ୱାମୀ- ଡମ୍ବରୁଧର ବେହେରା, ପିତା- ସ୍ୱର୍ଗତ ଜୟୀ ନାୟକ, କ୍ର. ନଂ. ୧), ୨) ଓ ୪)ଙ୍କ ଠିକଣା- ସା- ଚକେଇସିହାଣି, ପୋ- ରସୁଲଗଡ଼, ଥା- ମଞ୍ଚେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ୫) ଅଚ୍ୟୁତ ନାୟକ, ପିତା- ହାଡୁ ନାୟକ, ଠିକଣା: ସା- ପଥରଗାଡ଼ିଆ, ପୋ- ଦାରୁଠେଙ୍ଗ, ଥା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ୬) କାମିନୀ ଦେହୁରୀ, ସ୍ୱାମୀ- କୁନାଲ ଦେହୁରୀ, ପିତା- ମହେଶ୍ୱର ନାୟକ, ଠିକଣା- ସା- ଘଙ୍ଗାପାଟଣା, ପୋ- ପାଇକରାପୁର, ଥା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ୭) ଦିଗମ୍ବର ମଲ୍ଲ, ପିତା- କୃଷ୍ଣଚନ୍ଦ୍ର ମଲ୍ଲ, ଠିକଣା: ସା- ବଲ୍ଲଭପୁର, ପୋ/ଥା- ସାଲେପୁର, ଜିଲ୍ଲା- କଟକ

ନୋଟିସ

ଏତଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାରେ ବାଦୀ (ମାନେ) ନିମ୍ନୋକ୍ତ ଜମିର ହାଲ୍ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ ରିଭିଜନ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର-୧ ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର-୧, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର ଇଜିଲାସରେ ଆସନ୍ତା ତା.୧୧.୦୩.୨୦୨୬ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ଜମିର ବିବରଣୀ

ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଭୁବନେଶ୍ୱର, ଥାନା- ଚନ୍ଦକା, ଥାନା ନଂ. ୪୦, ମୌଜା- ପଥରଗାଡ଼ିଆ, ହାଲ୍ ଖାତା ନଂ. ୨୮, ହାଲ୍ ପ୍ଲଟ୍ ନଂ. ୪୪୦୧, ରକବା- ଏ୦.୩୭୦ ଡିସିମିଲ ସ୍ଥଧରୁ ଏ୦.୦୭୧ ଡିସିମିଲ ଯାହାର ସାବକ ଖାତା ନଂ. ୩୮୭, ସାବକ ପ୍ଲଟ୍ ନଂ. ୧୧୧୧, ଏରିଆ ଏ୦.୧୭୯ ଡିସିମିଲ ସ୍ଥଧରୁ ଏ୦.୦୭୧ ଡିସିମିଲ।

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ତାରିଖ: — ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ଭୁବନେଶ୍ୱର — ସ୍ୱା./- କୋର୍ଟ ଅଫିସର
ଧ-୩୧୫୨

## ସମବାୟ ସମିତିରେ ଧାନ ମଣ୍ଡି ଉଦ୍‌ଘାଟିତ

ବଅଁରପାଳ,୧୯।୧(ସୁବାସ ସାହୁ)

ଅନୁଗୋଳ ଜିଲା ବଅଁରପାଳ ବ୍ଲକ ବଳରାମ ପ୍ରସାଦ ସମବାୟ ସମିତିରେ ଶନିବାର ଧାନମଣ୍ଡି ଉଦ୍‌ଘାଟିତ ହୋଇଛି। ସେବା ସମବାୟ ସମିତି ସଭାପତି ବିନୟ କୁମାର ସିଂହ ଓ ସରପଞ୍ଚ ଜୟନ୍ତୀ ସାହୁଙ୍କ ଉପସ୍ଥିତିରେ ପୂଜାପାଠ କରାଯାଇ ଧାନକିଣା ଆରମ୍ଭ ହୋଇଥିଲା। ସମିତି ସମ୍ପାଦକ ଶ୍ରୀକାନ୍ତ ଦାସ, ସମସ୍ତ ନିର୍ଦ୍ଦେଶକ, ସୋନମ ପ୍ରିୟଦର୍ଶିନୀ, ଆର୍‌ଏମ୍‌ସି ଅନୁଗୋଳ, ଜ୍ୟୋତିରଞ୍ଜନ ଗଡ଼ନାୟକ, ଆର୍‌ଆଇ ବଳରାମ ପ୍ରସାଦ, ଚାଷୀ ଦୁଷ୍ମନ୍ତ ସାମଲ, କୈଳାସ ରାଉତ, ରଘୁନାଥ ସାହୁ, ବସନ୍ତ କୁମାର ବେହେରା, ଦୁର୍ଗାଚରଣ ଧର, ବ୍ରଜମୋହନ ଧର, ଚକ୍ରଧର ମାହାପାତ୍ର, କୃତାର୍ଥ ସିଂହ, ଶଶିଭୂଷଣ ଦେହୁରୀ, ବିଭୂତିଭୂଷଣ ଦାସଙ୍କ ସମେତ ଅନେକ ଚାଷୀ ଉପସ୍ଥିତ ଥିଲେ। ପ୍ରଥମ ଦିନରେ ୬ଜଣ ଚାଷୀଙ୍କଠାରୁ ୨୫୦କୁଇଣ୍ଟାଲ ଧାନ କିଣାଯାଇଥିଲା।

## ବ୍ଲକ୍ ଅଫିସ ସମ୍ମୁଖରେ ଗଣଧାରଣା



ଜୀବନ ଜୀବିକା ଓ କୃଷିଜମି ସୁରକ୍ଷା କମିଟି ପକ୍ଷରୁ ଗଣଧାରଣା ଦିଆଯାଇଛି।

ବଇଣ୍ଡା,୧୯।୧(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକରେ ସୋମବାର ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଚାଲିଥିବାବେଳେ କାର୍ଯ୍ୟାଳୟ ସମ୍ମୁଖରେ ଜୀବନ ଜୀବିକା ଓ କୃଷିଜମି ସୁରକ୍ଷା କମିଟି ପକ୍ଷରୁ ଗଣଧାରଣା ଦିଆଯାଇଛି। ଅନୁଗୋଳ ଜିଲା କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭେଷଜ, ଶିଶୁରୋଗ, ସ୍ତ୍ରୀ ଓ ପ୍ରସୂତି, ଅସ୍ଥିଶଲ୍ୟ ବିଶେଷଜ୍ଞ ଡାକ୍ତର ନିଯୁକ୍ତି ସହ ଖାଲିପଡ଼ିଥିବା ନର୍ସ, କର୍ମଚାରୀ ନିଯୁକ୍ତି, ଆନୁସଙ୍ଗିକ ଉପକରଣ, ଔଷଧ ଯୋଗାଇ ଦେବା, ସମସ୍ତ ପ୍ରକାର ପରୀକ୍ଷା ମାଗଣାରେ କରାଯିବା, ଷ୍ଟାଫ କ୍ୱାର୍ଟର୍ସ ନିର୍ମାଣ, କିଶୋରନଗରରେ ବ୍ୟବଚ୍ଛେଦ ଗୃହ କାର୍ଯ୍ୟକ୍ଷମ କରିବା, ସୁରେଶ୍ୱରୀ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ ଆଦି ଦାବି ନେଇ ଏହି ଧାରଣା ଦିଆଯାଇଛି। ରମଣି ରଞ୍ଜନ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଧାରଣାରେ ପୀତାମ୍ବର ପ୍ରଧାନ, ତୀର୍ଥବାସୀ ଭୋଇ, ଲକ୍ଷ୍ମଣ ବେହେରା, ଗୌର ସାହୁ, ପ୍ରଫୁଲ୍ଲ ପ୍ରଧାନ, ବାବାଜୀ ଚରଣ ବେହେରା, ଚିତ୍ତରଞ୍ଜନ ମେଣ୍ଡୁଲିଙ୍କ ସମେତ କମିଟିର ସଦସ୍ୟମାନେ ଯୋଗ ଦେଇଥିଲେ। ଗଣଧାରଣା ସ୍ଥଳରୁ ଏକ ପ୍ରତିନିଧିମଣ୍ଡଳୀ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିବା ସହ ଆଲୋଚନା କରିଥିଲେ। ବିଶେଷଜ୍ଞ ଡାକ୍ତର ନିଯୁକ୍ତି, ବିଭିନ୍ନ ମେଶିନ ସ୍ଥାପନ, କିଶୋରନଗରଠାରେ ଶବ ବ୍ୟବଚ୍ଛେଦ ଗୃହ କାର୍ଯ୍ୟକ୍ଷମ ପାଇଁ ଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ। କମିଟି ପକ୍ଷରୁ ଉପସ୍ଥାପିତ ଦାବି ସମ୍ପର୍କରେ ଜିଲା ପ୍ରଶାସନ ଉପଯୁକ୍ତ ପଦକ୍ଷେପ ଗ୍ରହଣ ନ କଲେ ଆହୁରି ବ୍ୟାପକ ଆନ୍ଦୋଳନ ପାଇଁ ଚେତାବନୀ ଦିଆଯାଇଛି।

## ହାତୀ ଆକ୍ରମଣରେ ମୃତାଙ୍କ ପରିବାରକୁ ଭେଟିଲେ ଏମ୍‌ପି

ଅନୁଗୋଳ,୧୯।୧(ମାନସ ବିଶ୍ୱାଳ)

ଅନୁଗୋଳ ଜିଲା ବନ୍ତଲା ଶଙ୍ଖପୁର ପଞ୍ଚାୟତର ଡିହସାହିର ହାତୀ ଆକ୍ରମଣରେ ପ୍ରାଣ ହରାଇଥିବା ଇଚ୍ଛା ଦେହୁରୀଙ୍କ ପରିବାରକୁ ଶୁକ୍ରବାର ଢେଙ୍କାନାଳ ଏମ୍‌ପି ରୁଦ୍ରନାରାୟଣ ପାଣି ଓ ଅନୁଗୋଳ ବିଧାୟକ ପ୍ରତାପ ପ୍ରଧାନ ଭେଟି ସମବେଦନା ଜଣାଇଛନ୍ତି। ଏଥିସହ ହାତୀ ଆକ୍ରମଣ କରିଥିବା ସ୍ଥାନ ବୁଲି ଦେଖିଥିଲେ। ଏହାପରେ ଅନୁଗୋଳ ଡିଏଫ୍‌ଓ ନୀତିଶ କୁମାରଙ୍କ ସହ ଫୋନ ମାଧ୍ୟମରେ ଏମ୍‌ପି ଆଲୋଚନା କରିଥିଲେ। ମୃତାଙ୍କ ପରିବାରକୁ ସରକାରଙ୍କ ଘୋଷିତ ଅନୁକମ୍ପା ମିଳିବା ନେଇ କି ପଦକ୍ଷେପ ଗ୍ରହଣ କରାଯାଇଛି ସେ ବାବଦରେ ପଚାରି ବୁଝିଥିଲେ। ଅନୁକମ୍ପା ରାଶି ପ୍ରଦାନରେ ଯେପରି ବିଳମ୍ବ ନ ହୁଏ ସେଥିପ୍ରତି ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ। ଏମ୍‌ପି ଏବଂ ବିଧାୟକଙ୍କ ସହ ଅନୁଗୋଳ ଭାଜପା ସାଧାରଣ ସମ୍ପାଦକ ପ୍ରଭାତ ପ୍ରଧାନ, ଶଙ୍ଖପୁର ସରପଞ୍ଚ ରୁମକି ଦେହୁରୀ, ସମିତି ସଭ୍ୟ ବୁବୁ ସାହୁ, ଅଭି ଦେହୁରୀ, ବାବୁଲି ଦେହୁରୀ ଓ ନାରଣ ଦେହୁରୀ ପ୍ରମୁଖଙ୍କ ସହିତ ସ୍ଥାନୀୟ ଭାଜପା କାର୍ଯ୍ୟକର୍ତ୍ତା ସାମିଲ ଥିଲେ।

## ବେଆଇନ ପଥର ବ୍ଲାଷ୍ଟିଂ ଅଭିଯୋଗ

ବଇଣ୍ଡା,୧୯।୧(ପରିକ୍ଷିତ ସାହୁ)



ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ କୁଦଗାଁ ପଞ୍ଚାୟତ ଲାଉପାଳ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ତଳେ ଥିବା ନାଳରେ ବେଆଇନ ପଥର ବ୍ଲାଷ୍ଟିଂ କରାଯାଉଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଅଧୀନରେ ଥିବା ଲାଉପାଳ ପ୍ରକଳ୍ପରେ ପଥର ପ୍ୟାକିଂ କାର୍ଯ୍ୟ ଜାରି ରହିଛି। ଏଥିପାଇଁ ପଥର ଆବଶ୍ୟକ ପଡୁଥିବା ବେଳେ କେତେଜଣ ବ୍ୟକ୍ତି ପ୍ରକଳ୍ପ ତଳ ନାଳରେ ବ୍ଲାଷ୍ଟିଂ କରି ପଥର ସଂଗ୍ରହ କରୁଛନ୍ତି। ବଇଣ୍ଡା-କିଆକଟା ରାଜ୍ୟ ରାଜପଥ ପାର୍ଶ୍ୱରେ ଏହି ବ୍ଲାଷ୍ଟିଂ ଚାଲିଥିଲେ ମଧ୍ୟ କୌଣସି ଅଧିକାରୀଙ୍କ ଦୃଷ୍ଟି ପଡୁ ନ ଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଏପରି ବେଆଇନ ପଥର ବ୍ଲାଷ୍ଟିଂକୁ ନେଇ ନିକଟସ୍ଥ ରାସ୍ତାରେ ଯାତାୟାତ କରୁଥିବା ଲୋକେ ଭୟଭୀତ ହୋଇପଡିଛନ୍ତି। ଏଥିସହ ଏପରି ବ୍ଲାଷ୍ଟିଂ ଦ୍ୱାରା ପ୍ରକଳ୍ପ ପ୍ରତି ଆସନ୍ନ ବିପଦ ସୃଷ୍ଟି ହୋଇଥିବା କୁହାଯାଉଛି। କାରଣ ଆଖପାଖରେ ମୃଦୁ ଭୂକମ୍ପ ପରି ଅନୁଭୂତ ହେଉଥିବା ସ୍ଥାନୀୟ ଲୋକେ କହୁଛନ୍ତି। ଏ ସମ୍ପର୍କରେ କ୍ଷୁଦ୍ର ଜଳସେଚନ ବିଭାଗ ଏସ୍‌ଡିଓ ଅଭିଷେକ ଜେନା କହିଛନ୍ତି, ବ୍ଲାଷ୍ଟିଂ ସମ୍ପର୍କରେ ଜଣାନାହିଁ। ସ୍ଥିତି ଅନୁଧ୍ୟାନ କରି ତ୍ୱରିତ ପଦକ୍ଷେପ ନିଆଯିବ।

## ଲୋକଙ୍କ ଅଭିଯୋଗ ଶୁଣିବାକୁ ନିର୍ଦ୍ଦେଶ

ବଇଣ୍ଡା,୧୯।୧(ପରିକ୍ଷିତ ସାହୁ)


ହଣ୍ଡପା ଥାନା ପରିଦର୍ଶନ କରୁଛନ୍ତି ଏସ୍‌ପି।

ଅନୁଗୋଳ ଜିଲା ହଣ୍ଡପା ଥାନା ସୋମବାର ପରିଦର୍ଶନ କରିଛନ୍ତି ଅନୁଗୋଳ ଏସ୍‌ପି ରାହୁଲ ଜୈନ। ଏସ୍‌ପି ଥାନାରେ ପହଞ୍ଚିବା ପରେ ସେଠାରେ ଥିବା କିଛି ଅଭିଯୋଗକାରୀଙ୍କ ସହ ଆଲୋଚନା କରିଥିଲେ। ପରେ ଥାନା ଭିତରକୁ ଯାଇ ବିଭିନ୍ନ କାଗଜପତ୍ର ଯାଞ୍ଚ କରିଥିଲେ। ଲୋକଙ୍କ ଅଭିଯୋଗ ସବୁ ଶୁଣିବାକୁ ନିର୍ଦ୍ଦେଶ ଦେଇଥିଲେ। ଏପରିକି ପୋଲିସ ଉପରେ କିପରି ଲୋକଙ୍କ ଭରସା ରହିବ ସେ ନେଇ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ଏଥିସହ ଥାନାରେ ଲାଗିଥିବା ସମସ୍ତ ସିସିଟିଭି ଯାଞ୍ଚ କରିଥିଲେ। ଏସ୍‌ପିଙ୍କ ସହ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ।

## ସଡ଼କ ସୁରକ୍ଷା ମାସ ପାଳିତ


ସଡ଼କ ସୁରକ୍ଷା ମାସ ପାଳନ ଅବସରରେ ସଚେତନତା ଶୋଭାଯାତ୍ରା।

ବଇଣ୍ଡା,୧୯।୧(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ଠାକୁରଗଡ଼ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଗୋଳ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ଛାତ୍ରୀଛାତ୍ର ଏବଂ ଠାକୁରଗଡ଼ ଛୋଟ ଗାଡ଼ି ମାଲିକ ସଂଘ ସଦସ୍ୟଙ୍କୁ ନେଇ ଏକ ସଡ଼କ ସୁରକ୍ଷା ମାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସଚେତନତା ଶୋଭାଯାତ୍ରା, ହେଲମେଟ ପିନ୍ଧିବାର ଗୁରୁତ୍ୱ, ସିଟ୍‌ବେଲ୍ଟ ବ୍ୟବହାର, ମଦ୍ୟପାନ କରି ଯାନ ଚାଳନା ନ କରିବା ଓ ଟ୍ରାଫିକ ନିୟମ ମାନିବା ସମ୍ପର୍କରେ ସଚେତନ କରାଯାଇଥିଲା। ପରିବହନ କାର୍ଯ୍ୟାଳୟ କର୍ମଚାରୀ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଟ୍ରାଫିକ ରମାକାନ୍ତ ନାୟକ, ଜୁନିୟର ଏମ୍‌ଭିଆଇ ସନ୍ଧ୍ୟାରାଣୀ ନାୟକ, ରଞ୍ଜିତ ବେହେରା ଓ ଛୋଟ ଗାଡ଼ି ମାଲିକ ସଂଘ, ଠାକୁରଗଡ଼ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିମା ଦେହୁରୀ, ଜ୍ଞାନଜ୍ୟୋତି ଲେଙ୍କା, ଚିଦାନନ୍ଦ ଦେହୁରୀ, ସନ୍ତୋଷ କୁମାର ପାଣିଗ୍ରାହୀ, ଦୀପକ କୁମାର୍ ସାହୁ, ରଶ୍ମିତା ପ୍ରଧାନ, ବିମଳ କୁମାର ବେହେରା, ଅନୁଷୟା ନାୟକ, ସ୍ଥାନୀୟ ସାମାଜିକ ସଙ୍ଗଠନର ସଦସ୍ୟମାନେ ଯୋଗଦେଇଥିଲେ।

## ଘରୋଇ ବସ୍ ଚଳାଚଳ ବନ୍ଦ ନେଇ ଦାବିପତ୍ର

ତାଳଚେର,୧୯।୧ (ମନୋଜ ନନ୍ଦ)


ବୈଠକରେ ତାଳଚେର ଘରୋଇ ବସ୍ ମାଲିକ ସଂଘ କର୍ମକର୍ତ୍ତାମାନେ।

ଆସନ୍ତା ୨୪ ତାରିଖଠାରୁ ଜାତୀୟ ରାଜପଥରେ ଘରୋଇ ବସ୍ ଚଳାଚଳ ବନ୍ଦ କରାଯିବା ନେଇ ତାଳଚେର ବସ୍ ମାଲିକ ସଂଘ ପକ୍ଷରୁ ସୋମବାର ଅନୁଗୋଳ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ତାଳଚେର ଉପଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଦାବିପତ୍ରରେ ଉଲେଖ କରାଯାଇଛି, ଅନୁଗୋଳ ଜିଲାରେ ମୁଖ୍ୟମନ୍ତ୍ରୀ ବସ୍ ସେବାକୁ ପଞ୍ଚାୟତ ଠାରୁ ସଦର ମହକୁମାକୁ ଚଳାଚଳ କରିବା ପାଇଁ ଗତ ୧୨ ତାରିଖରେ ସରକାରଙ୍କ ପକ୍ଷରୁ ଏକପାଖିଆ ନିଷ୍ପତ୍ତି ନିଆଯାଇଛି। ଏହି ବସ୍‌ଗୁଡିକ ଏପରି ଚଳାଚଳ କଲେ ଘରୋଇ ବସ୍‌ଗୁଡିକ କ୍ଷତି ସହିବେ। ତେଣୁ ମୁଖ୍ୟମନ୍ତ୍ରୀ ବସ୍‌ସେବାରେ ଚାଲୁଥିବା ଗାଡ଼ିଗୁଡିକ ଘରୋଇ ବସ୍ ଚଳାଚଳ କରୁଥିବା ରୁଟରେ ଚଳା ନ ଯାଉ କିମ୍ବା ସମୟ ସାରଣୀ ପରିବର୍ତ୍ତନ କରାଯାଉ। ଏହାକୁ ଦୃଷ୍ଟିରେ ରଖି ଆସନ୍ତା ୨୪ ତାରିଖ ଠାରୁ କିଛି ଘରୋଇ ବସ୍ ମାଲିକ ସଂଘ ବସ୍ ଚଳାଚଳ ବନ୍ଦ କରିବାକୁ ନିଷ୍ପତ୍ତି ନେଇଥିବାରୁ ତାଳଚେର ଘରୋଇ ବସ୍ ମାଲିକ ସଂଘ ଏହି ବନ୍ଦକୁ ସମର୍ଥନ ଜଣାଇ ବସ୍ ଚଳାଚଳ ବନ୍ଦ କରାଯିବ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଏ ନେଇ ତାଳଚେର ସଂଘ କାର୍ଯ୍ୟାଳୟଠାରେ ଆୟୋଜିତ ବୈଠକରେ ସଂଘ ସଭାପତି ଶ୍ରୀକାନ୍ତ କୁମାର ପାଣି, ସାଧାରଣ ସମ୍ପାଦକ ସୁରେଶ ଚନ୍ଦ୍ର ସାହୁ, କୋଷାଧ୍ୟକ୍ଷ ମଦନ ମୋହନ ମହାନ୍ତି, ସୁମନ ବେହେରା, ବିକାଶ ମହାନ୍ତି, ସଞ୍ଜୟ ଘଗୁଆରୀ, ସୁଧାଂଶୁ ଶେଖର ସେନାପତି, ତୁଷାର ପଟ୍ଟନାୟକ ଓ ଅନ୍ୟାନ୍ୟ ଘରୋଇ ବସ୍ ମାଲିକମାନେ ଉପସ୍ଥିତ ଥିଲେ।

## ୪୬ ଅଭିଯୋଗର ଶୁଣାଣି

ବଇଣ୍ଡା,୧୯।୧(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ସଭାଗୃହ ପରିସରରେ ସୋମବାର ଜିଲା ପ୍ରଶାସନ ପକ୍ଷରୁ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଗୋଳ ଜିଲାପାଳ ଅବଦଲ ମୁହମଦ ଅଖତାର ଯୋଗଦେଇ ୪୬ଟି ଅଭିଯୋଗର ଶୁଣାଣି କରିବା ସହ ସମସ୍ତ ଅଭିଯୋଗ କିପରି ସମାଧାନ ହେବ ସେ ନେଇ ବିଭାଗୀୟ ଅଧିକାରୀମାନେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ଏଥିରେ ଅନୁଗୋଳ ଏସ୍‌ପି ରାହୁଲ ଜୈନ, ଆଠମଲ୍ଲିକ ଉପ ଜିଲାପାଳ ଉପେନ୍ଦ୍ର ଲୁହା, ପିଡି ଦେବଦତ୍ତ ମହନ୍ତ, କିଶୋରନଗର ବିଡିଓ ସୁବ୍ରତ କୁମାର ବେହେରା, ଜିଲା ପରିଷଦ ସଭାପତି ବବିତା ପ୍ରଧାନ, କିଶୋରନଗର ତହସିଲଦାର ବିକ୍ରମ କୁମାର ନାୟକ, କିଶୋରନଗର ବ୍ଲକ ଉପାଧ୍ୟକ୍ଷ ଲବ କୁମାର ପ୍ରଧାନଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ।

## ଶିକ୍ଷକ ସଂଘ ପକ୍ଷରୁ ସହାୟତା ପ୍ରଦାନ


ମୃତ ଶିକ୍ଷକଙ୍କ ସ୍ତ୍ରୀଙ୍କୁ ସହାୟତା ରାଶି ପ୍ରଦାନ କରାଯାଉଛି।

ବଇଣ୍ଡା,୧୯।୧(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ଲୁହାମୁଣ୍ଡା ଗୁଣ୍ଡପଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟ କରୁଥିବା ପ୍ରଧାନଶିକ୍ଷକ ଲୋକନାଥ ନାୟକଙ୍କ ପରଲୋକ ହୋଇଯାଇଥିବାବେଳେ ତାଙ୍କ ପରିବାରକୁ ବ୍ଲକ ଶିକ୍ଷକ ସଂଘ ପକ୍ଷରୁ ସହାୟତା ପ୍ରଦାନ କରାଯାଇଛି। ଶିକ୍ଷକ ସଂଘ ସଦସ୍ୟ ଗୋପାଳ ବେହେରା, ଶୁକଦେବ ନାୟକ, ରଞ୍ଜିତ ପ୍ରଧାନ, ଅରୁଣ ବାଘ ମୃତ ଶିକ୍ଷକଙ୍କ ରାଇପାଳସ୍ଥିତ ବାସଭବନରେ ପହଞ୍ଚି ତାଙ୍କ ସ୍ତ୍ରୀଙ୍କୁ ସହାୟତା ରାଶି ପ୍ରଦାନ କରିଥିଲେ। ସରକାରଙ୍କ ପକ୍ଷରୁ ସମସ୍ତ ସହାୟତା କିପରି ଶୀଘ୍ର ଯୋଗାଇ ଦିଆଯିବ ସେ ନେଇ ସଂଘ ମାଧ୍ୟମରେ ଉଦ୍ୟମ କରାଯିବ ବୋଲି କହିଥିଲେ।

## ଧାନ ମଣ୍ଡି ସମସ୍ୟାର ସମାଧାନ ଦାବି

ଢେଙ୍କାନାଳ,୧୯।୧(ରତନ ନାୟାର)

ଢେଙ୍କାନାଳ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ପକ୍ଷରୁ ଧାନ ମଣ୍ଡି ପରିଦର୍ଶନ ଏବଂ ସଚେତନତା କାର୍ଯ୍ୟକ୍ରମ ସୋମବାର ଗଁଦିଆ ବ୍ଲକ ଯୋରନ୍ଦା ଅଞ୍ଚଳରେ ଅନୁଷ୍ଠିତ ହୋଇଯାଇଛି। ଜିଲାରେ ଧାନ ମଣ୍ଡି ଅନେକ ଦିନରୁ ଉଦ୍‌ଘାଟନ ହୋଇଥିଲେ ମଧ୍ୟ ଚାଷୀମାନେ ଧାନ ଦେଇପାରୁନାହାନ୍ତି। କେଉଁଠି ସରକାରୀ ବ୍ୟବସ୍ଥା ଠିକ୍ ନାହିଁ ତ କେଉଁଠି ମିଲରମାନେ ଧାନ କିଣିବାକୁ ଆସୁନାହାନ୍ତି। ଦୁଇ ମାସ ପୂର୍ବରୁ ଚାଷୀ ଧାନ ଅମଳ କରି ଖୋଲାଆକାଶ ତଳେ ରଖିଛନ୍ତି। ବେଶୀ ଦିନ ଧାନ ରହିଯିବା ଫଳରେ ତାହାର ଗୁଣାତ୍ମକ ମାନ ହ୍ରାସ ପାଉଥିବା ବେଳେ ମୂଷା ଓ ହାତୀ ମାନଙ୍କ କବଳରୁ ରକ୍ଷା କରିବା କଷ୍ଟ ହୋଇପଡିଛି। ମଣ୍ଡିରେ ଅନେକ ସ୍ଥାନରେ ଚାଷୀମାନଙ୍କ ପାଇଁ ଜଳପାନ ବ୍ୟବସ୍ଥା କରାଯାଇନାହିଁ। ଚାଷୀମାନେ ମଣ୍ଡିରେ ଦେଉଥିବା ଧାନବସ୍ତାର ମୂଲ୍ୟ ଫେରସ୍ତ ପାଇବା ପାଇଁ ଦୀର୍ଘ ଦିନରୁ ଦାବି କରି ଆସୁଛନ୍ତି। ଫଳରେ ଚାଷୀର ଆର୍ଥିକ ସ୍ଥିତି ଦୁର୍ବଳ ହୋଇପଡୁଛି। ଏହି କାର୍ଯ୍ୟକ୍ରମରେ ଢେଙ୍କାନାଳ ସଂସଦୀୟ କ୍ଷେତ୍ର ସଭାପତି ପଙ୍କଜ ନାୟକ, ସଦର ନିର୍ବାଚନ ମଣ୍ଡଳୀ ସଭାପତି ଚିତ୍ତରଞ୍ଜନ ପାଣି, ଜିଲା ସମ୍ପାଦକ ଅନିଲ ସାମଲ, ଯୋରନ୍ଦା ଜୋନ୍ ସଭାପତି ପ୍ରଶାନ୍ତ ଦାସ, ସଦସ୍ୟ ପୀତାମ୍ବର ସାମନ୍ତରାୟ ଓ ଜୟଦେବ ବେହେରା ପ୍ରମୁଖ ସାମିଲ ହୋଇ ଚାଷୀମାନଙ୍କ ସମସ୍ୟା ସମାଧାନ ପାଇଁ ଦାବି କରିଛନ୍ତି। ଏଥିସହିତ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ବିଜୁଳି, ରୋଜଗାର ଓ କୃଷି ସମସ୍ୟାକୁ ନେଇ ଏକ କ୍ୟାଲେଣ୍ଡର ମାଧ୍ୟମରେ ସଚେତନ କରାଯାଇଥିଲା।


ଧାନ ମଣ୍ଡି ପରିଦର୍ଶନ କରୁଛନ୍ତି ଏଏପି କର୍ମକର୍ତ୍ତା।

## ବଙ୍ଗଳା ନିର୍ମାଣ ପାଇଁ ଜମି ଦେଖିଲେ ଜିଲାପାଳ


ବଙ୍ଗଳା ନିର୍ମାଣ ସ୍ଥାନ ପରିଦର୍ଶନ କରୁଛନ୍ତି ଜିଲାପାଳ।

ବଇଣ୍ଡା,୧୯।୧(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ବଇଣ୍ଡାଠାରେ ପୂର୍ତ୍ତ ବିଭାଗ ବଙ୍ଗଳା ନିର୍ମାଣ ପାଇଁ ସୋମବାର ଜାଗା ବୁଲି ଦେଖିଛନ୍ତି ଜିଲାପାଳ ଅବଦଲ ମୁହମଦ ଅଖତାର। ନୁନୁକାପଶି ମୌଜାଠାରେ ଥିବା ଜମିକୁ ଦେଖିବା ସହ କିପରି ବଙ୍ଗଳା ନିର୍ମାଣ ହେବ ସେ ନେଇ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ନୁନୁକାପଶି ମୌଜାରେ ଥିବା ସରକାରୀ ଜମିରୁ ଗୋଟିଏ ଏକର ପୂର୍ତ୍ତ ବିଭାଗ ବଙ୍ଗଳା ନିର୍ମାଣ ପାଇଁ ଯୋଗାଇ ଦିଆଯାଇଥିବାବେଳେ ବିଭାଗ ପକ୍ଷରୁ ରାସ୍ତା ପ୍ରସ୍ତୁତ କରାଯାଇଥିଲା। ଜିଲାପାଳଙ୍କ ସହ ଏସ୍‌ପି ରାହୁଲ ଜୈନ, ଆଠମଲ୍ଲିକ ଉପଜିଲାପାଳ ଉପେନ୍ଦ୍ର ଲୁହା, ତହସିଲଦାର ବିକ୍ରମ ନାୟକ, ପୂର୍ତ୍ତ ବିଭାଗ ଏସ୍‌ଡିଓ ସହରାଇ ସିଂ, କିଶୋରନଗର ତହସିଲ କୋର୍ଟ ଅମିନ ଜପୁନ କୁମାର ପ୍ରଧାନ, କିଶୋରନଗର ତହସିଲ ରାଜସ୍ୱ ପରିଦର୍ଶକ ସର୍ବେଶ୍ୱର ସାହୁ, ବଇଣ୍ଡା ରାଜସ୍ୱ ଅମିନ ଜିତେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଶ୍ରୀଗୁଣ୍ଡିଚା ଭଜନ ସମାରୋହ କମିଟିର ଶୋକସଭା


ଶ୍ରୀଗୁଣ୍ଡିଚା ଭଜନ ସମାରୋହ କମିଟିର ଶୋକସଭା ଅବସରରେ କର୍ମକର୍ତ୍ତାମାନେ।

ଢେଙ୍କାନାଳ,୧୯।୧(ରତନ ନାୟାର)

ଢେଙ୍କାନାଳର ଶ୍ରୀଗୁଣ୍ଡିଚା ଭଜନ ସମାରୋହ କମିଟି ପକ୍ଷରୁ ସୋମବାର ଅପରାହ୍ନ ୫ଟାରେ ସ୍ଥାନୀୟ ଦଧିବାବନ ଜୀଉ ମଠ ପ୍ରାଙ୍ଗଣରେ ଏକ ଶୋକସଭା ସହ ପରଲୋକଗତ ବଂଶୀବାଦକ ଗଗନ ବିହାରୀ ନନ୍ଦଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ସେ ଦୀର୍ଘବର୍ଷ ଧରି କୁଞ୍ଜକାନ୍ତ କ୍ରିଷ୍ଣାବଜାର ପୂଜା କମିଟିର ସଭାପତି ରହିଥିଲେ। ଶ୍ରୀଗୁଣ୍ଡିଚା ଭଜନ ସମାରୋହ କମିଟିର ସୃଷ୍ଟିକର୍ତ୍ତା ରହି ୨୭ବର୍ଷ ନିରବଚ୍ଛିନ୍ନ ଭାବରେ ବରିଷ୍ଠ ଉପଦେଷ୍ଟା ଭାବେ କାର୍ଯ୍ୟ କରିଥିଲେ। ତାଙ୍କର ପରଲୋକରେ ଜିଲାର ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ଓ ଶ୍ରୀଗୁଣ୍ଡିଚା ଭଜନ ସମାରୋହ କମିଟିର ଅପୂରଣୀୟ କ୍ଷତି ଘଟିଲା ବୋଲି ସଦସ୍ୟମାନେ ମତ ଦେଇଥିଲେ। ପ୍ରାରମ୍ଭରେ ଅମରଆତ୍ମାର ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। କମିଟି ସଭାପତି ରୁଦ୍ରାନ୍ତ ଦଳେଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶୋକସଭାରେ ସଂଗ୍ରାମ କେଶରୀ ପାଣି, ଅବନୀ ମିଶ୍ର, ଗୋପାଳଚନ୍ଦ୍ର ପାତ୍ର, ସଦାଶିବ ମହାପାତ୍ର, ଦେବାଶିଷ ମିଶ୍ର, ସତ୍ୟ ନାରାୟଣ କର, ସତ୍ୟ ସ୍ୱରୂପ ଦାସ, ଟଙ୍କଧର ବେହେରା, ରଞ୍ଜନ କୁମାର ନାୟକ, ଦୁଷ୍ମନ୍ତ ମହାନ୍ତି, ଶ୍ୟାମସୁନ୍ଦର ସାହୁ, ଚିତ୍ତରଞ୍ଜନ ସାହୁ, ବିକାଶ ନାୟକଙ୍କ ସମେତ ବହୁ ବ୍ୟକ୍ତି ଯୋଗଦେଇ ସ୍ମୃତିଚାରଣ କରିଥିଲେ। ସମ୍ପାଦକ ମହମ୍ମଦ ସାଗିର ଧନ୍ୟବାଦ ଦେଇଥିଲେ।

## ଟ୍ରେଲର ଧକ୍କାରେ ଜଣେ ମୃତ

ବଇଣ୍ଡା,୧୯।୧(ପରିକ୍ଷିତ ସାହୁ)

କଟକ-ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥର ହଣ୍ଡପା ଥାନା କମରେଇ ନିକଟରେ ଏକ ଟ୍ରେଲର ଧକ୍କାରେ ରାଜସ୍ଥାନ ରାଜ୍ୟର ମହାବୀର କୁମାରଙ୍କ ମୃତ୍ୟୁ ହୋଇଛି। ସୂଚନା ଅନୁଯାୟୀ, ରବିବାର ସନ୍ଧ୍ୟାରେ କମରେଇ ନିକଟରେ ମହାବୀର ରାସ୍ତା କାମ କରୁଥିବା ବେଳେ ଅନୁଗୋଳରୁ ସମ୍ବଲପୁର ଅଭିମୁଖେ ଯାଉଥିବା ଏକ ଟ୍ରେଲର (ନଂ. ଏନ୍‌ଏଲ୍‌୦୧ ଏଜି-୩୭୭୫) ତାଙ୍କୁ ପଛରୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ସେଠାରେ ସୋମବାର ତାଙ୍କର ମୃତ୍ୟୁ ହୋଇଯାଇଛି। ହଣ୍ଡପା ପୋଲିସ ମୃତଦେହ ଜବତ କରିବା ସହ ନମ୍ବର ୨୯/୨୬ରେ ଏକ ମାମଲା ରୁଜୁ କରିଛି।

## ଯୁଆଙ୍ଗ ଆଦିବାସୀଙ୍କ ଉନ୍ନୟନ କାର୍ଯ୍ୟ ଅଗ୍ରଗତି ନେଇ ବୈଠକ


ଉନ୍ନତିମୂଳକ କାର୍ଯ୍ୟର ଅଗ୍ରଗତି ପାଇଁ ଅନୁଷ୍ଠିତ ବୈଠକରେ ଅଧିକାରୀମାନେ।

ଢେଙ୍କାନାଳ,୧୯।୧(ରତନ ନାୟାର)

ଢେଙ୍କାନାଳ ଜିଲାରେ ଯୁଆଙ୍ଗ ଆଦିବାସୀଙ୍କ ଉନ୍ନତିମୂଳକ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଗତ ୧୨ ତାରିଖରେ ଅତିରିକ୍ତ ଜିଲାପାଳ(ସାଧାରଣ) ରମେଶଚନ୍ଦ୍ର ସେଠୀଙ୍କ ଅଧ୍ୟକ୍ଷତାରେ ବିଭାଗୀୟ ଅଧିକାରୀମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ, ଗ୍ରାମ୍ୟ ବିଭାଜନ, ଟିପିସିଓଡିଏଲ୍ ଏବଂ ସମସ୍ତ ବିଡିଓଙ୍କୁ ଜୁଆଙ୍ଗ ଆଦିବାସୀମାନଙ୍କ ଉନ୍ନତିମୂଳକ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ନିଜ ନିଜ ବିଭାଗର ପ୍ରସ୍ତାବଗୁଡ଼ିକ ବିଷୟରେ ଯାଞ୍ଚ କରିବାକୁ ଅନୁରୋଧ କରାଯାଇଥିଲା। ଜଙ୍ଗଲ ଅଧିକାର ନିୟମ ଅନୁଯାୟୀ କେସ୍ ଗୁଡ଼ିକ ସମ୍ପର୍କରେ ଯାଞ୍ଚ ଆରମ୍ଭ ହୋଇଛି। ସ୍ଥାନୀୟ ରାଜସ୍ୱ ନିରୀକ୍ଷକ, ଫରେଷ୍ଟର ଏବଂ ମଙ୍ଗଳ ଅଧିକାରୀ ଏକତ୍ର ଭାବରେ ଜଙ୍ଗଲ ଅଧିକାର ନିୟମ ଅନୁଯାୟୀ ଯଥାଶୀଘ୍ର କେସ୍ ଗୁଡ଼ିକର ଯାଞ୍ଚ କରିବେ। ମାସକ ମଧ୍ୟରେ ଯୁଆଙ୍ଗ ଗ୍ରାମଗୁଡ଼ିକୁ ତୁରନ୍ତ ଭଲ ପକ୍କା ରାସ୍ତା କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଯୁଆଙ୍ଗ ଅଧିବାସୀ ଗ୍ରାମ ଗୁଡିକରେ ତୁରନ୍ତ ପାଣି ବ୍ୟବସ୍ଥା କରାଯିବା ପାଇଁ ଗୁରୁତ୍ୱ ପ୍ରଦାନ କରାଯାଇଛି। ସେମାନଙ୍କ ଘରଗୁଡ଼ିକରୁ ତୁରନ୍ତ ବିଦ୍ୟୁତ୍ ବ୍ୟବସ୍ଥା କରାଇ ରିପୋର୍ଟ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ବୈଠକର ବିବରଣୀ ସୋମବାର ଆଇନଜୀବୀ ଦେବାଶିଷ ହୋତାଙ୍କୁ ପ୍ରଦାନ କରାଯାଇଛି। କିଛିଦିନ ତଳେ ଜିଲାର ସମସ୍ତ ବ୍ଲକରେ ଥିବା ୧୭୪ଟି ଗ୍ରାମରୁ ପ୍ରାୟ ୫ ହଜାର ଯୁଆଙ୍ଗ ଆଦିବାସୀ ଉଚ୍ଚ ଆଇନଜୀବୀ ଦେବାଶିଷ ହୋତାଙ୍କ ନେତୃତ୍ୱରେ ଜିଲାପାଳଙ୍କ ଜନଶୁଣାଣି ଶିବିରରେ ଏ ସମ୍ପର୍କରେ ଅଭିଯୋଗ କରିଥିଲେ।

# ମେଲବୋର୍ନରେ ଜୋକୋଭିଚ୍‌ଙ୍କ ଶତକ



ନୋଭାକ ଜୋକୋଭିଚ୍‌

**ଅଷ୍ଟ୍ରେଲିଆନ ଓପନ ଟେନିସ**

**ମେଲବୋର୍ନ, ୧୯।୧ (ଏପି)**

ସିଜନର ପ୍ରଥମ ଗ୍ରାଣ୍ଡସ୍ଲାମ ଅଷ୍ଟ୍ରେଲିଆନ ଓପନ ଟେନିସ ପୁରୁଷ ସିଙ୍ଗଲ୍ସର ପ୍ରଥମ ରାଉଣ୍ଡରେ ସର୍ବୀୟ ଟେନିସ ଷ୍ଟାର ନୋଭାକ୍ ଜୋକୋଭିଚ୍ ୬-୩, ୬-୨, ୬-୨ରେ ସ୍ପେନର ପେଡ୍ରୋ ମାର୍ଟିନେଜଙ୍କୁ ହରାଇ ତାଙ୍କ ଅଭିଯାନ ଆରମ୍ଭ କରିଛନ୍ତି। ମେଲବୋର୍ନରେ ତାଙ୍କର ଶତକ ମ୍ୟାଚ୍ ବିଜୟ ହାସଲ କରିଛନ୍ତି। ଫଳରେ ଏହି ୩୮ବର୍ଷୀୟ ୪ଟି ଗ୍ରାଣ୍ଡସ୍ଲାମ ମଧ୍ୟରୁ ୩ଟିରେ ଶତକ ମ୍ୟାଚ ବିଜୟ ହାସଲ କରିବାର ଏକ ଗୌରବ ଅର୍ଜନ କରିଛନ୍ତି। ପୁରୁଷ ସିଙ୍ଗଲ୍ସରେ ବିଜୟ ଲାଭ କରିଥିବା ଅନ୍ୟ ଖେଳାଳିମାନଙ୍କ ମଧ୍ୟରେ ଅଛନ୍ତି ଆଲେକ୍ସ ଡି' ମିନାଉର, ଡାନିଲ ମେଡଭେଡେଭ, କାସ୍ପର ରୁଡ୍, ଜୋର୍ଡାନ ଥମ୍ପସନ, ମାରିନ୍ ସିଲିକ୍, ଆଲେକ୍‌ଜାଣ୍ଡର ଶେଭଚେଙ୍କୋ ପ୍ରମୁଖ ଅନ୍ୟତମ ରହିଛନ୍ତି।

### ସ୍ୱିଟେକ୍, ଗଫ୍, ଆନିମିସୋଭା ବିଜୟୀ

ଅନ୍ୟପକ୍ଷରେ ମହିଳା ସିଙ୍ଗଲ୍ସ ଇଗା ସ୍ୱିଟେକ ଭଲରୂପେ ଜାଣନ୍ତି ପ୍ରଥମ ଅଷ୍ଟ୍ରେଲିଆ ଟାଇଟଲ ଏବଂ ଏକ କ୍ୟାରିୟର ଗ୍ରାଣ୍ଡସ୍ଲାମ ଜିତିବାକୁ ହେଲେ ତାଙ୍କୁ ଅନେକ କିଛି କରିବାକୁ ପଡ଼ିବ। ସୋମବାର ଅନୁଷ୍ଠିତ ଏକ ମହିଳା ସିଙ୍ଗଲ୍ସ ପ୍ରଥମ ରାଉଣ୍ଡର ମ୍ୟାଚରେ ଦ୍ୱିତୀୟ ର୍‍ୟାଙ୍କିଂପ୍ରାପ୍ତ ସ୍ୱିଟେକ୍ ୭-୬(୫), ୬-୩ ସେଟ୍‌ରେ ୧୩୦ ର୍‍ୟାଙ୍କିଂପ୍ରାପ୍ତ ଚାଇନିଜ କ୍ୱାଲିଫାୟର ୟୁଆନ ୟୁଇ'ଙ୍କୁ ହରାଇ ଦେଇଛନ୍ତି। ଗତବର୍ଷ ୱିମ୍ବଲଡନ ଜିତିବା ପରେ ସେ ତାଙ୍କ ୪ର୍ଥ ଫ୍ରେଞ୍ଚ ଓପନ ଟାଇଟଲ ଜିତିଥିଲେ। ୨୦୨୨ରେ ୪ଟି ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ମଧ୍ୟରୁ ସେ କେବଳ ୟୁଏସ୍ ଓପନ ଓ ଅଷ୍ଟ୍ରେଲିଆନ ଓପନ ଜିତିପାରି ନ ଥିଲେ। ଏହି ଦୁଇଟି ଟୁର୍ନାମେଣ୍ଟରେ ସେ ଦୁଇଥର ସେମିଫାଇନାଲରେ ପ୍ରବେଶ କରିପାରିଛନ୍ତି। ବିଶ୍ୱର ୩ ନମ୍ବର କୋକୋ ଗଫ୍ ସୋମବାର ତାଙ୍କ ପ୍ରଥମ ରାଉଣ୍ଡ ମ୍ୟାଚରେ ସଂଘର୍ଷପୂର୍ଣ୍ଣ ବିଜୟ ହାସଲ କରିଛନ୍ତି। ରଡ୍ ଲାଭର ଆରେନାଠାରେ ସେ କାମିଲା ରାଖିମୋଭାଙ୍କୁ ୬-୨, ୬-୩ସେଟ୍‌ରେ ହରାଇ ଦେଇଛନ୍ତି। ସ୍ୱିଟେକଙ୍କ ଭଳି ଗଫ୍ ଦୁଇ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିଛନ୍ତି। ମେଲବୋର୍ନ ପାର୍କରେ ସେ କିନ୍ତୁ ଥରେ ହେଲେ ସେମିଫାଇନାଲ ଅତିକ୍ରମ କରିପାରି ନାହାନ୍ତି। ସେହିପରି ଆମେରିକା ତଥା ବିଶ୍ୱର ୪ ନମ୍ବର ଖେଳାଳି ଆମାଣ୍ଡା ଆନିମିସୋଭା ତାଙ୍କ ପ୍ରଥମ ରାଉଣ୍ଡ ମ୍ୟାଚରେ ସୁଇଜରଲାଣ୍ଡର ସିମୋନ ୱାଲ୍‌ଟର୍ଟଙ୍କୁ ୬-୩, ୬-୨ରେ ହରାଇ ଦେଇଛନ୍ତି। ସୋମବାର ମହିଳା ସିଙ୍ଗଲ୍ସରେ ସେମାନଙ୍କ ପ୍ରଥମ ରାଉଣ୍ଡ ମ୍ୟାଚ ଜିତିଥିବା ଅନ୍ୟ ଖେଳାଳିମାନେ ହେଲେ ୬ ନମ୍ବର ଜେସିକା ପେଗୁଲା, ୮ ନମ୍ବର ମୀରା ଆନ୍ଡ୍ରିଭା, ୧୭ ନମ୍ବର ଭିକ୍ଟୋରିଆ ଏମ୍‌ବୋକୋ ଓ ନମ୍ବର ୨୫ ପାଉଲା ବଦୋସା।

# ହକି ଇଣ୍ଡିଆ ଲିଗ୍: ପ୍ଲେଅଫ୍‌ରେ ରାଞ୍ଚି ରୟାଲ୍ସ



ଏଚ୍‌ଆଇଏଲ୍ ଜିସି ବିପକ୍ଷରେ ବିଜୟ ପରେ ଉଲ୍ଲସିତ ରାଞ୍ଚି ରୟାଲ୍ସ ଦଳର ଖେଳାଳିମାନେ। (ଫଟୋ: ବିକାଶ ନାୟକ)

**ଭୁବନେଶ୍ୱର, ୧୯।୧ (ଅନାଦି କର)**

ଚଳିତ ହକିଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ)ରେ ସୋମବାର କଳିଙ୍ଗ ଷ୍ଟାଡିୟମରେ ଖେଳାଯାଇଥିବା ଏକ ରୋମାଞ୍ଚକ ଲିଗ୍ ମ୍ୟାଚ୍‌ରେ ରାଞ୍ଚି ରୟାଲ୍ସ ଶୁଟ ଆଉଟ୍‌ରେ ୪-୧ ଗୋଲରେ ଏଚ୍‌ଆଇଏଲ୍ ଜିସିକୁ ପରାସ୍ତ କରିଛି। ନିର୍ଦ୍ଧାରିତ ସମୟ ସୁଦ୍ଧା ମ୍ୟାଚ୍ ୪-୪ ଗୋଲରେ ବରାବର ରହିଥିଲା। ଏହି ବିଜୟ ସହ ରାଞ୍ଚି ରୟାଲ୍ସ ଦ୍ୱିତୀୟ ଦଳ ଭାବେ ପ୍ଲେଅଫ୍‌ରେ ସ୍ଥାନ ପକ୍କା କରିଛି। ଏଥିପୂର୍ବରୁ ପ୍ରଥମ ଦଳ ଭାବେ ବେଦାନ୍ତ କଳିଙ୍ଗ ଲାନ୍ସର୍ସ ପ୍ଲେଅଫ୍‌କୁ କ୍ୱାଲିଫାଏ କରିଥିଲା। ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରି, ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର, ରାକେଶ ଚୌଧୁରୀ, ଅଲିମ୍ପିଆନ ଲାଜରୁସ ବାର୍ଲା, ହକି ଇଣ୍ଡିଆ ନିର୍ଦ୍ଦେଶକ ବି. ଏନ. ଭୂଷଣ ଅତିଥି ଭାବେ ଯୋଗ ଦେଇ ମ୍ୟାଚ୍ ଆରମ୍ଭରୁ ଉଭୟ ଦଳର ଖେଳାଳିଙ୍କ ସହ ହାତ ମିଳାଇଥିଲେ।

ଦୁଇ ଦଳ ମ୍ୟାନ ଟୁ ମ୍ୟାନ ମାର୍କିଂ ରଣନୀତି ସହିତ ମ୍ୟାଚ୍‌କୁ ଓହ୍ଲାଇଥିଲେ। କିନ୍ତୁ ଉଭୟ ଦଳର ଡିଫେନ୍ସ ଲାଇନ ଓ ଗୋଲକିପରଙ୍କ ଭଲ ପ୍ରଦର୍ଶନ ଯୋଗୁ ପ୍ରଥମ କ୍ୱାର୍ଟର ଗୋଲ୍ ଶୂନ୍ୟ ଭାବେ ଶେଷ ହୋଇଥିଲା। ଦ୍ୱିତୀୟ କ୍ୱାର୍ଟରରେ ଏଚ୍‌ଆଇଏଲ୍ ଜିସିକୁ ମ୍ୟାଚ୍‌ର ପ୍ରଥମ ପେନାଲ୍ଟି କର୍ନର (ପିସି) ମିଳିଥିଲା। ହେଲେ ପ୍ରତିପକ୍ଷ ଗୋଲକିପର ସୂରଜ କର୍କେରା ଏହାକୁ ବେକାର କରି ଦେଇଥିଲେ। ଏହାର ୧ ମିନିଟ୍ ପରେ ରାଞ୍ଚି ଦଳକୁ ମିଳିଥିଲା ତା'ର ପ୍ରଥମ ପିସି, ଯାହାକୁ ଅଧିନାୟକ ଟମ ବୁନ ଗୋଲରେ ପରିଣତ କରିଥିଲେ। ମାତ୍ର ରେଫରି ଏହାକୁ ନାକଚ କରି ଦେଇଥିଲେ। ମ୍ୟାଚ୍‌ର ୧୯ତମ ମିନିଟ୍‌ରେ ଅରାଇଜିତ ସିଂ ହୁଣ୍ଡଲ ଏକ ଚମତ୍କାର ଫିଲ୍ଡ ଗୋଲ ଦେଇ ରାଞ୍ଚି ଦଳକୁ ୧-୦ ଗୋଲର ଅଗ୍ରଣୀ ଆଣି ଦେଇଥିଲେ। ଏହାର ୫ ମିନିଟ୍ ପରେ ଏଚ୍‌ଆଇଏଲ୍ ଦଳକୁ ଦ୍ୱିତୀୟ ପିସି ମିଳିଥିଲା। ଏହାକୁ ଲଳିତ କୁମାର ଉପାଧ୍ୟାୟ ଗୋଲରେ କନଭର୍ଟ କରିଥିଲେ। ଫଳରେ ପ୍ରଥମାର୍ଦ୍ଧ ଶେଷ ସୁଦ୍ଧା ସ୍କୋର ଲାଇନ ବରାବର ରହିଥିଲା। ତୃତୀୟ କ୍ୱାର୍ଟରର ୩୨ତମ ମିନିଟ୍‌ରେ ହୁଣ୍ଡଲ ରାଞ୍ଚି ପାଇଁ ଦ୍ୱିତୀୟ ଗୋଲ କରିଥିଲେ। ହେଲେ ଏହାର ୫ ମିନିଟ୍ ମଧ୍ୟରେ ଏଚ୍‌ଆଇଏଲ୍ ପାଇଁ କେନ ରସେଲ (୩୬ତମ) ପିସି ଜରିଆରେ ଗୋଲ କରିଥିବା ବେଳେ ସୁଦୀପ ଚିରମାକୋ (୩୯ତମ) ଏକ ଚମତ୍କାର ଫିଲ୍ଡ ଗୋଲ ସ୍କୋର କରିଥିଲେ। ତୃତୀୟ କ୍ୱାର୍ଟର ଶେଷ ଆଡ଼କୁ ସାମ ଲେନ (୪୦ତମ) ରାଞ୍ଚି ପାଇଁ ତୃତୀୟ ଗୋଲ ଦେଇଥିଲେ। ଚତୁର୍ଥ କ୍ୱାର୍ଟରରେ ରାଞ୍ଚି ଡିଫେନ୍ସ ଲାଇନ ତ୍ରୁଟିର ଫାଇଦା ଉଠାଇ ଲଳିତ (୫୩ତମ) ଏଚ୍‌ଆଇଏଲ୍ ପାଇଁ ଚତୁର୍ଥ ଗୋଲ କରିଥିଲେ। ୫୫ତମ ମିନିଟ୍‌ରେ ଏଚ୍‌ଆଇଏଲ୍‌କୁ ଲଗାତର ମିଳିଥିବା ୫ଟି ପିସି ବେକାର ସାବ୍ୟସ୍ତ ହୋଇଥିଲା। ୫୭ତମ ମିନିଟରେ ରାଞ୍ଚିକୁ ମିଳିଥିବା ପିସିକୁ ଟମ ବୁନ ଗୋଲରେ କନଭର୍ଟ କରି ସ୍କୋର ଲାଇନକୁ ୪-୪ ଗୋଲରେ ବରାବର କରିଥିଲେ। ଶୁଟ୍ ଆଉଟ୍ ପର୍ଯ୍ୟାୟରେ ରୟାଲ୍ସ ପାଇଁ ବିଷ୍ଣୁକାନ୍ତ ସିଂ, ସାମ ଲେନ, ମାକ୍ସିମ ଭାନ ଓଷ୍ଟ, ଟମ ବୁନ ସ୍କୋର କରିଥିଲେ। ଅନ୍ୟପକ୍ଷରେ ଏଚ୍‌ଆଇଏଲ୍ ପାଇଁ ଅଜିତ ସିଂ ସ୍କୋର କରିଥିବା ବେଳେ ଗୁର୍ଜୋତ ସିଂ ଓ ଦରାଘ ୱାଲ୍ସ ବିଫଳ ହୋଇଥିଲେ। ଏହି ବିଜୟ ଯୋଗୁ ରାଞ୍ଚି ୬ ମ୍ୟାଚ୍‌ରେ ୧୧ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନକୁ ଉଠିଛି।

# ଦିବ୍ୟଦର୍ଶିନୀ ଓଡ଼ିଶା ଅଧିନାୟିକା

**ବିସିସିଆଇ ସିନିୟର ମହିଳା ଦିନିକିଆ କ୍ରିକେଟ**

**ଭୁବନେଶ୍ୱର, ୧୯।୧ (ତପନ ସ୍ୱାଇଁ)**

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଆନୁକୂଲ୍ୟରେ ରାଜକୋଟରେ ହେବାକୁଥିବା ସିନିୟର ଦିନିକିଆ ମହିଳା କ୍ରିକେଟ ଟୁର୍ନାମେଣ୍ଟ ପାଇଁ ଓଡ଼ିଶା ମହିଳା କ୍ରିକେଟ ଦଳ ସୋମବାର ଘୋଷିତ ହୋଇଛି। ଓଡ଼ିଶା ମହିଳା ସିନିୟର ଚୟନ କମିଟି ଅଧ୍ୟକ୍ଷ ସସ୍ମିତା ପଟ୍ଟନାୟକ ଘୋଷଣା କରିଥିବା ଦଳରେ ସୁଶ୍ରୀ ଦିବ୍ୟଦର୍ଶିନୀଙ୍କୁ ଅଧିନାୟିକା ମନୋନୀତ କରାଯାଇଛି। ରାଜକୋଟସ୍ଥିତ ସାନୋସାରା କ୍ରିକେଟ ଗ୍ରାଉଣ୍ଡ(ବି)ରେ ଫେବୃଆରୀ



୬ରେ ମଧ୍ୟ ପ୍ରଦେଶ ବିପକ୍ଷରେ ମ୍ୟାଚ ଖେଳି ଓଡ଼ିଶା ଏହାର ଅଭିଯାନ ଆରମ୍ଭ କରିବ। ଏଲିଟ ଗ୍ରୁପ୍ 'ଏ'ରେ ସ୍ଥାନ ପାଇଥିବା ଓଡ଼ିଶା ଏହାପରେ ଫେବୃଆରୀ ୮ରେ ଆସାମ, ୧୦ରେ ଉତ୍ତର ପ୍ରଦେଶ, ୧୨ରେ କର୍ଣ୍ଣାଟକ, ୧୪ରେ ପଣ୍ଡିଚେରୀ, ୧୬ରେ ବରୋଦା ଓ ୧୮ରେ ମହାରାଷ୍ଟ୍ର ବିପକ୍ଷରେ ଖେଳିବ।

**ଓଡ଼ିଶା ଦଳ:** ସୁଶ୍ରୀ ଦିବ୍ୟଦର୍ଶିନୀ (ଅଧିନାୟିକା), ତନ୍ମୟୀ ବେହେରା (ଉପ ଅଧିନାୟିକା), ଅଞ୍ଜଲି ସିଂ, ଇନ୍ଦ୍ରାଣି ଛତ୍ରିଆ, ଜ୍ୟୋତି କୁମାରୀ ପ୍ରସାଦ, ମାଧୁରୀ ମେହେଟା, ମୋନାଲିସା ରାଉତ, ରାମେଶ୍ୱରୀ ନାଏକ, ରାଣୀ ଗୁଡ୍ଡୁ, ରଶ୍ମିତା ଚିନ୍ନାରା, ରୀମାଲକ୍ଷ୍ମୀ ଏକ୍କା, ଏସ୍.ବି. ଲରେନ୍ସ, ସଙ୍ଗୀତା ଖାଡ଼ିଆ, ସରିତା ମେହେର, ଶିଳ୍ପା ସ୍ୱାଇଁ, ଶୁଭ୍ରା ନିର୍ଝରିଣୀ ସ୍ୱାଇଁ, ତରନ୍ନା ପ୍ରଧାନ, ନିବେଦିତା ଜନ୍ ନାଏକ (ସବ୍‌ଜେକ୍ଟ ଟୁ ଫିଟ୍‌ନେସ)।

# ପଞ୍ଜାବ ପାଇଁ ରଣଜୀ ଖେଳିବେ ଗିଲ୍

**ନୂଆଦିଲ୍ଲୀ,୧୯।୧:** ନ୍ୟୁଜିଲାଣ୍ଡଠାରୁ ୨-୧ ବ୍ୟବଧାନରେ ଦିନିକିଆ ସିରିଜ୍‌ରେ ପରାଜିତ ହେବା ପରେ ଭାରତର ଟେଷ୍ଟ ଓ ଦିନିକିଆ ଅଧିନାୟକ ଶୁବମନ ଗିଲ୍ କ୍ରିକେଟରୁ ବ୍ରେକ ନେବା ବଦଳରେ ରଣଜୀ ଟ୍ରଫିରେ ଖେଳିବାକୁ ନିଷ୍ପତ୍ତି ନେଇଛନ୍ତି। ଆସନ୍ତା ଗୁରୁବାରଠାରୁ ରାଜକୋଟରେ ସୌରାଷ୍ଟ୍ର ବିପକ୍ଷରେ ଖେଳାଯିବାକୁ ଥିବା ଗ୍ରୁପ୍-ବି' ମ୍ୟାଚ୍‌ରେ ପଞ୍ଜାବ ପାଇଁ ସେ ଖେଳିବେ। ଦେଶର ପ୍ରମୁଖ ଘରୋଇ ଟୁର୍ନାମେଣ୍ଟର ନକ୍‌ଆଉଟ୍ ପର୍ଯ୍ୟାୟକୁ ଉନ୍ନୀତ ହେବା ପାଇଁ ପଞ୍ଜାବ ଦଳର ସାହାଯ୍ୟ କରିବାକୁ ଗିଲ ଇଚ୍ଛା ପ୍ରକଟ କରିଛନ୍ତି। ସେ ବର୍ତ୍ତମାନ ଇନ୍ଦୋରରେ ଥିବାବେଳେ ରାଜକୋଟକୁ ଏବେ କୌଣସି ସିଧାସଳଖ ଫ୍ଲାଇଟ୍ ନାହିଁ। ଏଣୁ ତାଙ୍କୁ ରାଜକୋଟରେ ପହଞ୍ଚିବା ପାଇଁ ୮ ଘଣ୍ଟା ଲାଗିବ ବୋଲି ପଞ୍ଜାବ ଦଳ ସୂତ୍ରରୁ କୁହାଯାଇଛି। ପଞ୍ଜାବ ବର୍ତ୍ତମାନ ଗ୍ରୁପ୍-ବି'ରେ ୫ ମ୍ୟାଚ୍‌ରେ ୧୧ ପଏଣ୍ଟ ସହ ଷଷ୍ଠ ସ୍ଥାନରେ ରହିଛି। ନକ୍‌ଆଉଟ୍ ରାଉଣ୍ଡରେ ସ୍ଥାନ ପକ୍କା କରିବା ଲାଗି ଦଳକୁ ତା'ର ବଳକା ୩ ମ୍ୟାଚ୍‌ରେ ନିଶ୍ଚିତ ବିଜୟ ଦରକାର। ଗିଲଙ୍କ ଫେରିବା ଦ୍ୱାରା ପଞ୍ଜାବ ଦଳର ବ୍ୟାଟିଂ ଲାଇନ-ଅପ୍ ଶକ୍ତିଶାଳୀ ହେବ।

# ପ୍ରମୋଦଙ୍କୁ ସ୍ୱର୍ଣ୍ଣ ; ପୂଜ୍ୟମ୍, ନୁରୁଲଙ୍କୁ ବ୍ରୋଞ୍ଜ୍

**ଭୁବନେଶ୍ୱର, ୧୯।୧ (ତପନ ସ୍ୱାଇଁ)**

କାଏରୋରେ ଅନୁଷ୍ଠିତ ଇଜିପ୍ଟ ପାରା ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ଓଡ଼ିଶା ଖେଳାଳିମାନେ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ଗତ ୧୩ରୁ ୧୮ ପର୍ଯ୍ୟନ୍ତ ଅନୁଷ୍ଠିତ ପ୍ରତିଯୋଗିତାରେ

**ଇଜିପ୍ଟ ପାରା ବ୍ୟାଡ୍‌ମିଣ୍ଟନ**

ଓଡ଼ିଶାର ପ୍ରମୋଦ ଭଗତ, ପୂଜ୍ୟମ ମିଶ୍ର ଓ ନୁରୁଷ ହୋସେନ ଖାଁ ପଦକ ହାସଲ କରିଛନ୍ତି। ପ୍ରମୋଦ ୨ଟି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଏସ୍‌ଏଲ୍-୩ ପୁରୁଷ ସିଙ୍ଗଲ୍ସ ଫାଇନାଲରେ ସେ ଅନ୍ୟତମ ଭାରତୀୟ ଖେଳାଳି ଉମେଶ ବିକ୍ରମ କୁମାରଙ୍କୁ ୧୯-୨୧, ୨୧-୧୫, ୨୧-୧୩ରେ ପରାସ୍ତ କରିଛନ୍ତି। ସେହିପରି ଏସ୍‌ଏଲ୍୩-ଏସ୍‌ଏଲ୍୪ ପୁରୁଷ ଡବଲ୍ସରେ ପ୍ରମୋଦ ଓ ସୁକାନ୍ତ କଦମଙ୍କ ଫାଇନାଲ



ପଦକ ସହ ଓଡ଼ିଶା ପାରା ବ୍ୟାଡ୍‌ମିଣ୍ଟନ ଖେଳାଳି।

ପ୍ରତିଦ୍ୱନ୍ଦ୍ୱୀ ଉମେଶ ବିକ୍ରମ ଓ ସୂର୍ଯ୍ୟକାନ୍ତ ଯାଦବ ଓହରି ଯାଇଥିଲେ। ଫଳରେ ୱାକ୍‌ଓଭର ପାଇ ପ୍ରମୋଦ-ସୁକାନ୍ତ ଯୋଡ଼ି ସ୍ୱର୍ଣ୍ଣ ପଦକ ହାତେଇଛନ୍ତି। ସେହିପରି ଏସ୍‌ଏଲ୍୩-ଏସ୍‌ଏଲ୍-୪ ପୁରୁଷ ଡବଲ୍ସରେ ମଞ୍ଜୁ କୁମାରଙ୍କୁ ସାଥୀକରି ଓଡ଼ିଶାର ପୂଜ୍ୟମ୍ ମିଶ୍ର ବ୍ରୋଞ୍ଜ ପଦକ ଜିତିଛନ୍ତି। ସେମିଫାଇନାଲରେ ଏହି ଯୋଡ଼ି ଅନ୍ୟତମ ଭାରତୀୟ ଉମେଶ ବିକ୍ରମ କୁମାର ଓ ସୂର୍ଯ୍ୟକାନ୍ତ ଯାଦବଙ୍କଠାରୁ ୧୮-୨୧, ୧୫-୨୧ରେ ହାରି ଯାଇଛନ୍ତି। ଡବ୍ଲ୍ୟୁଏଚ-୨ ପୁରୁଷ ସିଙ୍ଗଲ୍ସ ବର୍ଗରେ ନୁରୁଲ ହୋସେନ ଖାଁ ବ୍ରୋଞ୍ଜ ଜିତିଛନ୍ତି। ସେମିଫାଇନାଲରେ ସେ ଇରାକର ମହମ୍ମଦ କରିମ ଅବୋଦ ଆଲାମିରଙ୍କଠାରୁ ୬-୨୧, ୯-୨୧ରେ ହାରିଛନ୍ତି।

# ମାଡ୍ରିଡ ଲୌରିଅସ୍ ୱାର୍ଲ୍ଡ ସ୍ପୋର୍ଟ୍ସ ଆୱାର୍ଡ ଆୟୋଜକ

**ମାଡ୍ରିଡ୍, ୧୯।୧ (ପି.ଟି.)**

ମାଡ୍ରିଡ କ୍ରମାଗତ ତୃତୀୟ ବର୍ଷ ପାଇଁ ଲୌରିଅସ ୱାର୍ଲ୍ଡ ସ୍ପୋର୍ଟ୍ସ ଆୱାର୍ଡର ଆୟୋଜକ ହେବାକୁ ଯାଉଛି। ସୋମବାର ଏହା ଘୋଷଣା କରାଯାଇଛି। ଗତବର୍ଷ ଭଳି ଏହି ପୁରସ୍କାର ଉତ୍ସବ ଏପ୍ରିଲ ୨୦ରେ ସିବେଲେସ୍ ପ୍ୟାଲେସଠାରେ ହେବ। ପୁରସ୍କାରର ୨୦୨୬ ସଂସ୍କରଣ ପୁଣି ଥରେ ବିଶ୍ୱର କ୍ରୀଡ଼ା ସମ୍ପ୍ରଦାୟଙ୍କ ସମେତ ମନୋରଞ୍ଜନ, ସଂସ୍କୃତି ଓ ଫ୍ୟାଶନର ଜଣାଶୁଣା ବ୍ୟକ୍ତିତ୍ୱ ମାନଙ୍କୁ ଏକତ୍ରିତ କରିବ। ପ୍ରତ୍ୟେକ ୭ଟି ପ୍ରମୁଖ କାଟେଗୋରୀରେ ଜଣେ ଲେଖାଏ ବିଜେତାଙ୍କୁ ଆଇକନିକ ଲୌରିଅସ୍ ପ୍ରତିମୂର୍ତ୍ତି ସହ ପୁରସ୍କୃତ କରାଯିବ।

# ଭାରତରେ ଖେଳ ନଚେତ ବାଦ୍

**ବେଙ୍ଗାଲୁରୁ,୧୯।୧:** ଆସନ୍ତା ଫେବୃଆରୀରେ ହେବାକୁ ଯାଉଥିବା ଟି୨୦ ବିଶ୍ୱକପ୍‌ରେ ବାଂଲାଦେଶ ଦଳ ଅଂଶଗ୍ରହଣ କରିବ କି ନାହିଁ, ସେ ନେଇ ଲାଗି ରହିଥିବା ଅନିଶ୍ଚିତତା ଜାରି ରହିଛି। ଏହି ଅନିଶ୍ଚିତତାର ଅନ୍ତ ଘଟାଇବା ଲାଗି ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ପକ୍ଷରୁ ବାଂଲାଦେଶ କ୍ରିକେଟ ବୋର୍ଡ (ବିସିବି) ଆଗରେ ଏକ ସର୍ତ୍ତ ରଖାଯାଇଛି। କିଛି ଗଣମାଧ୍ୟମ ରିପୋର୍ଟ ମୁତାବକ, ଆଇସିସି ପକ୍ଷରୁ ବାଂଲାଦେଶକୁ କୁହାଯାଇଛି ଯେ, ଭାରତରେ ମ୍ୟାଚ୍ ଖେଳିବାକୁ ରାଜି ହୋଇଯାଅ ନ ହେଲେ ଟୁର୍ନାମେଣ୍ଟରୁ ବାଦ୍ ପଡ଼ିବାକୁ ପ୍ରସ୍ତୁତ ରୁହ। ଏଥିସହିତ ଆସନ୍ତା ବୁଧବାର ସୁଦ୍ଧା ସ୍ପଷ୍ଟ କରିବାକୁ ବିସିବିକୁ କୁହାଯାଇଛି। ଯଦି ବାଂଲାଦେଶ ଭାଗ ନ ନେବାକୁ ନିଷ୍ପତ୍ତି ନିଏ, ତେବେ ସ୍କଟଲାଣ୍ଡ ବଦଳ ଦଳ ଭାବେ ବିଶ୍ୱକପ୍‌ରେ ସାମିଲ କରାଯିବ।

**ବାଂଲାଦେଶ ଆଗରେ ସର୍ତ୍ତ ରଖିଲା ଆଇସିସି**

ସମସ୍ୟାର ସମାଧାନ ଲାଗି ଢାକାଠାରେ ରବିବାର ଆଇସିସି ଓ ବିସିବି ଅଧିକାରୀଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। କିନ୍ତୁ କୌଣସି ସମାଧାନର ବାଟ ମିଳି ନ ଥିଲା। ଆଲୋଚନା ବେଳେ ବାଂଲାଦେଶର ମ୍ୟାଚ୍‌କୁ ଶ୍ରୀଲଙ୍କାକୁ ସ୍ଥାନାନ୍ତର କରିବା ପାଇଁ ବିସିବି ପକ୍ଷରୁ ଅନୁରୋଧ କରାଯାଇଥିଲା। ହେଲେ ଆଇସିସି ପକ୍ଷରୁ ଆନୁଷ୍ଠାନିକ ଭାବେ କିଛି ପ୍ରତିକ୍ରିୟା ପ୍ରକାଶ କରାଯାଇ ନ ଥିଲା।

## ରିପୋର୍ଟକୁ ବିସିବିର ଖଣ୍ଡନ

ଆଇସିସି ପକ୍ଷରୁ ବାଂଲାଦେଶକୁ ଆସନ୍ତା ୨୧ ତାରିଖ ମଧ୍ୟରେ ଭାରତରେ ଖେଳିବ କି ନାହିଁ ସ୍ପଷ୍ଟ କରିବାକୁ ନେଇ ପ୍ରକାଶ ପାଇଥିବା ରିପୋର୍ଟକୁ ବାଂଲାଦେଶ କ୍ରିକେଟ ବୋର୍ଡ (ବିସିବି) ଖଣ୍ଡନ କରିଛି। ସେଭଳି କୌଣସି ତାରିଖ ଧାର୍ଯ୍ୟ ହୋଇନାହିଁ ଏବଂ ପୁଣି ଥରେ ଭେନ୍ୟୁ ସ୍ଥାନାନ୍ତର ଲାଗି ବୋର୍ଡ ପକ୍ଷରୁ କୁହାଯାଇଛି। ବିସିବି ନିର୍ଦ୍ଦେଶକ ଅମଜାଦ ହୋସେନ ପ୍ରକାଶ କରିଛନ୍ତି ଯେ, ଗତ ଶନିବାର ଜଣେ ଆଇସିସି ପ୍ରତିନିଧି ଆସିଥିଲେ। ଆମ ବୋର୍ଡର ଅଧିକାରୀଙ୍କ ସହ ତାଙ୍କର ବୈଠକ ହୋଇଥିଲା। ଆମେ ସେମାନଙ୍କୁ ବିକଳ୍ପ ଭେନ୍ୟୁ ଲାଗି ଅନୁରୋଧ କରିଥିଲୁ। ଆଇସିସି ପ୍ରତିନିଧିଙ୍କ ସହ ବିସ୍ତୃତ ଆଲୋଚନା ହୋଇଥିଲା। ସେହି ସମୟରେ ସେମାନେ କହିଥିଲେ ଯେ, ଆଇସିସିକୁ ଏ ବିଷୟରେ ଜଣାଇବେ।




Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ